READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୨୨ ୧୨ - ୧୮ ଜୁନ୍, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-22 12th - 18th JUNE, 2023 BHUBANESWAR ₹ 5/- (8 Pages)

### ଅପାରଗ ମନ୍ତ୍ରୀ ଯୋଗୁଁ ବିଦାହେଲେ ରୋହିତ !

# ଷଡ଼ଯନ୍ତ୍ର ନା କଳାକର୍ମର ଫଳ

**ଭୁବନେଶ୍ୱର :** ରାଜ୍ୟ ରାଜନୀତିରେ ହଇଚଇ। ମାତ୍ର ୧୨ମାସ ପୂର୍ବରୁ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଅପ୍ରତ୍ୟାଶିତ ଢଙ୍ଗରେ ମନ୍ତ୍ରିମଣ୍ଡଳରୁ ବହିଷ୍କୃତ କରାଯାଇଛି। ମନ୍ତ୍ରୀ ଭାବେ ଶ୍ରୀପୂଜାରୀଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଦର୍ଶନ ସବୁଠୁ ନିକୃଷ୍ଟ ଥିବାରୁ ତାଙ୍କୁ ବହିଷ୍କାର କରାଗଲା ବୋଲି ଏକ ସନ୍ଦେଶକୁ ସୁଚିନ୍ତିତ ଯୋଜନାବଦ୍ଧ ଭାବେ ଗଣମାଧ୍ୟମକୁ ଦିଆଗଲା। ଆଉ ସେହି ଆଧାରରେ ରାଜ୍ୟର ଗଣମାଧ୍ୟମଗୁଡ଼ିକ ବି ଶ୍ରୀ ପୂଜାରୀ ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିବା ନେଇ ରିପୋର୍ଟ ପ୍ରକାଶ କଲେ। ତେବେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଭଳି ସଙ୍ଗୀନ ଅଭିଯୁକ୍ତ ଥିବା ମନ୍ତ୍ରୀମାନଙ୍କୁ ଇସ୍ତଫା ଦେବାର ସୁଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ରୋହିତଙ୍କୁ ଅପମାନ ଦେଇ ବହିଷ୍କାର କରିବା ପଛରେ କିଛି ରାଜନୀତିକ ଷଡ଼ଯନ୍ତ୍ର ରହିଛି ନା ରୋହିତଙ୍କ କଳାକର୍ମର ଫଳ ଯୋଗୁଁ ଏଭଳି ନିଷ୍ପତ୍ତି ନେଲେ ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ, ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ପାଇଁ ଯେଉଁ ଅଜଣା ସୂତ୍ର ମାଧ୍ୟମରେ ଗଣମାଧ୍ୟମକୁ ଏକ ନିର୍ଦ୍ଦିଷ୍ଟ କାରଣ ଦିଆଯାଇଥିଲା ତାକୁ ମାତ୍ର କିଛି ଘଣ୍ଟା ମଧ୍ୟରେ ରୋହିତ ରୋକଠୋକ୍ ଖାରଜ କରିଛନ୍ତି। ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବା ପ୍ରସଙ୍ଗରେ ରୋହିତ



ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସେ ବିଭାଗର ମନ୍ତ୍ରୀ ଭାବେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଛନ୍ତି। ବୋଧହୁଏ ମୁଖ୍ୟମନ୍ତ୍ରୀ ତାଙ୍କଠୁ ଅଧିକ କିଛି ଆଶା କରୁଥିଲେ। ଆଗକୁ ଆହୁରି ଶିଖିବି, ଯାହା ଦାୟିତ୍ୱ ଦେବେ ତାକୁ କରିବି। ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବା ନେଇ ଦୁଃଖିତ ନୁହେଁ ବୋଲି ରୋହିତ କହିଛନ୍ତି। ରୋହିତଙ୍କୁ ବହିଷ୍କାର କରିବା ପଛରେ କ'ଣ କାରଣ ରହିଛି ସେ ନେଇ ଏପର୍ଯ୍ୟନ୍ତ ସରକାରୀ ଭାବେ କିଛି କୁହାଯାଇନଥିଲେ ବି ଯେଉଁ ପରିଚିତ ସୂତ୍ର ସହାୟତାରେ ଗଣମାଧ୍ୟମରେ ରୋହିତଙ୍କ ଦକ୍ଷତା ଓ ପ୍ରଦର୍ଶନ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି, ତାକୁ ନିଜେ ରୋହିତ ଆଗକୁ ଆସି ଖାରଜ କରିଛନ୍ତି। ଆଉ ଗଣମାଧ୍ୟମରେ ତାଙ୍କର ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ ପାଇଁ ଯେଉଁ ପ୍ରୟାସ ଚାଲିଥିଲା ତାକୁ ମଧ୍ୟ ନିଜ ପ୍ରତିକ୍ରିୟା ମାଧ୍ୟମରେ ମୁହଁତୋଡ଼ ଜବାବ ଦେଇଛନ୍ତି।। ମେ' ୨୨ରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣବେଳେ ରୋହିତଙ୍କୁ କ୍ଲିନଚିଟ୍ ଦେଇ ମନ୍ତ୍ରୀ ଭାବେ କାର୍ଯ୍ୟ ଜାରି ରଖିବାର ସୁଯୋଗ ଦେଇଥିବା ନବୀନ ମେ' ୨୫ରେ ରୋହିତଙ୍କ ବିଭାଗର ସମୀକ୍ଷା କଲେ। ଆଉ ବିଭାଗର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୁଷ୍ଟ ଅଛନ୍ତି ବୋଲି ନିଜେ ରୋହିତ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଥିଲେ ମଧ୍ୟ ସେତେବେଳେ କେହି ଏହି ବୟାନକୁ ଖାରଜ କରିନଥିଲେ। ତେବେ ପ୍ରଶ୍ନ ଉଠୁଛି, ରୋହିତଙ୍କୁ ଇସ୍ତଫା ଦେବାକୁ କହି ସମ୍ମାନଜନକ ଭାବେ ମନ୍ତ୍ରିମଣ୍ଡଳରୁ ବିଦା କରିବାରେ ଅସୁବିଧା ଥିଲା କେଉଁଠି ? କାହିଁକି ରୋହିତଙ୍କୁ ନିଜଆଡ଼ୁ ଇସ୍ତଫା ଦେବା ପାଇଁ ସୁଯୋଗ ଦିଆଗଲାନି ? ➤ ପୃ-୬

### ସୁପରହିଟ୍ ଓଡ଼ିଶା ମଡେଲ

## ରାଜ୍ୟରେ କମିଛି ଗରିବୀ

**ଭୁବନେଶ୍ୱର :** ଏସ୍‌ଡିଜି ନମ୍ବର ୱାନ୍ ଟାର୍ଗେଟ୍ ହଟାଅ ଗରିବୀ। ଟାର୍ଗେଟ ପୂରା କରିପାରିଛି ଓଡ଼ିଶା। ସୁପରହିଟ୍ ଓଡ଼ିଶା ମଡେଲ। ଅନ୍ୟ ରାଜ୍ୟଙ୍କୁ ଆପଣେଇବାକୁ ଖୋଦ ନୀତି ଆୟୋଗ ଦେଇଛି ପରାମର୍ଶ। ଦେଶ ଓ ରାଜ୍ୟରୁ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସବୁ ସରକାରଙ୍କୁ ଦିଆଯାଇଛି ନିରନ୍ତର ବିକାଶ ଲକ୍ଷ୍ୟ- ଏସ୍‌ଡିଜି। ଯାହାକୁ ଓଡ଼ିଶା ପୂରା କରିପାରିଥିବାବେଳେ ରାଜ୍ୟରେ ଗରିବଙ୍କୁ ଭରପୂର ଖାଦ୍ୟ ସହିତ ବାସ ଓ ଭୂମିହୀନଙ୍କୁ ଜାଗା ମିଶନ ଜରିଆରେ ଭୂମି ପ୍ରଦାନ କରାଯାଉଛି। ସୁବିଧା, ପୁଷ୍ଟିକର ସୁଷମ ଖାଦ୍ୟ, ମାଗଣା ସ୍ୱାସ୍ଥ୍ୟସେବା, ଗରିବ ପିଲାଙ୍କ ମୌଳିକ ଓ ଉଚ୍ଚତର ଶିକ୍ଷା ପାଇଁ ବ୍ୟବସ୍ଥା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏସ୍‌ଡିଜିର ପ୍ରଥମ ମାପକାଠି ପୂରା କରିଛନ୍ତି। ଏବେ ଓଡ଼ିଶା ମଡେଲ୍ ଯେପରି ଅନ୍ୟ ରାଜ୍ୟ ଆପଣାଇବେ, ସେଥିପାଇଁ ଖୋଦ ନୀତି ଆୟୋଗ ଦେଉଛନ୍ତି ପରାମର୍ଶ। ଓଡ଼ିଶା ମିଲେଟ୍ ମିଶନ, କୃଷିର ବିକାଶ, ମହିଳା ସଶକ୍ତୀକରଣ ପାଇଁ ମିଶନ ଶକ୍ତି, ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଓ ବିପର୍ଯ୍ୟୟ ମୁକାବିଲାରେ ଜିରୋ କାଜୁଆଲଟି ବିଶ୍ୱ ସମୁଦାୟଙ୍କ ଦୃଷ୍ଟି ଆକର୍ଷଣ କରିଛି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ଏସ୍‌ଡିଜି ମାନଦଣ୍ଡ ନେଇ ରିପୋର୍ଟକୁ ପ୍ରଶଂସା କରିଛନ୍ତି ନୀତି ଆୟୋଗ। ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ୧୭ଟି ଟାର୍ଗେଟ୍ ଧାର୍ଯ୍ୟ କରାଯାଇଛି। ୨୦୨୦ ମସିହାରୁ ଓଡ଼ିଶା ସରକାର ବାର୍ଷିକ ବଜେଟରେ ଏସ୍‌ଡିଜି ବଜେଟିଂ ଆରମ୍ଭ କରିଛନ୍ତି। ଏହାସହିତ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଓ ତଦାରଖ ପାଇଁ ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ସ୍ୱତନ୍ତ୍ର ଏସ୍‌ଡିଜି ସେଲ୍ ଖୋଲାଯାଇଛି। ନିରନ୍ତର ବିକାଶ ଲକ୍ଷ୍ୟ କିପରି ହାସଲ ହେବ ସେନେଇ ରାଜ୍ୟସ୍ତରରେ, ବିଭାଗ, ଜିଲ୍ଲା, ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଜନପ୍ରତିନିଧି ସରକାରୀ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଗରିବଙ୍କ ପାଇଁ କାର୍ଯ୍ୟକାରୀ ହୋଇଛି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା। କେନ୍ଦ୍ର ଉପରେ ନିର୍ଭର ନ କରି ସମସ୍ତ କଲ୍ୟାଣକାରୀ ଯୋଜନା କିପରି ଦୀର୍ଘ ବର୍ଷ ଧରି ଚାଲୁରହିବ ସେଥିପାଇଁ ରାଜ୍ୟ ସରକାର କରିଆସୁଛନ୍ତି ଆର୍ଥିକ ବ୍ୟବସ୍ଥା।

### କୋର୍ଟ କର୍ମଚାରୀଙ୍କ ପାଇଁ ଡ୍ରେସ କୋଡ୍

## ସରକାର ଦେବେ ୟୁନିଫର୍ମ ଭତ୍ତା

**ଭୁବନେଶ୍ୱର :** ରାଜ୍ୟର ସମସ୍ତ ଜିଲ୍ଲା ଓ ତଳ କୋର୍ଟରେ କାର୍ଯ୍ୟରତ କର୍ମଚାରୀମାନେ ଏଣିକି ନିୟମିତ ୟୁନିଫର୍ମ ପିନ୍ଧିବେ। ଏହି କର୍ମଚାରୀମାନଙ୍କୁ ୟୁନିଫର୍ମ ଭତ୍ତା ଓ ପୋଷାକ ସଫା ପାଇଁ ମଧ ଭତ୍ତା ରାଜ୍ୟ ସରକାର ପ୍ରଦାନ କରିବେ। ଜଷ୍ଟିସ ସେଟ୍ଟୀ କମିଶନଙ୍କ ସୁପାରିଶରେ ୟୁନିଫର୍ମ ଭତ୍ତା ଓ ଓଡ଼ିଶା ହାଇକୋର୍ଟଙ୍କ ସୁପାରିଶରେ ଡ୍ରେସ୍ କୋଡ୍ ଲାଗୁ କରିବାକୁ ରାଜ୍ୟ ସରକାର ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲା ଓ ତଳ କୋର୍ଟରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ୪ହଜାର ଟଙ୍କାର ୟୁନିଫର୍ମ ଭତ୍ତା (ପ୍ରତି ଦୁଇବର୍ଷ ପାଇଁ) ଓ ଡ୍ରେସ ସଫା ପାଇଁ ୨୦୦ଟଙ୍କା (ପ୍ରତି ୩ମାସକୁ) ଭତ୍ତା ପ୍ରଦାନ କରିବେ। କୋର୍ଟରେ





କାର୍ଯ୍ୟରତ କର୍ମଚାରୀମାନଙ୍କୁ ପିଛିଲା ଭାବେ ୨୦୨୩ ଏପ୍ରିଲ ୧ରୁ ଏହି ଭତ୍ତା ମିଳିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଜଷ୍ଟିସ ସେଟ୍ଟୀ କମିଶନଙ୍କ ସୁପାରିଶକୁ ଆଧାର କରି ରାଜ୍ୟ ସରକାର ଜିଲ୍ଲା ଓ ତଳ କୋର୍ଟରେ କାର୍ଯ୍ୟରତ ଗ୍ରୁପ-ଏ, ବି ଓ ସି ବର୍ଗର କର୍ମଚାରୀମାନଙ୍କୁ ୟୁନିଫର୍ମ ଭତ୍ତା ଓ ଡ୍ରେସ ସଫା ଭତ୍ତା ଯୋଗାଇ ଦେବେ। ଏହି କର୍ମଚାରୀମାନେ ପ୍ରତି ୨ବର୍ଷରେ ୟୁନିଫର୍ମ ଭତ୍ତା ➤ ପୃ-୬

## ରେଳ ଟ୍ରାଜେଡି ବେଳେ ସିଙ୍ଗାପୁରରେ ବିଜେଡି ନେତାଙ୍କ ଉତ୍ସବ

**ଭୁବନେଶ୍ୱର :** ରାଜ୍ୟରେ ରେଳ ଟ୍ରାଜେଡି। ସେପଟେ ଫରେନ ଟୁରରେ ଟିମ୍ ବିଜେଡି। ବାହାନଗା ରେଳ ଟ୍ରାଜେଡି ବେଳେ ବିଜେଡି ନେତାଙ୍କ ଫରେନ୍ ଟୁରକୁ ନେଇ ଚର୍ଚ୍ଚା।। ଶୁକ୍ରବାର ସନ୍ଧ୍ୟାରେ ରେଳ ଦୁର୍ଘଟଣା ଘଟିଥିବା ବେଳେ ଶନିବାର ବିଦେଶ ଗସ୍ତରେ ବାହାରିଥିଲେ ବିଜେଡିର ଜଣେ ମନ୍ତ୍ରୀ ୮ ବିଧାୟକ ଆଉ ୩ ମେୟର। ଏମିତିକି ଖୋଦ ସୋର



ବିଧାୟକ ପର୍ଶୁରାମ ଧଡା ବି ବିଦେଶ ବୁଲୁଥିଲେ। ଯାହାକୁ ଦୁର୍ଭାଗ୍ୟଜନକ କହି ଶାସକ ଦଳକୁ ଘେରିଛନ୍ତି ବିରୋଧୀ। ଶନିବାର ବାହାନଗା ଦୁର୍ଘଟଣାସ୍ଥଳରୁ ଯେତେବେଳେ ମୃତଦେହ ଉଦ୍ଧାର ଚାଲିଥିଲା ସେତେବେଳେ ସିଙ୍ଗାପୁରରେ ଚାଲିଥିଲା ଶାସକ ଦଳର ସେଲିବ୍ରେସନ। ଏପଟେ ବାଲେଶ୍ୱରରେ ଶବର ପାହାଡ ଛିଡ଼ା ହୋଇଥିଲା ତ, ସେପଟେ ବିଜେଡି ବିଧାୟକଙ୍କ ଚାଲିଥିଲା ବିଦେଶ ଭ୍ରମଣ। ବାହାନଗା ପୀଡିତଙ୍କ ପାଇଁ ଯେତେବଳେ ସାରା ବିଶ୍ୱ ପ୍ରାର୍ଥନା କରୁଥିଲା, ସେତେବେଳେ ସିଙ୍ଗାପୁରରେ ବିଜେଡି ନେତା ପାଲୁଥିଲେ ➤ ପୃ-୬

## ସ୍ୱପ୍ନ ପୂରଣ କରିବ 'ମୋ ଘର'

**ଭୁବନେଶ୍ୱର :** ପୂରଣ ହେବ ସ୍ୱପ୍ନ। ଘର ପାଇଁ ଆଉ ଚିନ୍ତାରେ ରହିବେନି ନିମ୍ନ ଓ ମଧ୍ୟବିତ୍ତ ପରିବାର। ବିଭିନ୍ନ ଯୋଜନାରେ ରାଜ୍ୟର ୧ ଲକ୍ଷ ୭୪ ହଜାର ହିତାଧିକାରୀଙ୍କ ଘର ଅଧା ନିର୍ମାଣ ହୋଇ ବର୍ଷ ବର୍ଷ ଧରି ପଡ଼ିରହିଛି। ରାଜ୍ୟ ସରକାରଙ୍କ ମୋ ଘର ଯୋଜନା ଏସବୁ ଘରକୁ



ସମ୍ପୂର୍ଣ୍ଣ କରିବାରେ ବଡ଼ ସହାୟକ ହେବ। ବିଧାନସଭାର ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟି ବୈଠକରେ ଏନେଇ ପଞ୍ଚାୟତିରାଜ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ବନ୍ୟାପ୍ରବଣ ଅଞ୍ଚଳ ଓ ସ୍ୱାଭିମାନ ଅଞ୍ଚଳରେ ଘର ନିର୍ମାଣ ପାଇଁ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଛି କମିଟି। ମୋ ଘର ଯୋଜନା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସକୁ କମିଟି ଧନ୍ୟବାଦ ଦେବା ସହ ଲୋକମାନେ କିପରି ସହଜରେ ସୁବିଧା ପାଇବେ ତା' ଉପରେ ଗୁରୁତ୍ୱ ଦେଇଛି। ମୋ ଘର ପାଇଁ ରାଜ୍ୟ ସରକାର ସୁଧ ରିହାତି ଦେବେ। ହିତାଧିକାରୀଙ୍କୁ ତୁରନ୍ତ ଋଣ ପ୍ରଦାନ ଉପରେ ସରକାର ଫୋକସ କରିଥିବା କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଜୁନ ୧୬ ତାରିଖରୁ ମୋ ଘର ➤ ପୃ-୬

### ବକ୍ରବାଣୀ



କିବା ନୂଆ କଥା ଘଟୁଚି ଦେଖ
ଯାଦୁଆ ବିକୁଚି ଯାଦୁ ମଲମ
ଗଞ୍ଜୋଡ଼ ନେଖୁଚି ଗଞ୍ଜେଇ ଗପ
ପାଟିରେ ପୁରେଇ ଭରା ଚିଲମ
ଖରାବେଳେ ମିଶ୍ର କଅଣ କଲା
ଝୁଅଟାକୁ ଦଇବ ଛାଡ଼ିଗଲାକି
ଲାଜ ନାହିଁ ତା'ର ମୁହଁକୁ ଟିକେ
ବାବୁଆଣୀ ଛେଚା ଭୁଲିଗଲାକି
କଉ କଥା ଶୁଣ ସିଏ କଉଚି
ଏ କଥା କି ତାକୁ ଶୋଭା ପାଉଚି !
——— ଟୁଟୁ

## 'ରୋଜଗାର ମେଳା ସରକାରୀ ନିଯୁକ୍ତି ପ୍ରକ୍ରିୟାକୁ ସଂସ୍ଥାଗତ ରୂପ ଦେଇଛି'

**ଭୁବନେଶ୍ୱର, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିନବ ପରିକଳ୍ପନାରେ ଆୟୋଜନ କରାଯାଉଥିବା ରୋଜଗାର ମେଳା ସରକାରୀ ନିଯୁକ୍ତି ପ୍ରକ୍ରିୟାକୁ ସଂସ୍ଥାଗତ ରୂପ ଦେଇଛି ବୋଲି କହିଛନ୍ତି କେନ୍ଦ୍ର ବିଜ୍ଞାନ ପ୍ରଯୁକ୍ତି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ ଏବଂ ନେସନ ପ୍ରଶାସନ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ। କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ମନ୍ତ୍ରଣାଳୟର ୯ ବର୍ଷର ଉପଲବ୍ଧି ସମ୍ପର୍କରେ ଗଣମାଧ୍ୟମକୁ ସମ୍ବୋଧିତ କରି ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି ଯେ, ପ୍ରଶାସନିକ ଏବଂ ସରକାରୀ ବ୍ୟବସ୍ଥାରେ ସଂସ୍କାର ଆଣିବା ସମୟରେ ଯୁବକମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଯୁବବର୍ଗଙ୍କୁ ରୋଜଗାର ଦେବା ପାଇଁ ରୋଜଗାର ମେଳା ଏକ ପ୍ରମୁଖ ତଥା ସାହସିକ ପଦକ୍ଷେପ। ଏହାବ୍ୟତୀତ ବିଭିନ୍ନ ଯୋଜନାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ବର୍ତ୍ତମାନର ସରକାରଙ୍କ ପରିଚୟ



ପାଲଟିଛି। କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ ରୋଜଗାର ମେଳା ଜରିଆରେ କେନ୍ଦ୍ର ସରକାର ଏବଂ ସହଯୋଗୀ ରାଜ୍ୟ ସରକାର ମିଶନ୍ ମୋଡ୍ରେ ୧୦ ଲକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବିତରଣ କରିବେ। ଡକ୍ଟର ସିଂ ଆହୁରି କହିଥିଲେ ଯେ, ମେ ୨୦୨୩ରେ ଶେଷ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। ଗତ ୯ ବର୍ଷ ମଧ୍ୟରେ ସରକାର ନିଯୁକ୍ତି ପ୍ରକ୍ରିୟା ଉପରେ ପ୍ରାଥମିକତା ଦେଇ ଏହାକୁ ଦ୍ରୁତ, ପାରଦର୍ଶୀ ଓ ନିରପେକ୍ଷ କରିଛନ୍ତି। ପୂର୍ବରୁ ନିଯୁକ୍ତି ପ୍ରକ୍ରିୟାରେ ଦେଖା ଦେଉଥିବା ସମସ୍ୟା ବିଷୟରେ ସେ କହିଥିଲେ। ପୂର୍ବରୁ କର୍ମଚାରୀ ଚୟନ ବୋର୍ଡ ଦ୍ୱାରା ନୂଆ ନିଯୁକ୍ତି ପାଇଁ ପ୍ରାୟ ୧୫ରୁ ୧୮ ମାସ ଲାଗୁଥିଲା ଯାହାକି ଏବେ ୬ରୁ ୮ ମାସକୁ ହ୍ରାସ ପାଇଛି। ଯୁବ କୈନ୍ଦ୍ରିକ ନିଯୁକ୍ତି ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରି ଡକ୍ଟର ଜିତେନ୍ଦ୍ର ସିଂ କହିଥିଲେ, ଗ୍ରୁପ୍ ବି ଅଣଗେଜେଟେଡ୍ ଏବଂ ତା'ଠାରୁ ନିମ୍ନ ପଦବୀ ପାଇଁ ସାକ୍ଷାତକାର ଉଚ୍ଛେଦ କରାଯାଇଛି। ଫଳରେ ଅଧିକ ପାରଦର୍ଶିତା ଆସିଛି। କାଗଜ ଆଧାରିତ ପରୀକ୍ଷା ପରିବର୍ତ୍ତେ କମ୍ପ୍ୟୁଟର ଆଧାରିତ ପରୀକ୍ଷା କରାଯାଉଛି। ବିଭିନ୍ନ ଏସଏସସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଆଞ୍ଚଳିକ ଭାଷାର ପ୍ରୟୋଗ କାରଣରୁ ଅଧିକ ସଂଖ୍ୟାରେ ଯୁବବର୍ଗ ସରକାରୀ ଚାକିରି କରିବା ପାଇଁ ଆବେଦନ କରୁଛନ୍ତି। ଡକ୍ଟର ସିଂ ଗତ ୯ ବର୍ଷ ମଧ୍ୟରେ ଆସିଥିବା ପ୍ରଶାସନିକ ସଂସ୍କାର ବିଷୟରେ ଉଲ୍ଲେଖ କରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ➤ ପୃ-୬

### ୧୦ ଜିଲ୍ଲାରେ କଂଗ୍ରେସର ନୂଆ ସଭାପତି

## ସାଲୁଜା ଓ ପଞ୍ଚାନନଙ୍କୁ ଗୁରୁଦାୟିତ୍ୱ

**ଭୁବନେଶ୍ୱର :** କଂଗ୍ରେସ ନେତୃତ୍ୱ ଓଡ଼ିଶାର ୧୦ଟି ଜିଲ୍ଲାରେ ନୂଆ ସଭାପତିଙ୍କୁ ନିଯୁକ୍ତି ଦେଇଛନ୍ତି। ଏହାସହିତ ପତ୍ନୀ ମିନାକ୍ଷୀ ବାହିନୀପତିଙ୍କ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ପଦ ବଜାୟ ରଖିବା ପାଇଁ ଜୟପୁର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଦଳ ଉପରେ ପକାଇଥିବା ଚାପ ମଧ୍ୟ ଫେଲ୍ ମାରିଛି। କୋରାପୁଟ ଜିଲ୍ଲାରେ ମିନାକ୍ଷୀଙ୍କ ପରିବର୍ତ୍ତେ ଦୁର୍ଗା ଶଙ୍କର ସାହୁଙ୍କୁ ଦଳର ଜିଲ୍ଲା ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ରାଜ୍ୟରେ ନିଜର ଇସ୍ତାହାର କମିଟି, ଶୃଙ୍ଖଳା କମିଟି, ପ୍ରଚାର ଓ ପ୍ରସାର କମିଟି, ଏଆଇସିସି କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟି ଗଠନ କରିଛି। ଏଥିରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ଯଜ୍ଞେଶ୍ୱର ବାବୁଙ୍କୁ



ଗୁରୁତ୍ୱ ମିଳିଛି। ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କ ଦ୍ୱାରା ସୂଚନା ଅନୁସାରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଅନୁମୋଦନକ୍ରମେ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଦୁର୍ଗା ଶଙ୍କର ସାହୁ, ନୂଆପଡ଼ା- ସୁରେଶ କୁମାର ଆଜାଦ, କେନ୍ଦୁଝର-ମୋହନ ପରିଡ଼ା, ପୁରୀ-ଜୟରାମ ପଟ୍ଟନାୟକ, ଭଦ୍ରକ-ଅଶୋକ ଦାସ, ଅନୁଗୁଳ-ସଂଗ୍ରାମ ମିଶ୍ର, ସମ୍ବଲପୁର- ଆସିଫ ଅଲ୍ଲୀ ଖାନ୍, ସୁନ୍ଦରଗଡ଼-ଦନାର୍ଦ୍ଦନ ଦେହୁରୀ, ରାୟଗଡ଼ା-ବିଜୟ କୁମାର ଗମାଙ୍ଗ ଓ ଦେବଗଡ଼ ସେମ୍ ହେମ୍ବ୍ରମଙ୍କୁ ଜିଲ୍ଲା ସଭାପତି ଭାବେ ତତକାଳ ➤ ପୃ-୬





### ବାହାନଗା ରେଳ ଦୁର୍ଘଟଣା ପରେ ଚେତିଲା ରେଳ ମନ୍ତ୍ରଣାଳୟ

# ସମୟାନୁବର୍ତ୍ତିତା ଅପେକ୍ଷା ସୁରକ୍ଷାକୁ ଅଗ୍ରାଧିକାର

**ଭୁବନେଶ୍ୱର :** ବାହାନଗାଠାରେ ରଳେ ଦୁର୍ଘଟଣାପରେ କେନ୍ଦ୍ର ରେଳ ମନ୍ତ୍ରାଳୟ ପକ୍ଷରୁ ରେଳ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏନେଇ ରେଳ ବୋର୍ଡର ଅଧ୍ୟକ୍ଷ/ସିଇଓ ଏବଂ ବୋର୍ଡ ସଦସ୍ୟଙ୍କ ଦ୍ୱାରା ଭିସି ଯୋଗେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ ଏଣିକି ରେଳ ମରାମତି ପାଇଁ ଆବଶ୍ୟକୀୟ ପର୍ଯ୍ୟାପ୍ତ ସମୟ ବା ବ୍ଲକ ପିରିୟଡ ରେଳ କର୍ମଚାରୀଙ୍କୁ ମିଳିବ। ଏଥିପାଇଁ ଡିଭିଜିଓନାଲ ରେଲୱେ ମ୍ୟାନେଜର(ଡିଆରଏମ) କ୍ଷେତ୍ରସ୍ତରରେ କାମ କରୁଥିବା ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ଆବଶ୍ୟକୀୟ ବ୍ଲକ ପିରିଡୟ ଯୋଗାଇଦେବେ। ସେହିପରି ରେଳ ଚଳାଚଳ ବେଳେ କୌଣସି ବିପଦ କିମ୍ବା ଅସୁରକ୍ଷିତ ପରିସ୍ଥିତିର ଅନୁଭବ କଲେ ରେଳବାଇର ଯେକୌଣସି କର୍ମଚାରୀ ସମ୍ପୃକ୍ତ ରେଳକୁ ଅଟକାଇ ପାରିବେ ବୋଲି ନିଷ୍ପତ୍ତି ହୋଇଛି। ଏହାର



ଅନୁପାଳନ କରିବାକୁ ରେଳବୋର୍ଡ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନାଯୋଗ୍ୟ ଯେ, ଟ୍ରେନ କିମ୍ବା ଟ୍ରାକରେ ମରାମତି ବେଳେ ଯେଉଁ ସମୟ ଆବଶ୍ୟକ ହୋଇଥାଏ, ତାହାକୁ ବ୍ଲକ ପିରିୟଡ କୁହାଯାଇଥାଏ। ଏହି ବ୍ଲକ ପିରିୟଡ ସମୟରେ କୌଣସି ରେଳ ଚଳାଚଳ କରିନଥାଏ। ତେବେ ପୂର୍ବରୁ ଟ୍ରେନ ଚଳାଚଳରେ ସମୟାନୁବର୍ତ୍ତିତା ରକ୍ଷା କରିବା ପାଇଁ ଆବଶ୍ୟକ ହେଉଥିବା ବ୍ଲକ ପିରିୟଡଠାରୁ କମ୍ ସମୟ ଯନ୍ତ୍ରୀମାନଙ୍କୁ ମିଳୁଥିଲା। ଯାହାଫଳରେ ମରାମତି କାର୍ଯ୍ୟ କରିବା କଷ୍ଟସାଧ୍ୟ ହୋଇ ପଡୁଥିଲା। ତେବେ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଯାଇ ଏଣିକି ପର୍ଯ୍ୟାପ୍ତ ମାତ୍ରାରେ ବ୍ଲକ ପିରିୟଡ ଯୋଗାଇ ଦିଆଯିବ ବୋଲି ରେଳବୋର୍ଡ ନିଷ୍ପତ୍ତି ନେଇଛି। ସେହିପରି ରେଳ ଚଳାଚଳରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରେଳବୋର୍ଡ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରେଳ ଚଳାଚଳ ବେଳେ ଯଦି କୌଣସି କର୍ମଚାରୀଙ୍କ ମନରେ ସୁରକ୍ଷା ନେଇ କୌଣସି ସନ୍ଦେହ ପ୍ରକାଶ ପାଏ ଅଥବା ସେମାନେ କୌଣସି ବିପଦ ଅନୁଭବ କରନ୍ତି ତାହେଲେ ସେମାନେ ରେଳ ଚଳାଚଳ ବନ୍ଦ କରିପାରିବେ। ଏକ୍ଷେତ୍ରରେ କର୍ମଚାରୀ ଜଣକ ଯେତେ ତଳିଆ ହେଲେବି ଟ୍ରେନ ବନ୍ଦ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ଯଦି ସେମାନଙ୍କ ସନ୍ଦେହ ସତରେ ପରିଣତ ହୁଏ, ତାହେଲେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ସ୍ଥିରୀକୃତହୋଇଛି। ସେହିପରି ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ରେଳବାଇର ବରିଷ୍ଠ ଅଧିକାରୀମାନେ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ବିବାଦ ଯୋଗ ଅଛି। ଧନର ସ୍ଥିତି ମଜବୁତ ହେବ। ଉପହାର ପାଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶୁଭ ଖବର। ଜୀବନସାଥୀଙ୍କ ସହ ଧାର୍ମିକ ଯାତ୍ରାରେ ଯାଇପାରନ୍ତି। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ ଗାଡି କ୍ରୟ କରିପାରନ୍ତି।

**ବୃଷ** ଖାଦ୍ୟରେ ଧ୍ୟାନ ଦିଅନ୍ତୁ। ତରବରିଆ ଭାବେ କାମ ଶେଷ କରନ୍ତୁ ନାହିଁ। ବନ୍ଧୁଙ୍କ ସହ ସମୟ କଟାଇବେ। ୨ଟି ଜାଗାରୁ ଧନପ୍ରାପ୍ତି ଯୋଗ ଅଛି। କାମରେ ପ୍ରଶଂସିତ ହେବେ। କଳାରେ ରୁଚି ବଢ଼ିବ। ବିଦେଶ ଭ୍ରମଣ ଯୋଗ ଅଛି।

**ମିଥୁନ** ସନ୍ତାନ ପାଇଁ ବ୍ୟସ୍ତ ରହିବେ। ଆୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ନୂଆ କାମ ପାଇପାରନ୍ତି। ସମ୍ମାନିତ ହେବେ। ଜୀବନସାଥୀଙ୍କ ସହ ନୂଆ ଜିନିଷ କିଣାକିଣି କରିପାରନ୍ତି। ପ୍ରେମୀଙ୍କ ପାଇଁ ସମୟ ବହୁତ ଭଲ।

**କର୍କଟ** ମନ ଚଞ୍ଚଳ ରହିବ। ଚିଡ଼ିଚିଡ଼ା ବଢ଼ିବ। ଧନ ସାମାନ୍ୟ ରହିବ। ଗାଡି ବା ଘର କରଣା ଜିନିଷ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବାଦବିବାଦ ଦେଖାଦେବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡ଼ିଯିବ।

**ସିଂହ** ଅଚାନକ ଧନପ୍ରାପ୍ତି ଯୋଗ ଅଛି। ବନ୍ଧୁ ଓ ପିତାମାତା ଆପଣଙ୍କୁ ସାକ୍ଷାତ କରିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ନୂଆ କାମ ପାଇବେ। ପ୍ରେମୀଙ୍କ ସମ୍ପର୍କ ଦୃଢ଼ ହେବ। ନୂତନ ଯାନ କ୍ରୟ କରିପାରନ୍ତି।

**କନ୍ୟା** ଉପହାର ପାଇବା ଯୋଗ ଅଛି। ଶିକ୍ଷା ପ୍ରତି ଆଗ୍ରହ ବଢ଼ିବ। ଆୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ପରିବର୍ତ୍ତନ ଯୋଗ ଅଛି। ଦୂରଯାତ୍ରା ଯୋଗ ଅଛି। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ।

**ତୁଳା** ପରିବାର ସହ ସମୟ କଟାଇବା ଯୋଗ ଅଛି। ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ପ୍ରେମୀମାନେ ମନର କଥା ପ୍ରକାଶ କରିପାରନ୍ତି। ଦର୍ଶନୀୟ ସ୍ଥାନ ଭ୍ରମଣରେ ଯାଇପାରନ୍ତି।

**ବିଛା** ପେଟରେ ସମସ୍ୟା ହୋଇପାରେ। ଧନପ୍ରାପ୍ତି ଯୋଗ ସାମାନ୍ୟ ଅଛି। ନୂଆ ଚାକିରି ପାଇପାରନ୍ତି। ପଦୋନ୍ନତି ଯୋଗ ଅଛି। ଜୀବନସାଥୀଙ୍କ ସହ ପୂଜାପାଠରେ ମନ ଦେବେ। ଗୃହରେ ଶାନ୍ତି ବଜାୟ ରହିବ।

**ଧନୁ** ସ୍ୱାସ୍ଥ୍ୟ ପାଇଁ ମନନିବେଶ କରିବେ। ରୋକିଥିବା ଧନ ପାଇବେ। ଅନ୍ୟର ସ୍ୱାସ୍ଥ୍ୟ ପରୀକ୍ଷାରେ ଧନ ଖର୍ଚ୍ଚ ହେବ। ଚାକିରିରେ ପରିବର୍ତ୍ତନ ଯୋଗ ଅଛି। ଜୀବନସାଥୀଙ୍କ ସହ ପଡୋଶୀ ସହ ବିବାଦ ହୋଇପାରେ।

**ମକର** ବହୁତ କ୍ରୋଧିତ ହେବେ। ମିଛ କହିବାକୁ ପଡିପାରେ। ଧନପ୍ରାପ୍ତି ପାଇଁ ସଂଘର୍ଷ କରିବେ। କାର୍ଯ୍ୟ କ୍ଷେତ୍ରରେ ନୂଆ ସୁଯୋଗ ପାଇବେ। ଦମ୍ପତ୍ତିଙ୍କ ସମ୍ପର୍କ ଦୃଢ଼ ହେବ। ନୂତନ ଜାଗା କ୍ରୟ କରିପାରନ୍ତି।

**କୁମ୍ଭ** ମନ ପ୍ରସନ୍ନ ରହିବ। ଧନ ବର୍ଷା ହୋଇପାରେ। ବାଣୀରେ ଲଗାମ ରଖନ୍ତୁ। କାମରେ ମନ ଲଗାନ୍ତୁ। ଘର ପାଇଁ ଖର୍ଚ୍ଚ ବଢ଼ିବ। ବିବାହ ସ୍ଥିର ହୋଇପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଭଲ ସମୟ। ନୂଆ ଗାଡି କିଣିବାର ସୁଯୋଗ ଆସିବ।

**ମୀନ** ପରିବାରରେ ବିବାଦ ହୋଇପାରେ। ବସ୍ତୁହୀନ ଯୋଗ ଅଛି। ଆୟ ଓ ବ୍ୟୟ ସମାନ ରହିବ। କାର୍ଯ୍ୟ କ୍ଷେତ୍ରରେ ସମାଧାନ ହେବ। ଶ୍ୱଶୁରାଳୟ ଭ୍ରମଣ ଯୋଗ ଅଛି। ନୂତନ ଜାଗା କିଣିପାରନ୍ତି। କୌଣସି ଏକ ଜାଗାରୁ ଟଙ୍କା ମିଳିପାରେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଆରବିଆଇ



**ମୁମ୍ବାଇ :** ରେପୋ ରେଟ୍ ବା ସୁଧ ହାରକୁ ପୁଣିଥରେ ୬.୫%ରେ ଅପରିବର୍ତ୍ତିତ ରଖିଛି ଆରବିଆଇ। ମାସିକ ମନିଟାରୀ ନୀତି ସମ୍ପର୍କରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମନିଟାରୀ ପଲିସି କମିଟି ସର୍ବସମ୍ମତିକ୍ରମେ ରେପୋ ରେଟକୁ ଅପରବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ଏହାର ଅର୍ଥ ରେପୋ ରେଟ ପୂର୍ବଭଳି ୬.୫% ରହିବ। ଆର୍ଥିକ ବର୍ଷ ୨୦୨୩-୨୪ରେ ମୁଦ୍ରାସ୍ଫୀତି ୪%ରୁ ଅଧିକ ରହିବ। ଆର୍ଥିକ ବର୍ଷ ୨୦୨୪ରେ ସିପିଆଇ ବା ଗ୍ରାହକ ଦର ସୂଚକାଙ୍କ ୫.୨%ରୁ କମି ୫.୧% ରହିପାରେ। ସେହିପରି ୨୦୨୪ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୬.୫% ରହିବାର ସମ୍ଭାବନା ରହିଛି। ଆର୍ଥିକ ବର୍ଷ ୨୦୨୪ର ପ୍ରଥମ କ୍ୱାର୍ଟର୍ରେ ପ୍ରକୃତ ଜିଡିପି ବା ଅଭିବୃଦ୍ଧି ୮% ରହିବାର ଆଶା ରହିଛି। ୪ର୍ଥ କ୍ୱାର୍ଟର୍ରେ ଏହା ୫.୭%କୁ ଖସିବାର ଆଶଙ୍କା ରହିଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି। ଆରବିଆଇ ଗଭର୍ଣ୍ଣର ଶ୍ରୀ ଦାସ ଆହୁରି କହିଛନ୍ତି ଯେ ନିବେଶରେ ଏବେ ସୁଧାର ଆସିଛି। ମୌସୁମୀ ମଧ୍ୟ ସ୍ୱାଭାବିକ ରହିବ ବୋଲି ଆକଳନ କରାଯାଇଛି। ଆରବିଆଇ ଦରବୃଦ୍ଧି ଉପରେ ନଜର ରଖିଛି। ଗତ ମାସରେ ଆମଦାନୀ ହ୍ରାସ ପାଇବାରୁ ବ୍ୟବସାୟରେ ହେଉଥିବା କ୍ଷତିରେ ସୁଧାର ଆସିଛି। ଦେଶର ବିଦେଶ ମୁଦ୍ରା ପାଣ୍ଠି ମଧ୍ୟ ଭଲ ସ୍ଥିତିରେ ରହିଛି ବୋଲି ସେ କହିଛନ୍ତି। ଏପ୍ରିଲ ମାସରେ ଦେଶର ମୁଦ୍ରାସ୍ଫୀତି ୮ ବର୍ଷର ରେକର୍ଡ ଭାଙ୍ଗି ୭.୭୯% ରହିଥିବା ମୁଦ୍ରା ନୀତି ବୈଠକରେ ଆଲୋଚନା ହୋଇଛି। ଏଥିରେ ସୁଧାର ଆଣିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ବୈଠକରେ ମତ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଭାରତରେ ବ୍ୟାଙ୍କଗୁଡ଼ିକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଓ ଆଉ ବାକି ଯେତେ ସବୁ ବ୍ୟାଙ୍କ ରହିଲେ ତାହା ବାଣିଜ୍ୟିକ ବ୍ୟାଙ୍କ ବା କମର୍ସିଆଲ୍ ବ୍ୟାଙ୍କ। ସାଧାରଣ ଲୋକଙ୍କର ଆରବିଆଇ ସହିତ କୌଣସି ସିଧାସଳଖ ସମ୍ପର୍କ ନାହିଁ କହିଲେ ଚଳେ। ଆମର ଜରୁରୀ ସମୟରେ ଆମେ ଯେମିତି କମର୍ସିଆଲ୍ ବ୍ୟାଙ୍କରୁ ଋଣ କରୁଛେ, ଆଉ ସୁଧ ଦେଉଛେ ଠିକ୍ ସେମିତି କମର୍ସିଆଲ୍ ବ୍ୟାଙ୍କଗୁଡ଼ିକର ଆବଶ୍ୟକତା ଉପୁଜିଲେ ଆରବିଆଇ ଠାରୁ ଋଣ ଆଣନ୍ତି। ଏହା ବଦଳରେ ଆରବିଆଇ ଯେଉଁ ସୁଧ ନିଏ ତାହାକୁ ରେପୋ ରେଟ୍ ବା ରିପ୍ରଡକ୍ଟିଭ୍ ରେଟ୍ ବୋଲି କୁହାଯାଏ। ଆରବିଆଇ ଟଙ୍କା ଛାପୁଥିବାରୁ ତାହାର ଏକ ବୈଶିଷ୍ଟ୍ୟ ରହିଛି ଯାହାକୁ ଇଂରାଜୀରେ "ମନୋପଲି ଅଫ୍ ନୋଟ୍ ଇସୁ" ବୋଲି କୁହାଯାଏ। କିନ୍ତୁ ଜରୁରୀ ସମୟରେ ଆରବିଆଇ ମଧ୍ୟ କମର୍ସିଆଲ୍ ବ୍ୟାଙ୍କଗୁଡ଼ିକଠାରୁ ଋଣ କରେ। ଆଉ ସେଥିପାଇଁ ଆରବିଆଇ ସେମାନଙ୍କୁ ସୁଧ ମଧ୍ୟ ଦିଏ। ଯେଉଁ ହାରରେ ଆରବିଆଇ ସୁଧ ଦିଏ ତାହାକୁ ରିଭର୍ସ ରେପୋ ରେଟ କୁହାଯାଏ।

## 'ନଗ୍ନତାକୁ ସବୁବେଳେ ଯୌନ ଦୃଷ୍ଟିରୁ ଦେଖିବା ଉଚିତ ନୁହେଁ'



**କୋଚି :** ମହିଳାଙ୍କ ନଗ୍ନ ଶରୀରର ଚିତ୍ରଣ ପରିପ୍ରେକ୍ଷୀରେ କେରଳ ହାଇକୋର୍ଟ ଭିନ୍ନ ମତ ଦେଇଛନ୍ତି। ମହିଳାଙ୍କ ନଗ୍ନ ଶରୀରର ଚିତ୍ରଣକୁ ସବୁ ବେଳେ ଯୌନ କିମ୍ବା ଅଶ୍ଳୀଳ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ନଗ୍ନତା ମଧ୍ୟରେ ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିବାର ସୁଯୋଗ ରହିଛି। ଯାହାକି ଆମର ସଂସ୍କୃତି ଏବଂ ପରମ୍ପରା ସହ ଜଡ଼ିତ ପୁରାତନ ମନ୍ଦିରରେ ରହିଥିବା ମୂର୍ତ୍ତିଗଡ଼ିକରେ ରହିଛି ବୋଲି ହାଇକୋର୍ଟ କହିଛନ୍ତି। ଏଥିସହିତ ପୁରୁଷ ଏବଂ ମହିଳାଙ୍କ ଅର୍ଦ୍ଧ ନିଗ୍ନ ଶରୀରକୁ ନେଇ ସମାଜରେ ରହିଥିବା ମତଭେଦକୁ ମଧ୍ୟ ହାଇକୋର୍ଟ ଦର୍ଶାଇଛନ୍ତି। ଜଣେ ପୁରୁଷ ଅର୍ଦ୍ଧ ନିଗ୍ନ ପୋଷାକରେ ସ୍ୱଚ୍ଛନ୍ଦରେ ବୁଲି ପାରୁଥିଲା ବେଳେ ଏହି ଅବସ୍ଥାରେ ଜଣେ ମହିଳାଙ୍କ ପାଇଁ ଅନେକ ସମସ୍ୟା ରହିଛି। କିନ୍ତୁ ନଗ୍ନତାକୁ ସବୁ ବେଳେ ଯୌନ ଦୃଷ୍ଟିରୁ ଦେଖିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଜଣେ ମହିଳା ତାଙ୍କ ପିଲାମାନଙ୍କୁ ଯୌନ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସେମାନଙ୍କ ଶରୀରର ଉପର ଭାଗର ନଗ୍ନ ଚିତ୍ରଣ ଭିଡିଓ ରେକର୍ଡିଂ କରିଥିଲା ବେଳେ ସଂପୃକ୍ତ ମହିଳାଙ୍କ ବିରୋଧରେ 'ପକ୍ସୋ' ଅଧିନରେ ମାମଲା ରୁଜୁ କରାଯାଇଥିଲା। କିନ୍ତୁ ହାଇକୋର୍ଟ ସଂପୃକ୍ତ ମହିଳାଙ୍କୁ ଏହି ମାମଲାରୁ ମୁକ୍ତ କରିବା ସହିତ ଏହି ରାୟ ଦେଇଛନ୍ତି। ନାରୀ ଶରୀର ବିଷୟରେ ପୁରୁଷତାନ୍ତ୍ରିକ ଧାରଣା ଏବଂ ତାଙ୍କ ପିଲାମାନଙ୍କର ଯୌନଶିକ୍ଷାକୁ ଚ୍ୟାଲେଞ୍ଜ କରିବା ପାଇଁ ସେ ଏହି ଭିଡିଓ ତିଆରି କରିଛନ୍ତି ବୋଲି ମହିଳା ଜଣଙ୍କ ଦେଇଥିବା ସ୍ପଷ୍ଟୀକରଣକୁ ମଧ୍ୟ କୋର୍ଟ ଗ୍ରହଣ କରି ଏହି ଭିଡିଓକୁ ଅଶ୍ଳୀଳ ବୋଲି ବିବେଚନା କରାଯାଇ ପାରିବନି ବୋଲି କହିଛନ୍ତି। ମହିଳାଙ୍କ ଉପର ଭାଗର ଶରୀରର ନଗ୍ନତାକୁ କେବଳ ଯୌନ ଦୃଷ୍ଟିରୁ ବିବେଚନା କରାଯିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

## ୨୩ରେ ବିରୋଧୀଙ୍କ ମେଗା ସୋ'



**ପାଟନା :** ଆସନ୍ତା ୨୩ରେ ବିରୋଧୀଙ୍କ ମେଗା ସୋ। ପାଟନାରେ ହେବାକୁ ଥିବା ମହାମେଳିରେ ସାମିଲ ହେବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଦଳୀୟ ମୁଖ୍ୟ। ମହାସମାବେଶରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରମୁଖ ସାମିଲ ହେବା ସମ୍ଭାବନା ରହିଛି। ସେହିପରି ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ଜେଡିୟୁ ସଭାପତି ରାଜୀବ ରଞ୍ଜନ, ଶିବସେନା ନେତା ଉଦ୍ଧବ ଠାକରେ, ଏନସିପି ନେତା ଶରଦ ପାୱାର ପ୍ରମୁଖ ଯୋଗଦେବା ଆଶା ରହିଛି। ଏହି ସମାବେଶରେ ଆସନ୍ତା ଲୋକସଭା ନିର୍ବାଚନରେ ଏକତ୍ର ଲଢେଇ କରିବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ସମ୍ଭାବନା ରହିଛି। ଗତ କିଛି ଦିନ ଧରି ବିଜେପି ବିରୋଧରେ ମେଣ୍ଟକୁ ଶକ୍ତିଶାଳୀ କରିବା ଲାଗି ବିଭିନ୍ନ ନେତା ଘନ ଘନ ଉଦ୍ୟମ କରୁଥିବା ଦେଖାଯାଇଛି।

## କୋଇଲା ଓ ଲିଗ୍ନାଇଟ ଅନ୍ୱେଷଣ ଯୋଜନା ଜାରିରଖିବାକୁ କ୍ୟାବିନେଟ୍ ମଞ୍ଜୁରୀ



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ଆଜି ୨୯୮୦ କୋଟି ଟଙ୍କାର ଆନୁମାନିକ ବ୍ୟୟ ସହିତ କେନ୍ଦ୍ରୀୟ କ୍ଷେତ୍ରର ଯୋଜନା, 'କୋଇଲା ଏବଂ ଲିଗ୍ନାଇଟ୍ ଅନ୍ୱେଷଣ ଯୋଜନା'କୁ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ଜାରି ରଖିବା ପାଇଁ ମଞ୍ଜୁରି ପ୍ରଦାନ କରିଛି। ଏହି ଯୋଜନା ଅଧୀନରେ କୋଇଲା ଏବଂ ଲିଗ୍ନାଇଟ୍ ପାଇଁ ଅନ୍ୱେଷଣ ଦୁଇଟି ବ୍ୟାପକ ପର୍ଯ୍ୟାୟରେ କରାଯିବ- ପ୍ରମୋସନାଲ୍ (ଆଞ୍ଚଳିକ) ଅନ୍ୱେଷଣ ଏବଂ ଅଣ-କୋଲ୍ ଇଣ୍ଡିଆ ଲିମିଟେଡ୍ ବ୍ଲକ୍ରେ ବିସ୍ତୃତ ଅନ୍ୱେଷଣ। ଏହି ମଞ୍ଜୁରି ଅଣ-ସିଆଇଏଲ୍ କ୍ଷେତ୍ରରେ ପ୍ରଚାର ସମ୍ବନ୍ଧୀୟ (କ୍ଷେତ୍ରୀୟ) ଅନ୍ୱେଷଣ ପାଇଁ ୧୬୫୦ କୋଟି ଟଙ୍କା ଓ ବିସ୍ତୃତ ଡ୍ରିଲିଂ ପାଇଁ ୧୩୩୦ କୋଟି ଟଙ୍କାର ବ୍ୟୟ ପ୍ରଦାନ କରିବ। କ୍ଷେତ୍ରୀୟ ଅନ୍ୱେଷଣ ଅନ୍ତର୍ଗତ ପ୍ରାୟ ୧୩୦୦ ବର୍ଗକିମି କ୍ଷେତ୍ର ଏବଂ ବିସ୍ତୃତ ଅନ୍ୱେଷଣ ଅନ୍ତର୍ଗତ ପ୍ରାୟ ୬୫୦ ବର୍ଗକିମି କ୍ଷେତ୍ରକୁ କଭର କରାଯିବ। କୋଇଲା ଏବଂ ଲିଗ୍ନାଇଟ୍ ପାଇଁ ଅନ୍ୱେଷଣ ଦେଶରେ ଉପଲବ୍ଧ କୋଇଲା ସମ୍ବଳକୁ ପ୍ରମାଣିତ କରିବା ଏବଂ ଆକଳନ କରିବା ଲାଗି ଆବଶ୍ୟକ ଯାହାକି କୋଇଲା ଖଣି ଆରମ୍ଭ କରିବା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ। ଏହି ଅନ୍ୱେଷଣ ମାଧ୍ୟମରେ ପ୍ରସ୍ତୁତ ଭୂତତ୍ତ୍ୱିକ ରିପୋର୍ଟଗୁଡିକ ନୂତନ କୋଇଲା ବ୍ଲକ୍ ଗୁଡିକର ନିଲାମ ପାଇଁ ବ୍ୟବହୃତ ହୁଏ ଏବଂ ପରବର୍ତ୍ତୀ ସମୟରେ ସଫଳ ଆବଣ୍ଟନକାରୀଙ୍କଠାରୁ ଏହି ମୂଲ୍ୟ ରିକଭର କରାଯାଇଥାଏ।

# ଧାନର ଏମ୍ଏସ୍ପି କ୍ୱିଣ୍ଟାଲ ପିଛା ୧୪୩ ଟଙ୍କା ବୃଦ୍ଧି



**ନୂଆଦିଲ୍ଲୀ :** ଖରିଫ ଫସଲ ପାଇଁ କେନ୍ଦ୍ର ସରକାର ଧାନ ସମେତ ବିଭିନ୍ନ ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସ୍ପି ବୃଦ୍ଧି କରିଛନ୍ତି। ଚାଷୀଙ୍କ ଆୟ ଓ ଚାଷର ବିକାଶ ପାଇଁ କେନ୍ଦ୍ର ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟରେ ଖରିଫ ଋତୁରେ ହେବାକୁ ଥିବା ଖାଦ୍ୟ ଶସ୍ୟର ଏମଏସ୍ପି ବୃଦ୍ଧି ପ୍ରସ୍ତାବ ଉପରେ ମୋହର ଲଗା ଯାଇଛି। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବିବୃତି ଅନୁସାରେ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସ୍ପି କ୍ୱିଣ୍ଟାଲ ପିଛା ୧୪୩ ଟଙ୍କା ବଢ଼ିଛି। ଚାଷୀମାନେ ଏବେ ସାଧାରଣ ଧାନ ପିଛା ୨୧୮୩ ଟଙ୍କା ପାଇବେ। ସେହିପରି ଗ୍ରେଡ ଏ ଧାନାର ଏମଏସ୍ପି ୨୨୦୩ ଟଙ୍କା ରହିଛି। ୨୦୧୪-୧୫ରେ ସାଧାରଣ ଧାନର ଏମଏସ୍ପି କ୍ୱିଣ୍ଟାଲ ପିଛି ୧୩୬୦ ଟଙ୍କା ବେଳେ ୨୦୨୩-୨୪ରେ ଏହା ୨୧୮୩ରେ ପହଞ୍ଚିଛି। ଏହାବାଦ ଯଅ-ହାଇବ୍ରିଡର କ୍ୱିଣ୍ଟାଲ ପିଛା ଦାମ ୨୯୭୦ରୁ ଟଙ୍କାରୁ ବଢ଼ି ୩୧୮୦ ଟଙ୍କା ଓ ଯଅ ମାଲଦାଣ୍ଡିର ଦାମ ୨୯୯୦ରୁ ବଢ଼ି ୩୨୨୫ ଟଙ୍କା ହୋଇଛି। ସେହିପରି ବାଜରାର କ୍ୱିଣ୍ଟାଲ ପିଛା ଦାମ ୨୦୨୨-୨୩ରେ ୨୩୫୦ ଥିବା ବେଳେ ଏବେ ୨୫ଶହ ହୋଇଥିବା ବେଳେ ମାଣ୍ଡିଆର ଦାମ ୨୦୨୨-୨୩ରେ ୩୫୭୮ ଥିବା ବେଳେ ଏବେ ୩୮୪୬ ଟଙ୍କା କରାଯାଇଛି। ସେହିପରି ମକାର ଦାମ ୨୦୨୨-୨୩ରେ ୧୯୬୨ ଥିବା ବେଳେ ଏବେ ୨୦୯୦ ଟଙ୍କା, ଚଣା ଓ ହରଡ଼ ଡାଲିର ଦାମ ୨୦୨୨-୨୩ରେ ୬୬୦୦ ଟଙ୍କା ଥିବା ବେଳେଆ ଏବେ ୭ ହଜାର ଟଙ୍କା, ମୁଗ ଡାଲିର ଦାମ ୨୦୨୨-୨୩ରେ ୭୭୫୫ ଟଙ୍କା ଥିବା ବେଳେ ଏବେ ୮୫୫୮ ଟଙ୍କା, ବିରି ଡାଲିର ଦାମ ୨୦୨୨-୨୩ରେ ୬୬୦୦ ଟଙ୍କା ଥିବା ବେଳେ ଏବେ ୬୯୫୦ ଟଙ୍କା, ବାଦାମର କ୍ୱିଣ୍ଟାଲ ପିଛା ଦାମ ୨୦୨୨-୨୩ରେ ୫୮୫୦ ଟଙ୍କା ଥିବା ବେଳେ ଏବେ ୬୩୭୭ ଟଙ୍କା, ସୂର୍ଯ୍ୟମୁଖୀ ମଞ୍ଜିର ଦାମ କ୍ୱିଣ୍ଟାଲ ପିଛା ୨୦୨୨-୨୩ରେ ୬୪୦୦ ଟଙ୍କା ଥିବା ବେଳେ ଏବେ ୬୭୬୦ ଟଙ୍କା, ସୋୟାବିନ(ୟେଲୋ)ର ଦାମ ୨୦୨୨-୨୩ରେ ୪୩୦୦ ଟଙ୍କା ଥିବା ବେଳେ ଏବେ ୪୬୦୦ ଟଙ୍କା, ରାଶିର ଦାମ ୨୦୨୨-୨୩ରେ ୭୮୩୦ ଟଙ୍କା ଥିବା ବେଳେ ଏବେ ୮୬୩୫ ଟଙ୍କା, ପେସୀର ଦାମ ୨୦୨୨-୨୩ରେ ୭୨୮୭ ଟଙ୍କା ଥିବା ବେଳେ ଏବେ ୭୭୩୪ ଟଙ୍କା, କଟନ (ମିଡିୟମ)ର କ୍ୱିଣ୍ଟାଲ ପିଛା ଦାମ ୨୦୨୨-୨୩ରେ ୬୦୮୦ ଟଙ୍କା ଥିବା ବେଳେ ଏବେ ୬୬୨୦ ଟଙ୍କା ଓ କଟନ(ଲଙ୍ଗ)ର ଦାମ ୨୦୨୨-୨୩ରେ ୬୩୮୦ ଟଙ୍କା ଥିବା ବେଳେ ଏବେ ୭୦୨୦ ଟଙ୍କା ହୋଇଛି।

**ରାଜ୍ୟ ଖାଦ୍ୟ ସୁରକ୍ଷା ସୂଚକାଙ୍କ**

## ୧୫ତମ ସ୍ଥାନରେ ଓଡ଼ିଶା



**ନୂଆଦିଲ୍ଲୀ :** ରାଜ୍ୟ ଖାଦ୍ୟ ସୁରକ୍ଷା ସୂଚକାଙ୍କରେ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ନେ?ରାଶ୍ୟଜନକ ରହିଛି। ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ଦ୍ୱାରା ୨୦୨୨-୨୩ ବର୍ଷ ପାଇଁ ଖାଦ୍ୟ ସୁରକ୍ଷା ସୂଚକାଙ୍କର ପଞ୍ଚମ ସଂସ୍କରଣ ଉନ୍ମୋଚିତ ହୋଇଛି। ଏଥି ପାଇଁ ରାଜ୍ୟମାନଙ୍କୁ ତିନିଟି ବର୍ଗରେ ଭାଗ କରାଯାଇଥିଲା। ୧୫ଟି ବୃହତ୍ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ୧୫ତମ ସ୍ଥାନରେ ରହିଛି। ଖାଦ୍ୟ ସୁରକ୍ଷା ସମ୍ପର୍କିତ ୫ଟି ମାନଦଣ୍ଡରୁ ଓଡ଼ିଶାକୁ ୧୦୦ରୁ ମାତ୍ର ୨୯ ମାର୍କ ମିଳିଛି। ବୃହତ୍ ରାଜ୍ୟମାନଙ୍କ ମଧ୍ୟରେ କେରଳ ପ୍ରଥମ, ପଞ୍ଜାବ ଦ୍ୱିତୀୟ ଓ ତାମିଲନାଡୁ ତୃତୀୟ ସ୍ଥାନରେ ରହିଛି। କେରଳକୁ ସର୍ବାଧିକ ୬୩ ମାର୍କ ମିଳିଛି। ସେହିଭଳି କ୍ଷୁଦ୍ର ରାଜ୍ୟମାନଙ୍କ ମଧ୍ୟରେ ଗୋଆ ପ୍ରଥମ, ମଣିପୁର ଦ୍ୱିତୀୟ ଓ ସିକିମ ତୃତୀୟ ସ୍ଥାନରେ ରହିଛି। କେନ୍ଦ୍ର ଶାସିତ ଅଂଚଳ ତାଲିକାରେ ଜାମ୍ମୁ-କାଶ୍ମୀର ପ୍ରଥମ, ଦିଲ୍ଲୀ ଦ୍ୱିତୀୟ ଓ ଚଣ୍ଡିଗଡ ତୃତୀୟ ସ୍ଥାନରେ ରହିଛି।

## ନୂଆ ପାର୍ଲାମେଣ୍ଟ୍ କାନ୍ଥରେ ଅଙ୍କିତ ଚିତ୍ର ବିଷୟରେ କୈଫିୟତ୍ ମାଗିଲା ବାଂଲାଦେଶ



**ନୂଆଦିଲ୍ଲୀ:** ନେପାଳ ଓ ପାକିସ୍ତାନ ପରେ ଏବେ ବାଂଲାଦେଶ ନୂଆ ପାର୍ଲାମେଣ୍ଟ୍ କାନ୍ଥରେ ଅଙ୍କିତ ମାନଚିତ୍ର ବିଷୟରେ ବାଂଲାଦେଶ ମଧ୍ୟ କୈଫିୟତ ଲୋଡ଼ିଛି। ଏ ସଂକ୍ରାନ୍ତରେ କୈଫିୟତ ମାଗିବା ପାଇଁ ବାଂଲାଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶାହାରିଆର୍ ଆଲାମ୍ ନୂଆଦିଲ୍ଲୀସ୍ଥିତ ବାଂଲାଦେଶୀ ମିସନ୍କୁ କହିଛନ୍ତି। ନୂଆ ପାର୍ଲାମେଣ୍ଟର କାନ୍ଥରେ ଅଙ୍କିତ ପ୍ରାଚୀର ଚିତ୍ର ଯୋଗୁଁ ପଡ଼ୋଶୀ ରାଷ୍ଟ୍ରମାନେ କରିଥିବା ଆପତ୍ତି ଉପରେ ଭାରତ ଗୁରୁତ୍ୱ ଦେଉନାହିଁ। ଗତ ସପ୍ତାହରେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଥିଲା ଯେ, ଏହି କଳାକୃତି ସମ୍ରାଟ ଅଶୋକଙ୍କ ରାଜ୍ୟର ସୀମା ସରହଦ ବିଷୟରେ ବର୍ଣ୍ଣନା କରୁଛି। କିନ୍ତୁ, ଢାକାସ୍ଥିତ ବୈଦେଶିକ ମନ୍ତ୍ରାଳୟରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ବେଳେ ଆଲାମ୍ କହିଛନ୍ତି, ଉକ୍ତ ପ୍ରାଚୀର ଚିତ୍ର ସହିତ ରାଜନୀତିର କୌଣସି ସମ୍ପର୍କ ନାହିଁ। ଏ ବିଷୟରେ ବିଭ୍ରାନ୍ତ ହେବାର ମଧ୍ୟ କୌଣସି କାରଣ ନାହିଁ। ଔପଚାରିକ କେ?ଫିୟତ ନିମନ୍ତେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସହିତ ଆଲୋଚନା କରିବା ଲାଗି ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ମିସନ୍କୁ କୁହାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତର ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ, ଏହି ପ୍ରାଚୀର ଚିତ୍ର ଅଶୋକଙ୍କ ସାମ୍ରାଜ୍ୟର। ଏହା ଖ୍ରୀଷ୍ଟ ଜନ୍ମ ହେବାର ୩୦୦ ବର୍ଷ ପୂର୍ବର କଥା। ଭାରତର କୌଣସି ଅଧିକାରୀ କିମ୍ବା ବାଂଲାଦେଶ ମିସନ୍ର କୌଣସି ଅଧିକାରୀ ଏ ବିଷୟରେ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରିନାହାନ୍ତି।

**ବିଜେପି ଆଡ଼କୁ ଢଳୁଛି ଜେଡିଏସ୍**

# ୨୦୨୪ ନିର୍ବାଚନରେ ବିଜେପି ସହ ମେଣ୍ଟ କରିପାରେ



**ନୂଆଦିଲ୍ଲୀ :** ଗତ ମାସରେ ସରିଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଜେଡିଏସ୍ (ଜନତା ଦଳ ସେକ୍ୟୁଲାର) ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ତେବେ ଭବିଷ୍ୟତ ପାଇଁ ନୂଆ ରଣନୀତିରେ ବଢୁଥିବା ଜେଡିଏସ୍ ଏବେ ବିଜେପି ଆଡ଼କୁ ଢଳିବା ଆରମ୍ଭ କରିଛି। ୨୦୨୪ ଲୋକସଭା ନିର୍ବାଚନରେ ଜେଡିଏସ୍ ବିଜେପି ସହ ମେଣ୍ଟ କରିପାରେ। ୨୦୧୯ ଲୋକସଭା ନିର୍ବାଚନରେ କର୍ଣ୍ଣାଟକରେ ମୋଟ୍ ୨୮ଟି ଲୋକସଭା ଆସନରୁ ଜେଡିଏସ୍ ମାତ୍ର ଗୋଟିଏ ଆସନରେ ଜିତିଥିଲା। ତେବେ ଗତ ବିଧାନସଭା ନିର୍ବାଚନ ପରିଣାମ ଆସିବାପରେ ଜେଡିଏସ୍ ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପି ସହ ହାତ ମିଳାଇବାକୁ ପ୍ରୟାସ କରୁଛି। ଜେଡିଏସ୍ ପୂର୍ବରୁ ବିଜେପି ସହ ମେଣ୍ଟ କରିଥିଲା। ଜେଡିଏସ୍ ସୁପ୍ରିମୋ ଏଚ୍ଡି ଦେବଗୌଡ଼ା ଏବଂ ତାଙ୍କ ପୁଅ ଏଚ୍ଡି କୁମାରସ୍ୱାମୀ ବିଜେପି ସହ ମେଣ୍ଟ କରି କଂଗ୍ରେସକୁ ହରାଇବାକୁ ଚାହିଁଛନ୍ତି। ଉଲ୍ଲେଖଯୋଗ୍ୟ, ବିଜେପି ଏବଂ ଜେଡିଏସ୍ ୨୦୦୬ରେ କର୍ଣ୍ଣାଟକରେ ଏକ ମେଣ୍ଟ ସରକାର ଗଠନ କରିଥିଲେ। ଏହି ସମୟରେ କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ଥିଲେ ଏବଂ ବିଏସ୍ ୟେଦୁରପ୍ପା ତାଙ୍କ ଉପମୁଖ୍ୟମନ୍ତ୍ରୀ ଥିଲେ। ୨୦ ମାସର କ୍ଷମତା ବଣ୍ଟନର ଫର୍ମୁଲା ହୋଇଥିଲା। କିନ୍ତୁ ଜେଡିଏସ୍ ବିଜେପିକୁ କ୍ଷମତା ହସ୍ତାନ୍ତର ନକରିବାରୁ ଏହି ମେଣ୍ଟ ବେଶୀଦିନ ତିଷ୍ଠିଲାନି। ତେବେ ଜେଡିଏସ୍ ବିଜେପି ଆଡ଼କୁ ଢଳୁଛି ବୋଲି ବିଭିନ୍ନ ସଙ୍କେତ ମିଳିସାରିଛି। ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ପରେ ସବୁ ବିରୋଧୀ ଦଳ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରିଥିଲେ। କିନ୍ତୁ ଜେଡିଏସ୍ ସୁପ୍ରିମୋ ଦେବଗୌଡ଼ା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରିଥିଲେ। ଦେବଗୌଡ଼ା କହିଛନ୍ତି, ରେଳ ଦୁର୍ଘଟଣା ପରେ ରେଳ ମନ୍ତ୍ରୀ ଅକ୍ଳାନ୍ତ ଭାବେ କାମ କରି ଚାଲିଛନ୍ତି। ଏବେ ତଦନ୍ତ ସରିବାକୁ ଦିଅ। ମନ୍ତ୍ରୀ ତାଙ୍କ କାମ ଠିକ୍ କରୁଛନ୍ତି। ଏହି ସମୟରେ ତାଙ୍କର ଇସ୍ତଫା ଦାବି କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ନିକଟରେ ନୂଆ ସଂସଦ ଭବନ ଉଦ୍ଘାଟନକୁ ୨୦ଟି ବିରୋଧୀ ଦଳ ବର୍ଜନ କରିଥିବା ବେଳେ ଜେଡିଏସ୍ ସଂସଦ ଭବନ ଉଦ୍ଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା। ତେବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଣ ବିଜେପି ଦଳଗୁଡ଼ିକୁ ଏକଜୁଟ କରିବାପାଇଁ ଯେଉଁ ପ୍ରୟାସ ଜାରି ରଖିଛନ୍ତି ତାକୁ କଟାକ୍ଷ କରି ଦେବଗୌଡ଼ା କହିଥିଲେ, ମୁଁ ଦେଶର ରାଜନୀତିକୁ ଭଲଭାବେ ଅନୁଶୀଳନ କରିଛି। ଦେଶରେ ମତେ ଗୋଟିଏ ବି ଦଳ ଦେଖାଅ ଯାହା ବିଜେପି ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଜଡ଼ିତ ନଥିବ। ସେହିପରି ବିରୋଧୀ ମେଣ୍ଟରେ ଜେଡିଏସ୍ ସାମିଲ ହେବ କି ନା' ସେନେଇ ଦେବଗୌଡ଼ା କୌଣସି ସ୍ପଷ୍ଟ ଟିପ୍ପଣୀ ରଖିନାହାନ୍ତି।

# ମୋ ଓଡ଼ିଶାବାସୀଙ୍କ ପାଇଁ ମୁଁ ଗର୍ବିତ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣା କେବଳ ଆମ ଦେଶକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ଦୋହଲାଇ ଦେଲା। ଏହି ଅଘଟଣ ଆମ ସମସ୍ତଙ୍କ ହୃଦୟକୁ ତରଳାଇ ଦେଲା। କିନ୍ତୁ ଏବେ ବଡ଼ ଦୁର୍ଘଟଣା ଆମର ଦକ୍ଷତାକୁ ପ୍ରତିପାଦିତ କରିଛି। ବିପଦ ସମୟରେ ସବୁ ପ୍ରତିକୂଳ ସ୍ଥିତିର ମୁକାବିଲା କରି କିପରି ଲୋକଙ୍କ ଆକାଂକ୍ଷା ଅନୁସାରେ ଲକ୍ଷ୍ୟ ପୂରଣ କରାଯାଇ ପାରେ ତାହା ଓଡ଼ିଶା କରି ଦେଖାଇଲା। ମୁଁ ମୋ ଲୋକଙ୍କ ପାଇଁ ଗର୍ବିତ। ଓଡ଼ିଶା ପାଇଁ ଗର୍ବିତ। କଳିଙ୍ଗ ଷ୍ଟାଡିୟମ୍ ଠାରେ ଡାକ୍ତର ନିଯୁକ୍ତି ପର୍ବରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ବାହାନଗା ଟ୍ରେନ ଦୁର୍ଘଟଣା ପରେ ଉଦ୍ଧାର ଓ ଚିକିତ୍ସା ଅଭିଯାନ ପାଇଁ ରାଜ୍ୟର ଜନସାଧାରଣ ଓ ରାଜ୍ୟ ପ୍ରଶାସନର ଭୂୟସୀ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨ ତାରିଖର ଏହି କାଳରାତିକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଗତ କିଛି ଦିନ ହେଲା ଆମେ ଅତ୍ୟନ୍ତ କଠିନ ସମୟ ଦେଇ ଗତି କରୁଛୁ। କିନ୍ତୁ ଆମର ଓଡ଼ିଶାବାସୀ, ଡାକ୍ତର, ମେଡିକାଲ ଛାତ୍ରଛାତ୍ରୀ ସମସ୍ତଙ୍କ ମନରେ ଗୋଟିଏ କଥା ଥିଲା, କିପରି ପ୍ରତ୍ୟେକ ଜୀବନ ରକ୍ଷା ପାଇବ। ଅଧିକରୁ ଅଧିକ ଜୀବନ ରକ୍ଷା ପାଇଁ ସମସ୍ତେ ହାତ ମିଳାଇ, କାନ୍ଧକୁ କାନ୍ଧ ମିଶାଇ କାମ କଲେ। ଆଉ ପରିଣାମ ସ୍ୱରୂପ ଆମେ ହଜାରେରୁ ଅଧିକ ଜୀବନ ବଞ୍ଚାଇବାରେ ସଫଳ ହେଲୁ। ଦୁର୍ଘଟଣାସ୍ଥଳରେ ହଜାର ହଜାର ଲୋକଙ୍କ ଉଦ୍ଧାର କାର୍ଯ୍ୟ, ରକ୍ତ ଦାନ କରିବା ପାଇଁ ଡାକ୍ତରଖାନାରେ ଲମ୍ବା ଲାଇନ ଭଳି ଦୃଶ୍ୟ ବିରଳ ହୋଇପାରେ କିନ୍ତୁ ତାହାର ମୂଲ୍ୟ ଭରଣା କରିବା ସମ୍ଭବ ନୁହେଁ। ଏଥିପାଇଁ ମୁଁ ମୋ ଓଡ଼ିଶାବାସୀଙ୍କ ଉପରେ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ବାଲେଶ୍ୱରରେ ଟ୍ରେନ୍ ଦୁର୍ଘଟଣା ଖବର ଜଣା ପଡିବା କ୍ଷଣି ରାଜ୍ୟ ପ୍ରଶାସନ ଆକ୍ସନ ମୋଡକୁ ଆସିଯାଇଥିଲା। ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ଅଧିକାରୀ, ସହାୟକ କର୍ମଚାରୀ ସମସ୍ତେ ଦୁର୍ଘଟଣା ସ୍ଥଳରୁ ନେଇ ଡାକ୍ତରଖାନା ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ, ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥା କିପରି ଠିକ୍ ଭାବେ ଚାଲିବ ତାହା ସୁନିଶ୍ଚିତ କରିବାରେ ବ୍ୟସ୍ତ ଥିଲେ। ପାରଦର୍ଶୀତା, ବୈଷୟିକ, ମିଳିତ ଉଦ୍ୟମ, ସମୟ ଓ ରୂପାନ୍ତରଣର ଏହା ଅପୂର୍ବ ନିଦର୍ଶନ ଥିଲା। ଏହା ହେଉଛି ଆମର '୫-ଟି' ଉପକ୍ରମ। ଏହା ହେଉଛି ରୂପାନ୍ତରଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ, ଦୀର୍ଘ ମିଆଦି ରଣନୀତି କ୍ରମେ ଆମେ ବାତ୍ୟା ପରିଚାଳନାରେ ଅଭୂତପୂର୍ବ ସଫଳତା ପାଇଛୁ । ମଧ୍ୟବର୍ତ୍ତୀକାଳୀନ ରଣନୀତି ଅନୁସାରେ କୋଭିଡ୍ ପରିଚାଳନାରେ ସଫଳତା ପାଇଛୁ। ଆଉ ଏବେ ଟ୍ରେନ୍ ଦୁର୍ଘଟଣାରେ ଆମେ ପ୍ରମାଣିତ କରିଛୁ ଯେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରୁଥିବା ଆକସ୍ମିକ ବିପର୍ଯ୍ୟୟର ସଫଳ ମୁକାବିଲା କରିବାରେ ମଧ୍ୟ ଓଡ଼ିଶା ବେଶ୍ ଦକ୍ଷ।

## ଓଡ଼ିଶା ୱାଟର ଏକାଡେମି ହେଲା 'ଓଡ଼ିଶା ଅର୍ବାନ ଏକାଡେମି'

**ଭୁବନେଶ୍ୱର :** ୱାଟ୍‌କୋ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ୱାଟର ଏକାଡେମିର ନାମ ବଦଳି ଓଡ଼ିଶା ଅର୍ବାନ ଏକାଡେମି ହୋଇଛି। ପୂର୍ବରୁ ଏହା କେବଳ ଜଳ ସମ୍ବନ୍ଧୀୟ ଗବେଷଣା, ପରୀକ୍ଷା ଓ ତାଲିମ୍ ଆଦି ପାଇଁ ଥିବାବେଳେ ଏବେ ଏଠାରେ ନଗର ଉନ୍ନୟନ ବିଭାଗର ଅଧିକାରୀ, ସହରାଞ୍ଚଳର ନିର୍ବାଚିତ ପ୍ରତିନିଧି, ମହିଳା ଏସ୍‌ଏଚ୍‌ଜି, କିନ୍ନର, ଏସ୍‌ଡିଏ ଗ୍ରୁପ୍ ଆଦିକୁ ତାଲିମ୍ ଦିଆଯିବ। ଏହାସହ ଓଡ଼ିଶା ଅର୍ବାନ ଏକାଡେମି ଏଣିକି ସୁଡା ଅଧୀନରେ କାର୍ଯ୍ୟ କରିବ। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ୩୪୫୬୭ କୋଟି ଟଙ୍କାର ୨୦ ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରି

**ଭୁବନେଶ୍ୱର :** ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ୩୪୫୬୭ କୋଟି ଟଙ୍କାର ୨୦ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି। ୨୦ଟି ପ୍ରକଳ୍ପ ଉପରେ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କମିଟି ନିଷ୍ପତ୍ତି ନେଇଥିବାବେଳେ ଅନ୍ୟ ୨ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଥିବା ଉଚ୍ଚସ୍ତରୀୟ କମିଟି (ହାଇଲେଭଲ କମିଟି)ର ଅନୁମୋଦନ ନିମନ୍ତେ ସୁପାରିଶ କରିଛନ୍ତି। ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କମିଟି ମୋଟ ୨୦ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ୩୪୫୬୭କୋଟି ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୧୪୪୩୬ଜଣଙ୍କୁ ନିଯୁକ୍ତି ମିଳିପାରିବ। ଏହାବ୍ୟତୀତ ଆଉ ୨ଟି ପ୍ରକଳ୍ପକୁ ହାଇଲେଭଲ କମିଟିକୁ ପଠାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୧୦ଟି ପ୍ରକଳ୍ପ ସ୍ଥାପନ ପ୍ରସ୍ତାବ ଗତ ୨୦୨୨ ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ରାଜ୍ୟ ସରକାରଙ୍କୁ ମିଳିଥିଲା। ଏସବୁ ପ୍ରକଳ୍ପ ଯାଜପୁର, ଖୋର୍ଦ୍ଧା, କୋରାପୁଟ, କଟକ, ସୁନ୍ଦରଗଡ଼, ଭଦ୍ରକ, ସୋନପୁର, ବଲାଙ୍ଗିର ଓ ବୌଦ୍ଧ ଜିଲ୍ଲାରେ ସ୍ଥାପନ ହେବ। ଇଣ୍ଡିଆନ ଅଏଲ କର୍ପୋରେସନ ଓ ତୋଷାଳୀ ସିମେଂଟ ପ୍ରାଃ ଲିଃର ୨ଟି ପ୍ରକଳ୍ପକୁ ହାଇଲେଭଲ କମିଟିକୁ ପଠାଇବାକୁ ସିଙ୍ଗଲୱିଣ୍ଡୋ କମିଟି ସୁପାରିଶ କରିଛନ୍ତି। ଯେଉଁ



୨୦ଟି ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ଅନୁମୋଦନ ମିଳିଛି ସେଥିରେ ୯ଟି ପ୍ରକଳ୍ପ ମେଟାଲ ସେକ୍ଟରର ହୋଇଥିବାବେଳେ ୫ଟି ପ୍ରକଳ୍ପ ଆଗ୍ରୋ ଓ ଫୁଡ୍ ପ୍ରୋସେସିଂ, ଗୋଟିଏ ଲେଖାଏଁ ପ୍ରକଳ୍ପ ଟେକ୍ସଟାଇଲ୍, ସିମେଂଟ, ଆଇଟି ଓ ଫାର୍ମାସ୍ୟୁଟିକାଲ କ୍ଷେତ୍ରର ରହିଛି। ଅରୁନ୍ଧତୀ ବାନ୍ଧକଳା ଲିଃ ୫୫କୋଟି ଟଙ୍କା ବ୍ୟୟରେ ସୋନପୁରରେ ଏକ ଟେକ୍ସଟାଇଲ୍ କମ୍ପାନୀ ସ୍ଥାପନ କରିବ, ଯାହାକି ବର୍ଷକୁ ୧.୮୦ଲକ୍ଷ ଶାଢ଼ୀ ପ୍ରସ୍ତୁତ କରିବ ଓ ଏହାଦ୍ୱାରା ୯୦୩୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି କାଲଡ୍ରେ ଇଣ୍ଡିଆ ରିଫ୍ରାକ୍ଟରିଜ୍ ଲିଃ ୫୦୦କୋଟି ଟଙ୍କା ବ୍ୟୟରେ କଳିଙ୍ଗନଗରରେ ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବ ଓ ଏହା ଦ୍ୱାରା ୩୦୦ଲୋକଙ୍କୁ ଅତିରିକ୍ତ ନିଯୁକ୍ତି ମିଳିପାରିବ। ସେହିପରି ତୋଷାଳୀ ସିମେଣ୍ଟ ୫୨୫.୪୬କୋଟି ଟଙ୍କାରେ ଚୌଦ୍ୱାରରେ ସିମେଣ୍ଟ କାରଖାନା ନିର୍ମାଣ କରିବ ଓ ସେଥିରେ ୧୧୦ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ।

# ଆକର୍ଷଣ ସାଜିବ ଶିଖରଚଣ୍ଡୀ; ଖର୍ଚ୍ଚ ହେବ ୨୫ କୋଟି

**ଭୁବନେଶ୍ୱର :** ଶିଖରଚଣ୍ଡୀ ମନ୍ଦିର ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ରୂପାନ୍ତରଣ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ବେଳେ ସୋମବାର ଏ ସଂକ୍ରାନ୍ତୀୟ ଡିଜାଇନ୍ ପ୍ରକାଶ ପାଇଛି। ବିଡିଏ ପକ୍ଷରୁ ଏ ସଂକ୍ରାନ୍ତୀୟ ଡିଜାଇନ୍ ପ୍ରକାଶ ପାଇଥିବା ବେଳେ ଖୁବଶୀଘ୍ର ତଦନୁଯାୟୀ ପଦକ୍ଷେପ ନିଆଯିବ। ଡିଜାଇନ୍ ଅନୁଯାୟୀ ପାହାଡ଼ର ଜୈବ ବିବିଧତା ଅକ୍ଷୁର୍ଣ୍ଣ ରଖି ଏହାକୁ ଭୁବନେଶ୍ୱରର ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ରରେ ପରିଣତ କରାଯିବ। ଏଥିପାଇଁ ପୂରା ଅଞ୍ଚଳକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଜୋନ୍-୧ରେ ପାର୍କିଂ, ସାଧାରଣ ଲୋକଙ୍କ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସ୍ଥାନର ଉନ୍ନତିକରଣ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ। ଜୋନ୍-୨ରେ ଭିୟୁ ପଏଣ୍ଟ ଓ ଟ୍ରେକିଂ ରୁଟ୍ ରହିବ। ଜୋନ-୩ ଓ ୪ ରେ ମନୋରଞ୍ଜନମୂଳକ କାର୍ଯ୍ୟପାଇଁ ଭିତ୍ତିଭୂମି, କମ୍ୟୁନିଟି ସେଣ୍ଟର, ମୁଖ୍ୟ ମନ୍ଦିରର



ଉନ୍ନତିକରଣ, ଦୋକାନ ଗୃହ ଓ ଅନ୍ୟାନ୍ୟ ସୁବିଧା ପାଇଁ ବିସ୍ତୃତ ଡିଜାଇନ୍ କରାଯାଇଛି। ସେହିପରି ପୂରା ଅଞ୍ଚଳରେ ଏକ ମୁଖ୍ୟ ପ୍ରବେଶ ଦ୍ୱାର ନିର୍ମାଣ ପାଇଁ ଡିଜାଇନ୍ ପ୍ରସ୍ତୁତ ହୋଇଥିବା ବେଳେ ଏହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଏବଂ କାରୁକାର୍ଯ୍ୟଭରା ହେବ। ସେହିପରି ଭିୟୁ ପଏଣ୍ଟଠାରୁ ଆରମ୍ଭ କରି ମନ୍ଦିରର ପ୍ରବେଶ ଦ୍ୱାରକୁ ମଧ୍ୟ ଆକର୍ଷଣୀୟ ଢଙ୍ଗରେ ନିର୍ମାଣ କରାଯିବ। ସୂଚନାଯୋଗ୍ୟ ଯେ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ୫୩.୬୪ ଏକର ଜମିକୁ ବିକାଶ କରାଯିବାକୁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିବା ବେଳେ ଏଥିପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମାଷ୍ଟରପ୍ଲାନକୁ ପୂର୍ବରୁ ଗତ ଜାନୁଆରୀ ମାସରେ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇ ସାରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗତ ନଭେମ୍ବର ୧୪ରେ '୫-ଟି' ସଚିବ ଭି.କେ.ପାଣ୍ଡିଆନ ଶିଖରଚଣ୍ଡୀ ମନ୍ଦିର ପରିଦର୍ଶନ କରି ଏହାର ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ ଯୋଜନାକୁ ପରିବେଶ ଉପଯୋଗୀ କରିବାପାଇଁ ସେ ପରାମର୍ଶ ଦେଇଥିଲେ।

## ଅଦା ଓ ହଳଦୀ ଚାଷ ମାର୍ଗଦର୍ଶିକାରେ ପରିବର୍ତ୍ତନ

**ଭୁବନେଶ୍ୱର :** ରୋଷେଇ ଘରେ ଅଦା ଓ ହଳଦୀ ଏକ ନିତ୍ୟ ଆବଶ୍ୟକ ମସଲା ଭାବରେ ବହୁଳ ମାତ୍ରାରେ ବ୍ୟବହାର ହୋଇଥାଏ। ରାଜ୍ୟର ଚାହିଦାକୁ ଦୃଷ୍ଟିରେ ରଖି ଉଭୟ ଚାଷର ମାର୍ଗଦର୍ଶିକାରେ ପରିବର୍ତ୍ତନ ଅଣାଯାଇଛି। ଉଦ୍ୟାନ କୃଷି ପକ୍ଷରୁ ପ୍ରଚଳିତ 'ଆଳୁ, ପନିପରିବା ଓ ମସଲା ଚାଷ ଯୋଜନା ୨୦୨୨-୨୩'ରେ ସଂଶୋଧନ ଅଣାଯାଇ ରାଜ୍ୟରେ ଅଦା ଓ ହଳଦୀ ଚାଷ ପାଇଁ ବିଶେଷ ସରକାରୀ ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏଥିଯୋଗୁଁ ଉଭୟର ଉତ୍ପାଦନ ବଢ଼ିବା ସହିତ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଉପକୃତ ହେବେ ବୋଲି କହିଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏକ ହେକ୍ଟର ଅଦା ଚାଷ ପ୍ରତି ପୂର୍ବରୁ ଥିବା ରିହାତି ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଛି। ନୂତନ ବ୍ୟବସ୍ଥାରେ ହେକ୍ଟର ପିଛା ବିହନ ବାବଦକୁ ଖର୍ଚ୍ଚ ୨ ଲକ୍ଷ ୨୫ ହଜାର ଟଙ୍କା ସହ ଆନୁଷଙ୍ଗିକ ଖର୍ଚ୍ଚ ଯଥା ବିହନ ବିଶୋଧନ, ସାର ଓ ଜୈବିକ ସାର ଏବଂ ରୋଗପୋକ ନିୟନ୍ତ୍ରଣ ଇତ୍ୟାଦି ଖର୍ଚ୍ଚ ବାବଦକୁ ୧୫ ହଜାର ଟଙ୍କା ରିହାତି ପ୍ରଦାନ କରାଯିବ। ଏହିପରି ଅଦାଚାଷ ପାଇଁ ସର୍ବମୋଟ



ହେକ୍ଟର ପ୍ରତି ୨ଲକ୍ଷ ୪୦ ହଜାର ଟଙ୍କାର ସରକାରୀ ରିହାତିର ବ୍ୟବସ୍ଥା କରାଯାଇଛି। ଜଣେ ଚାଷୀ ସର୍ବାଧିକ ୧ ହେକ୍ଟର ଚାଷ ପାଇଁ ସରକାରୀ ରିହାତିର ସୁବିଧା ଉପଲବ୍ଧ କରିପାରିବେ। ସେହିପରି ୧ ହେକ୍ଟର ହଳଦୀ ଚାଷ ନିମନ୍ତେ ମୋଟ ଚାଷ ଖର୍ଚ୍ଚ ୩,୬୮,୨୯୭ ଟଙ୍କାର ଶତକଡା ୪୦ଭାଗ ହିସାବରେ ୧,୪୭,୩୧୮ ଟଙ୍କା ସରକାରୀ ରିହାତି ପ୍ରଦାନ କରିବାର ନୂତନ ମାର୍ଗଦର୍ଶିକାରେ ବ୍ୟବସ୍ଥା କରାଯାଇଛି। ନୂତନ ମାର୍ଗଦର୍ଶିକାକୁ ନିର୍ଦ୍ଧାରିତ ଜିଲ୍ଲାର ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକମାନଙ୍କୁ ପ୍ରେରଣ କରାଯାଇ ଯଥାଶୀଘ୍ର ଅଦା ଓ ହଳଦୀ ଚାଷ ବ୍ୟାପକ ହେବ।

## ସ୍କୁଲ ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜିନାମା

**ଭୁବନେଶ୍ୱର :** ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶରେ ଉନ୍ନତି ଆଣିବା ନିମନ୍ତେ ଆକାଂକ୍ଷୀ କାର୍ଯ୍ୟକ୍ରମ ମାଧ୍ୟମରେ ହାଉସ୍ ସିଷ୍ଟମ୍ ଏବଂ ସ୍କୁଲ କ୍ଲବ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ଆଉ ପାଦେ ଆଗକୁ ନେବା ଲାଗି ଆଜି ଦୁଇଟି ଜାତୀୟସ୍ତରୀୟ ସଂସ୍ଥା ସହ ରାଜିନାମା ସ୍ୱାକ୍ଷରିତ ହୋଇଛି। ରୂପାନ୍ତରିତ ବିଦ୍ୟାଳୟରେ ଅସ୍ପିରେସନାଲ୍ କରିକୁଲମ୍ ଆରମ୍ଭ କରିବାକୁ 'ମୋ ସ୍କୁଲ ଅଭିଯାନ' ଓ 'ମ୍ୟାଜିକ୍ ବସ୍ ଫାଉଣ୍ଡେସନ୍' ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ପିଲାଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ। ସେମାନଙ୍କ ଦକ୍ଷତା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ପାଠପଢ଼ା ସହ ସେମାନେ ଖେଳକୁଦରେ ନିଜକୁ ଦକ୍ଷ ଭାବରେ ଗଢ଼ି ତୋଳିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ଗଣିତ ଶିକ୍ଷାକୁ ଅଧିକ ସହଜ କରିବାକୁ 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ' ଓ 'ଖାନ୍ ଏକାଡେମି' ମଧ୍ୟରେ ଏକ ରାଜିନାମା ହୋଇଛି। ଏହାମାଧ୍ୟମରେ ଓଡ଼ିଶାର ୩୧୫ଟି ଆଦର୍ଶ ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ 'ଖାନ୍ ଏକାଡେମି' ଉପାଦେୟ ଶିକ୍ଷଣ



ଉପକରଣ ଯୋଗାଇଦେବ। ଏଥିସହ ଗଣିତ ଶିକ୍ଷକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ପ୍ରଦାନ କରିବ। ଶିକ୍ଷାକ୍ଷେତ୍ରରେ ଗ୍ରହଣ କରିଥିବା ଏକାଧିକ ବିକାଶମୂଳକ ପଦକ୍ଷେପକୁ ସଫଳ କରିବାରେ ଏହି ଦୁଇଟି ରାଜିନାମା ବିଶେଷ ଭାବରେ ସହାୟକ ହେବ ବୋଲି ବିଭାଗୀୟ ଶାସନ ସଚିବ ଅଶ୍ୱଥୀ ଏସ୍ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମହାପାତ୍ର, 'ମୋ ସ୍କୁଲ' କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ମ୍ୟାଜିକ୍‌ବସ୍ ଫାଉଣ୍ଡେସନ୍ର ଅଜୟ ରାସ୍ତୋଗୀ, 'ଖାନ୍ ଏକାଡେମି' ପ୍ରତିନିଧି ଶୁଭ୍ରା ମିତଲ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗତ ୫ ତାରିଖରେ ସିଙ୍ଗାପୁରଠାରେ ପ୍ରବାସୀ ଓଡ଼ିଶା ଦିବସ ପାଳନ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଆଇଟିଇ ଏଜୁକେସନ୍ ସର୍ଭିସେସ୍, ସିଙ୍ଗାପୁର ମଧ୍ୟରେ ବୈଷୟିକ, ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ସହଯୋଗିତା ନିମନ୍ତେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକମାନଙ୍କ ମଧ୍ୟରେ ଭାବବିନିମୟ ହୋଇପାରିବ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ହେବ। ଉକ୍ତ କାର୍ଯ୍ୟକ୍ରମରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାହା, ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ମହାପାତ୍ର ଏବଂ ଆଇଟିଇ ଏଜୁକେସନ୍ ସର୍ଭିସେସ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ରୁସ୍ ପୋ ଜିଓକ୍ ହୁଆଟ୍ ଓ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଲିମ୍ ବୁନ୍ ତିଓଙ୍ଗ୍ ଉପସ୍ଥିତ ଥିଲେ।

**'ଶ୍ରୀ ଲକ୍ଷ୍ମଣା ପରିଣୟଂ'ର ପଦ୍ୟାନୁବାଦ ଓ 'ଉତ୍କଳ କାଳିଦାସ କବିଚନ୍ଦ୍ର ଭୁବନେଶ୍ୱର ରଥ' ଉନ୍ମୋଚିତ**

# 'ସଂସ୍କୃତ ମହାକାବ୍ୟର ଓଡ଼ିଆ ପଦ୍ୟାନୁବାଦ ଏକ ଉଲ୍ଲେଖନୀୟ ପ୍ରୟାସ'

**ଭୁବନେଶ୍ୱର:** ପୁରୁଷ ଓ ପ୍ରକୃତି, ପରା-ଅପରା ବିଦ୍ୟା ମଧ୍ୟରେ ଚିରନ୍ତନ ଦ୍ୱନ୍ଦ୍ୱ ଲାଗିରହିଛି। ଏଭଳି ସଂଘର୍ଷ ଓ ସମନ୍ୱୟରୁ ସୃଷ୍ଟି ହୋଇଥାଏ ଆଧ୍ୟାତ୍ମିକ ଭାବନା ଓ ଚେତନା। ଓଡ଼ିଆଙ୍କ ଗୁଣସୂତ୍ରରେ ଅଛି ସର୍ଜନାର ପ୍ରବହମାନ ଧାରା ଓ ଅଧ୍ୟାତ୍ମଭାବ। ପଣ୍ଡିତ କବିଚନ୍ଦ୍ର ଭୁବନେଶ୍ୱର ରଥ ଶର୍ମଣାଙ୍କ 'ଶ୍ରୀ ଲକ୍ଷ୍ମଣା ପରିଣୟଂ' ମହାକାବ୍ୟ ଓ 'ଉତ୍କଳ କାଳିଦାସ କବିଚନ୍ଦ୍ର ଭୁବନେଶ୍ୱର ରଥ' ସେହି ସାରସ୍ୱତ ଦର୍ଶନର ଦ୍ୟୋତକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରାଜଭବନରେ ଆୟୋଜିତ ଏକ ଉତ୍ସବରେ ପଣ୍ଡିତ କବିଚନ୍ଦ୍ର ଭୁବନେଶ୍ୱର ରଥ ଶର୍ମଣାଙ୍କ 'ଶ୍ରୀ ଲକ୍ଷ୍ମଣା ପରିଣୟଂ' ମହାକାବ୍ୟର ପଣ୍ଡିତ ଚନ୍ଦ୍ରଶେଖର ରଥଶର୍ମାଙ୍କ ଓଡ଼ିଆ ପଦ୍ୟାନୁବାଦ ଓ ନିରଞ୍ଜନ ରଥଙ୍କ ରଚିତ ଓ ସମ୍ପାଦିତ 'ଉତ୍କଳ



କାଳିଦାସ କବିଚନ୍ଦ୍ର ଭୁବନେଶ୍ୱର ରଥ' ପୁସ୍ତକକୁ ଉନ୍ମୋଚନ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ, ସଂସ୍କୃତ ମହାକାବ୍ୟର ଓଡ଼ିଆ ପଦ୍ୟାନୁବାଦ ଏକ ଉଲ୍ଲେଖନୀୟ ପ୍ରୟାସ। ଓଡ଼ିଶାରେ ସଂସ୍କୃତ ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ରହିଛି। ସେହି ପରମ୍ପରାର ପରିପୁଷ୍ଟି ଓ ପ୍ରସାର ପାଇଁ ବିଶେଷ ଉଦ୍ୟମ ହେବା ଦରକାର। ବିଶିଷ୍ଟ ବିଦ୍ୱାନ, ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ପ୍ରକାଶିତ ପୁସ୍ତକ ଦ୍ୱୟର ସମୀକ୍ଷା କରିବା ସହ ଏଭଳି ଅନନ୍ୟ ଓ ଦୁର୍ଲଭ କୃତି ବିଶ୍ୱ ସାରସ୍ୱତ ଦରବାରରେ ଆମ ପାଇଁ ବିଶେଷ ପରିଚୟ ଓ ପ୍ରତିଷ୍ଠା ଆଣିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉତ୍କଳର ପ୍ରତିଟି କୋଣ ଅନୁକୋଣରେ ସର୍ଜନାର ଧାରା ପ୍ରବାହିତ ହେଉଛି। ଅଗଣିତ କବି, ଲେଖକ ଏହି ଧାରାକୁ ଉଜ୍ଜୀବିତ କରି ରଖିଛନ୍ତି ବୋଲି ସେ କହିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଭୁବନେଶ୍ୱର ରଥ ଶର୍ମଣାଙ୍କ ସାଧନା, ସିଦ୍ଧି, ଜୀବନ ଓ ସୃଜନ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଭୁବନେଶ୍ୱର ରଥଶର୍ମଣା ଥିଲେ ଆଠଗଡ଼ ରାଜାଙ୍କର ସଭା ପଣ୍ଡିତ। ରାଜତନ୍ତ୍ର ଓ ପ୍ରଜାତନ୍ତ୍ର ସମ୍ପର୍କରେ ସେ ଆଲୋକପାତ କରି କହିଥିଲେ, ରାଜତନ୍ତ୍ର କେବଳ ପ୍ରଜା ଉତ୍ପୀଡ଼ନ କରୁନଥିଲା; ବରଂ ଜ୍ଞାନୀ, ଗୁଣୀ ବି ଅନେକାଂଶରେ ପ୍ରଭାବିତ ହେଉଥିଲେ। ସେମାନଙ୍କ ସୃଷ୍ଟିକୁ ନେଇ ରାଜାମାନେ ସମ୍ମାନିତ ହେଉଥିଲେ। ଭୁବନେଶ୍ୱର ରଥଶର୍ମଣା ଏଥିରୁ ବର୍ତ୍ତି ନଥିଲେ। ଏହି ଅବସରରେ ସେ ମଧ୍ୟ ଭୁବନେଶ୍ୱର ରଥଶର୍ମଣାଙ୍କ ସୁପୁତ୍ର ତଥା ଆଦର୍ଶ ଶିକ୍ଷକ ପଣ୍ଡିତ ଚନ୍ଦ୍ରଶେଖର ରଥଶର୍ମାଙ୍କ ବ୍ୟକ୍ତିତ୍ୱ-କୃତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବିଚନ୍ଦ୍ର ଭୁବନେଶ୍ୱର ପୁସ୍ତକର ରଚୟିତା ନିରଞ୍ଜନ ରଥ ଏହି ଦୁଇ ପୁସ୍ତକ ପ୍ରକାଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୁସ୍ତକଦ୍ୱୟର ପ୍ରକାଶକ 'ପକ୍ଷୀଘର'ର ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଉତ୍ସବରେ ବହୁ ବିଦ୍ୱାନ ଓ ସାହିତ୍ୟିକ ଉପସ୍ଥିତ ଥିଲେ।

## ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ଓଡ଼ିଶା ରିଏଲ ଇଷ୍ଟେଟ୍ ଆପିଲେଟ୍ ଟ୍ରିବ୍ୟୁନାଲ ଅଧ୍ୟକ୍ଷ

**ଭୁବନେଶ୍ୱର :** ଓଡ଼ିଶା ରିଏଲ ଇଷ୍ଟେଟ୍ ଆପିଲେଟ୍ ଟ୍ରିବ୍ୟୁନାଲ (ଓଆରଇଏଟି) ଅଧ୍ୟକ୍ଷ ଭାବେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି। ଜଷ୍ଟିସ ପଟ୍ଟନାୟକ ଜୁନ୍ ୩୦ତାରିଖରେ ବର୍ତ୍ତମାନର ଅଧ୍ୟକ୍ଷ ଜଷ୍ଟିସ ଏସସି ପରିଜାଙ୍କ କାର୍ଯ୍ୟକାଳ ଶେଷ ହେବାପରେ ଦାୟିତ୍ୱ ଗ୍ରହଣ କରିବେ। ଏନେଇ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଅନୁସାରେ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ବିଚାରବିମର୍ଶ କରି ରାଜ୍ୟ ସରକାର ରିଏଲ ଇଷ୍ଟେଟ୍ (ରେଗୁଲେସନ ଆଣ୍ଡ ଡେଭଲପମେଣ୍ଟ) ଆକ୍ଟ-୨୦୧୬ର ଧାରା ୪୬(୨) ଆଧାରରେ ଜଷ୍ଟିସ ପଟ୍ଟନାୟକଙ୍କୁ ଓଡ଼ିଶା ରିଏଲ ଇଷ୍ଟେଟ୍ ଆପିଲେଟ୍ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରିଛନ୍ତି। ଏବେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଜଷ୍ଟିସ ପରିଜାଙ୍କ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେବ। ଆପିଲେଟ୍ ଟ୍ରିବ୍ୟୁନାଲରେ ଏବେ ଜୁଡିସିଆଲ ସଦସ୍ୟ ଭାବେ ଈଶାନ୍ କୁମାର ଦାସ ଓ ପ୍ରଶାସନିକ ସଦସ୍ୟ ଭାବେ ମଳୟ ଚାଟାର୍ଜୀ କାର୍ଯ୍ୟ କରୁଛନ୍ତି।

## ଅରୁଣ ବୋଥ୍ରା କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମରେ ୧୯୯୬ ବ୍ୟାଚ୍ ଆଇପିଏସ୍ ତଥା କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ ପୁଣିଥରେ କ୍ରୁଟ୍ ଦାୟିତ୍ୱ ଦେଇଛନ୍ତି। କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ)ର ପରିଚାଳନା ନିର୍ଦ୍ଦେଶକ ଭାବେ ଶ୍ରୀ ବୋଥ୍ରା ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ। ଗୃହ ବିଭାଗ ପକ୍ଷରୁ ଜାରି ବିଧିବଦ୍ଧ ବିଜ୍ଞପ୍ତି ଅନୁସାରେ, କ୍ରାଇମବ୍ରାଞ୍ଚ ଏଡିଜି ତଥା ଆଇପିଏସ୍ ଶ୍ରୀ ବୋଥ୍ରା ଅତିରିକ୍ତ ଭାବେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। କ୍ରୁଟ୍ ଅଧୀନରେ 'ମୋ ବସ୍' ବିଭିନ୍ନ ସହରରେ ଚଳପ୍ରଚଳ କରୁଛି । ଗତ ୨୦୧୯ ମସିହାରେ କ୍ରୁଟ୍ ପରିଚାଳନା ଦାୟିତ୍ୱରେ ଶ୍ରୀ ବୋଥ୍ରା ରହିଥିଲେ ଓ ଗତବର୍ଷ ତାଙ୍କୁ କ୍ରୁଟ୍ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। ରାଜ୍ୟ ସରକାର ପୁଣିଥରେ କ୍ରୁଟ୍ ଦାୟିତ୍ୱ ତାଙ୍କୁ ନ୍ୟସ୍ତ କରିଛନ୍ତି ଓ ସେ କ୍ରାଇମବ୍ରାଞ୍ଚ ସହ ଅତିରିକ୍ତ ଭାବେ ଏହି ଦାୟିତ୍ୱକୁ ମଧ୍ୟ ତୁଲାଇବେ। ବିଏମସି କମିଶନର ୨୦୧୩ ବ୍ୟାଚ୍ ଆଇଏଏସ୍ କୁଲାଙ୍ଗେ ବିଜୟ ଅମୃତ ଏବେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଶ୍ରୀ ବୋଥ୍ରା ଦାୟିତ୍ୱ ନେବା ଦିନ ହିଁ ତାଙ୍କର ଏହି ଅତିରିକ୍ତ ଦାୟିତ୍ୱ ରଦ୍ଦ ହେବ। ସେହିପରି ୧୯୯୭ ବ୍ୟାଚ୍ ଆଇପିଏସ୍ ଦୀପ୍ତେଶ ପଟ୍ଟନାୟକଙ୍କୁ ଜେଲ ଆଇଜି ଦାୟିତ୍ୱରୁ ହଟାଇ ଦିଆଯାଇଛି। ତାଙ୍କୁ କେବଳ ଓଏସଆରଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପରିବହନ କମିଶନର ଭାବେ କାର୍ଯ୍ୟରତ ୧୯୯୮ ବ୍ୟାଚ୍ ଆଇପିଏସ୍ ଅମିତାଭ ଠାକୁରଙ୍କୁ ଜେଲ୍ ଏଡିଜି ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି।

## କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା

**ଭୁବନେଶ୍ୱର :** ନିକଟରେ କୁଆପଥର ଓ ଘୂର୍ଣ୍ଣିଝଡ଼ରେ କ୍ଷତିଗ୍ରସ୍ତ କୋରାପୁଟ ନାରାୟଣପାଟଣା ବ୍ଲକ ଲଙ୍ଗଳବେଡା ପଞ୍ଚାୟତର କନକପୁଟ ଓ ଦଳେଇପେଟା ଗାଁର ୨୧ଟି ଅତ୍ୟନ୍ତ ଗରିବ ଆଦିବାସୀ ପରିବାରଙ୍କ ଘର ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ସେମାନଙ୍କ ଘରର ପୁନଃନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୬ ଲକ୍ଷ ୩୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ପ୍ରତି କ୍ଷତିଗ୍ରସ୍ତ ପରିବାର ୩୦,୦୦୦ ଟଙ୍କା ଲେଖାଏ ସହାୟତା ପାଇବେ। ସୂଚନାଯୋଗ୍ୟ, ଗତ ମେ' ମାସ ୨୪ ତାରିଖରେ କାଳବୈଶାଖୀର ତାଣ୍ଡବଲୀଳା ଦେଖିବାକୁ ମିଳିଥିଲା। ନାରାୟଣପାଟଣା ବ୍ଲକ ସମେତ ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବଲୀଳା ରଚିଥିଲା। ଫଳରେ ଅଳ୍ପ ସମୟରେ ବ୍ୟବଧାନରେ ବହୁ କ୍ଷତିଗ୍ରସ୍ତ କରିଥିଲା କାଳବୈଶାଖୀ। ଲଙ୍ଗଳବେଡା ପଞ୍ଚାୟତ ଅନ୍ତର୍ଗତ କାଙ୍କଣପୁଟ ଗାଁରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଗାଁର ସମସ୍ତ ଘର ଛପର ଆଜବେଷ୍ଟ ଉଡେଇ ନେଇଯାଇଥିବା ବେଳେ କିଛି ଲୋକଙ୍କ ଘର ଉପରେ ଗଛ ପଡ଼ି ଘର ଭାଙ୍ଗି ନଷ୍ଟ ହୋଇ ଯାଇଥିଲା। ଏଥି ସହ ପ୍ରବଳ ବର୍ଷାରେ ଘରର ଆସବାବପତ୍ର ରୋଷେଇ ସାମଗ୍ରୀ ପାଣିରେ ଭିଜି ନଷ୍ଟ ହୋଇଯାଇଥିଲା। କାଙ୍କଣପୁଟ ଗ୍ରାମର ଶ୍ରୀନୁ ସିଦାରାପୁ, କୋଣ୍ଡାତାମରା ଲାଛନା, ସାମ୍ବା ନାଚିକା, ନାଗା କୋଣ୍ଡାଗୋରୀ, ରମେଶ ସିଦାରାପୁ, ତାଉଡୁ ସିଦାରାପୁ, ରାଜେନ୍ଦ୍ର ମିଣିଆକା, ଭୀମା କେଣ୍ଟୁକା, ଚେନ୍ଦ୍ରେୟା କୋଣ୍ଡାତାମରା, ବିଙ୍ଗୁ ତାଡିଙ୍ଗି, କୋଟେ କୋଣ୍ଡା ତାମରା, ସମ୍ବୁରୁ କୋଣ୍ଡାତାମରା ପ୍ରମୁଖଙ୍କ ଘର ସମ୍ପୁର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଥିଲା।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୨ - ୧୮ ଜୁନ୍, ୨୦୨୩

# ଅବୁଝା କାହାଣୀ

ସମୟର ଗତିରୋଧ କରିବା ଅସମ୍ଭବ, ସେ ନିଜ ଇଚ୍ଛାରେ ଚାଲିଥାଏ ନିରନ୍ତର। ଏହା ଏକ ପ୍ରକ୍ରିୟା। ମାଟି, ପାଣି, ପବନ ଓ ଜୀବନ ସମୟ ଦ୍ୱାରା ନିୟନ୍ତ୍ରିତ ହୋଇଚାଲିଛି, ଚାଲିଥିବ। କୀଟ ପତଙ୍ଗଙ୍କ ଠାରୁ ଆରମ୍ଭ କରି ସମସ୍ତ ଜୀବଜଗତ କାଳ ଦ୍ୱାରା ବଶୀଭୂତ, ସବୁକିଛି ଦୈବ ଅଧିନ। 'ଦଇବ ଦଉଡି ମଣିଷ ଗାଈ, ଯେଣିକି ଟାଣଇ ସେଣିକି ଯାଇ' ଉକ୍ତି ପରି ମଣିଷ ସମାଜ ଏହିଭଳି ନିୟମ ଭିତରେ ବନ୍ଧା ହୋଇ ରହିଛି। ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ବଞ୍ଚୁଥିବା ପ୍ରତ୍ୟେକ ମଣିଷ ଜୀବଦଶା ମଧ୍ୟରେ ଅନେକ ଘଟଣା ଓ ଦୁର୍ଘଟଣାକୁ ଅଙ୍ଗେ ନିଭାଇଚାଲିଛି। ଯଦିଓ ମୃତ୍ୟୁ ହେଉଛି ଜୀବନ ନାଟକର ଶେଷ ଅଙ୍କ ଯାହାର ଅନୁଭୂତି ନିଜେ କାହାକୁ କହିବା ସମ୍ଭବପର ନୁହେଁ। ଏହା ଏକ ଆଶଙ୍କାର ପୂର୍ଣ୍ଣ ଚେତନାରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦିଗକୁ ପ୍ରେରିତ କରିଥାଏ। ବୈଜ୍ଞାନିକ ମାନେ ନିର୍ଦ୍ଧାରଣ କରିଥିବା ସମୟ ସାରଣୀ ଆମକୁ ଦିନମାନର ସୂଚୀ, ସୂଚନା ପ୍ରଦାନ କରୁଥିଲେ ବି କିଛି ଜିଜ୍ଞାସା ଆମ ମନକୁ ଆନ୍ଦୋଳିତ କରିଚାଲିଛି। ପ୍ରତି କ୍ରିୟାର ଏକ ପ୍ରତିକ୍ରିୟା ଥିଲାଭଳି ଜଣେ ବ୍ୟକ୍ତିର ଜୀବନ କାଳ ମଧ୍ୟରେ ଅସଂଖ୍ୟ ଅସଂଖ୍ୟ ପ୍ରଶ୍ନର ସାମ୍ନା କରି ଜୀବନକୁ ଗତିଶୀଳ କରିପାରେ। ପ୍ରତ୍ୟେକ ମଣିଷ ସୁଖରେ ବଞ୍ଚିବା ଚିନ୍ତା କରିଥାଏ, ହେଲେ ଜୀବନରେ ସୁଖ ଅପେକ୍ଷା ଶାନ୍ତିର ଆବଶ୍ୟକତା ଯେ ଅଧିକ ଥାଏ ତାହା ପାଶୋରିଦିଏ। ଫଳରେ ଅକ୍ଳାନ୍ତ ଶ୍ରମ, ଅନୀତି ଉପାୟରେ ଅଧିକ ଉପାର୍ଜନକୁ ନେଇ ଖୁବ ଖୁସି ହୁଏ। ଧୀରେ ଧୀରେ ସଂଚିତ ଅର୍ଥର ପାହାଡ଼ ଉପରେ ବସି ସବୁଠୁ ଅଧିକ ଭଲରେ ରହିଛି ବୋଲି ଜଗତକୁ ଦେଖେଇହୁଏ। ଜଗତ ଜନ ଏହାକୁ ଦେଖି କେହି ଈର୍ଷା, ସନ୍ଦେହ, ଘୃଣା ବା ଭଲପାଇବା ଅଜାଡି ଦିଅନ୍ତି। ତାହାରି ମଧ୍ୟରେ ସମୟ ତାର ନିଜସ୍ୱ ଢଙ୍ଗରେ ସଂସାର ଡ଼ଙ୍ଗା ଆଗକୁ ଆଗକୁ ବାହି ନେଉଥାଏ। ପଛରେ ଅନେକ ଅତୀତ, ଘଟଣା, ଦୁର୍ଘଟଣା, ଅସୁୟା, ପ୍ରେମ ସ୍ନେହ ସହ କୋଳାହଳ ଥାଏ। କେହି ଭଗବତ ବିଶ୍ୱାସୀ ହୋଇ ମନ୍ଦିର, ମସଜିଦ, ଗୀର୍ଜାରେ ସମାଜର ମଙ୍ଗଳ କାମନା କରୁଥିଲା ବେଳେ କେହି କେହି ପାଶବିକତାକୁ ଆୟୁଧ କରି ହତ୍ୟା, ଅପରାଧ ଓ ସଂହାର ଲୀଳା କରିଚାଲନ୍ତି। କିନ୍ତୁ ସମସ୍ତଙ୍କ ଅଗୋଚରରେ କାଳ ଏହାର ହିସାବ ନିକାଶ କରିଚାଲେ। ଅନ୍ତିମ କ୍ଷଣ ଆସିବା ଆଗରୁ ମଣିଷକୁ ଏହାର ସାମାନ୍ୟ ଆଭାସ ମିଳୁଥିଲେ ମଧ୍ୟ ଏହାକୁ ନଜର ଅନ୍ଦାଜ କରି ଅଭ୍ୟାସ ମୁତାବକ ମଣିଷ ନିଜର ଆଧିପତ୍ୟ ଅଧିକ କରିବା ଚିନ୍ତାରେ ନିମଗ୍ନ କଲାମାତ୍ରେ ନାନାଦି ରୋଗ ବ୍ୟାଧି ଗ୍ରାସ କରିବା ଆରମ୍ଭ କରିସାରିଥାଏ। ସାଧାରଣ ଅର୍ଥରେ ଦେଖିଲେ ଯେଉଁ ଲୋଭ ମୋହ ବଶବର୍ତ୍ତୀ ହୋଇ ମଣିଷ ଏସବୁ କରିଥାଏ ତାହାର ସାରାଂଶ କଣ ବୋଲି ପଚାରିଲେ ହୁଏତ ଅଧିକାଂଶ ଏ ବିଷୟରେ ଅଜ୍ଞ ବୋଲି କରିପାରନ୍ତି। ମାତ୍ର କତିପୟ ସମାଜ ସୁଧାରକ, ସାଧୁ, ତ୍ୟାଗୀ ଜୀବନର ଅସଲ ମୂଲ୍ୟବୋଧ ବୁଝିସାରିଥାନ୍ତି। ସେମାନଙ୍କ କଥାକୁ ଅନେକ ଗ୍ରହଣ କରିନଥାନ୍ତି। ଯାହାଫଳରେ ଭଲ ମଣିଷମାନେ ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରରେ ରହି ନିଜ ଜୀବନକୁ ମାଜିମୁଜି ସଫାସୁତୁରା କରିଚାଲନ୍ତି। ସୂର୍ଯ୍ୟ କିରଣ କିଛି ବିଚାର ନକରି ସବୁ ସ୍ଥାନରେ ପ୍ରବେଶ କଲାଭଳି ସମାଜରେ ଭଲ ମଣିଷ ମାନେ ନିଜ ନିଜର କର୍ତ୍ତବ୍ୟକୁ ନେଇ ଆଗକୁ ବାଟ ଚାଲନ୍ତି। ସମୟ ସ୍ରୋତରେ ଭାସିଗଲାବେଳେ କେତେ ଆଶା, ଆଶଙ୍କା, ଭୟ, ମୋହ, ମାୟା, ବନ୍ଧନର ଅତୁଟ କାହାଣୀ ପଛରେ ରହିଯାଉଥାଏ। କେଉଁ ଦୂର ଦିଗବଳୟରେ ସେତେବେଳେ ସଞ୍ଜ ନଇଁ ଆସିବାର ଚିତ୍ରପଟ ମନ ଭିତରେ ବିଶ୍ୱାସର ଦୁର୍ଗ ଭାଙ୍ଗି ଖଣ୍ଡ ଖଣ୍ଡ ହେଲାବେଳେ ମନେହୁଏ ସତରେ ଜୀବନ ଏକ ଅବୁଝା କାହାଣୀ।

ସମ୍ବାଦକ୍ରାନ୍ତି
ତାରକ ମହାନ୍ତି



# ସଂସଦୀୟ ବ୍ୟବସ୍ଥା ମଧ୍ୟ ଦେଇ ଏକଚ୍ଛତ୍ର ଶାସନର ଅନୁପ୍ରବେଶ



ଅସିତ ମହାନ୍ତି

ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ଦେଶରେ ମଧ୍ୟ ସଂସଦକୁ ରାଜନୈତିକ ସ୍ତରରେ ବିପଦରେ ପକାଇ ଦିଆଯାଇଛି। ସଂସଦର ଅର୍ଥ ହେଉଛି ଗଣତନ୍ତ୍ରର ମନ୍ଦିର। ଦେଶର ଲୋକଙ୍କ ଟିକସରେ ନିର୍ମିତ ଏକ ବିଶାଳ ସଂସଦ, ଯାହାକୁ ଦେଶର ପ୍ରଧାନମନ୍ତ୍ରୀ ୨୮ ତାରିଖ ରେ ଉଦଘାଟନ କରିବାକୁ ଯାଉଛନ୍ତି। ଏବଂ ଆଗାମୀ ଦିନରେ, ଏହା ମାଧ୍ୟମରେ ଦେଶକୁ ଶାସନ କରିବାକୁ ହେବ। ଏହା ସଙ୍କେତ ଭାଷା ନୁହେଁ ବରଂ ଏହା ହେଉଛି ଭାରତର ବାସ୍ତବତା। ଅନ୍ୟପକ୍ଷରେ ବିରୋଧୀଙ୍କୁ କହିବାକୁ ପଡୁଛି ଯେ ଅନ୍ତତଃ ପକ୍ଷେ ସମ୍ବିଧାନରେ ଲିଖିତ ଶବ୍ଦକୁ ପଢିବା ଉଚିତ। ସେହି ଶବ୍ଦରେ ଲେଖାଯାଇଛି ଯେ ପ୍ରକୃତରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ମଧ୍ୟରେ ପାର୍ଥକ୍ୟ ଅଛି। ରାଷ୍ଟ୍ରପତି ସଂସଦର ପରିପ୍ରେକ୍ଷୀରେ ସବୁଠାରୁ ବଡ ବ୍ୟକ୍ତି ବା ମୁଖିଆ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଜିଦ୍ ହେଉଛି ସେ ନିଜେ ନବନିର୍ମିତ ସଂସଦ ଗୃହର ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀଙ୍କ ଜିଦ୍ ହେଉଛି ସଂସଦରେ ଶକ୍ତି, ଯେଉଁମାନଙ୍କ ସଂଖ୍ୟାଗରିଷ୍ଠତା ଅଛି, ତାଙ୍କ ସାମ୍ନାରେ ବିରୋଧୀ ଜୋରରେ କହିବା ଉଚିତ୍ ନୁହେଁ ଏବଂ ଆଦୌ କୌଣସି ପ୍ରଶ୍ନ ଉଠାଇବା ଉଚିତ୍ ନୁହେଁ।ଏହି ସାଶନ ଯାହାକୁ ଚାହିଁବ ତାଙ୍କର ସଦସ୍ୟତା ବାତିଲ କରିପାରିବ, ଯାହାକୁ ଚାହିଁବ ତାକୁ କାଠଗଡାରେ ଛିଡା କରିପାରିବ, ଯେଉଁଠାରେ ଦେଶର ସ୍ୱୟଂଶାସିତ ଅନୁଷ୍ଠାନମାନେ କହିବେ ଯେ ହଁ, ସେମାନେ ଅପରାଧୀ, ଏବଂ ତା'ପରେ ସଂସଦ ଭିତରେ ହଇଚଗୋଳ ସୃଷ୍ଟି ହେବ। ବର୍ତ୍ତମାନ ଦେଶରେ ସଂସଦୀୟ କମିଟି ମାନଙ୍କର, ସଂସଦ ଭିତରକୁ ଏକ ବିଲ୍ ଆଣିବା ଏବଂ ଏହାକୁ ନେଇ ବିତର୍କ କରିବାର କୌଣସି ଅର୍ଥ ନାହିଁ। ଏବଂ ଏହାର ଅନେକ ଅର୍ଥ ହେଉଛି ଯେ ଶାସକ ଦଳ ଯାହା ନିଷ୍ପତ୍ତି ନେବେ ତାହା ସବୁକିଛି। ବର୍ତ୍ତମାନ ଏହି ସମ୍ପୂର୍ଣ୍ଣ ଚିଠା ୨୮ ତାରିଖ ଯୋଜନାର ଚାରିପଟେ ରହିଛି ଯେଉଁଥିରେ ପ୍ରଧାନମନ୍ତ୍ରୀ ୨୮ ତାରିଖ ରେ ନୂତନ ସଂସଦର ଉଦଘାଟନ କରିବେ। କିନ୍ତୁ ବିରୋଧୀ ଦଳ କହୁଛନ୍ତି ଯେ ଉଦ୍ଘାଟନ ପ୍ରଧାନମନ୍ତ୍ରୀ ନୁହେଁ ରାଷ୍ଟ୍ରପତିଙ୍କ ଦ୍ୱାରା କରାଯିବା ଉଚିତ, କାରଣ ଏହା ଆମର ସାମ୍ବିଧାନିକ ପରମ୍ପରା। ଏହା ଏତେ ସରଳ ବିଷୟ ନୁହେଁ ଯାହା ଉଦ୍ଘାଟନ ପର୍ଯ୍ୟନ୍ତ ସଂଯୁକ୍ତ। କାରଣ ବିରୋଧୀ ଏକ ଲମ୍ବା ତାଲିକା ଜାରି କରିଛନ୍ତି ଏବଂ ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହରେ ଏହି ଦେଶରେ ସରକାରଙ୍କ ଶକ୍ତି ଅନୁଭବ କରାଯାଉଛି ଏବଂ ଆଗାମୀ ସମୟରେ ସଂସଦରେ କିପରି ସଂଖ୍ୟାଗରିଷ୍ଠତା ରହିବ, କେତେ ସଦସ୍ୟଙ୍କ ସଂଖ୍ୟା ହେବ, ସବୁକିଛି ସ୍ଥିର ହୋଇଛି। ଯଦି ପରିସ୍ଥିତି ଏପରି ହୁଏ, ତେବେ ବିରୋଧୀ କୁହନ୍ତି - ଖୋଲା ଆକାଶ ତଳେ, ଲୋକଙ୍କ ମଧ୍ୟରେ ଖୋଲା ରାସ୍ତାରେ ଆମେ ଆମର ବାର୍ତ୍ତା ପହଞ୍ଚାଇବୁ। ସଂସଦର ସଦସ୍ୟତା ବାତିଲ ହେବା ପରେ ରାହୁଲ ଗାନ୍ଧୀ ଏବେ ଏହି ପଶାକାଠି ଫିଙ୍ଗି ଦେଇଛନ୍ତି। ଏହା ଏପରି ଏକ ଅଧିକାର ଯେଉଁଠାରେ ସଂସଦ ଏହାର ମଝିରେ ଠିଆ ହୋଇଛି। ସମଗ୍ର ବିରୋଧୀ ଘୋଷଣା କରିଛନ୍ତି - ଅର୍ଥାତ୍ ୧୯ ଟି ରାଜନୈତିକ ଦଳ କହିଛନ୍ତି ଯେ ୨୮ ତାରିଖରେ ଏହି ଯୋଜନା, ଯେଉଁଥିରେ ସେମାନେ ଚାହୁଁଛନ୍ତି ଯେ ଦେଶର ଲୋକମାନେ ଏହି ଆଲୋକରେ ହୃଦୟଙ୍ଗମ କରନ୍ତୁ - ପ୍ରକୃତରେ ସଂସଦର ଅର୍ଥ ହେଉଛି 'ଆମେ', ଯଦି ଆମେ ସେଠାରେ ଅଛୁ ସେଠାରେ ସଂସଦ ଅଛି। ତାହେଲେ, ଆମେ ଏହି ପଦକ୍ଷେପକୁ ବୟକଟ କରୁଛୁ। ବର୍ତ୍ତମାନ ପରିସ୍ଥିତିରେ ୫୪୩ ଲୋକସଭା ସଦସ୍ୟ, ୨୩୮ ରାଜ୍ୟସଭା ସଦସ୍ୟ। କିନ୍ତୁ ଯଦି ବୟକଟ ସଂଖ୍ୟା ଯୋଡାଯାଏ - ତେବେ ୧୯ ଟି ରାଜନୈତକ ଦଳର ୯୭ ଜଣ ରାଜ୍ୟସଭା ଏବଂ ଲୋକସଭାର ୧୫୮ ଜଣ ସଦସ୍ୟ ଅର୍ଥାତ୍ ୨୫୫ ଜଣ ସଂସଦ ସଦସ୍ୟ ସେଦିନ ସେଠାରେ ରହିବେ ନାହିଁ। ୧୯ଟି ରାଜନୈତିକ ଦଳ ସେମାନଙ୍କର ଦସ୍ତଖତ ସହିତ ଚିଠି ଦ୍ୱାରା ଘୋଷଣା କରିସାରିଛନ୍ତି . କିନ୍ତୁ ୫ ଟି ଦଳ ରହିବେ ଯେଉଁଥିରେ ବିଜୁ ଜନତା ଦଳ ସମ୍ମିଳିତ ଅଛି. ଭାରତ ଭିତରେ ସତ୍ୟ କ'ଣ? ବାସ୍ତବରେ, ସମଗ୍ର ଦେଶ ଆଉ ପ୍ରଧାନମନ୍ତ୍ରୀଙ୍କ ଆଡକୁ ଚାହିଁ ନାହାଁନ୍ତି, ବରଂ ଏକଛତ୍ରବାଦୀ ଶାସକ ଆଡକୁ ଚାହିଁଛନ୍ତି। ବର୍ତ୍ତମାନ, ଗଣତନ୍ତ୍ର ନାହିଁ, ଗଣତନ୍ତ୍ର ନାମରେ ଏକ ଶକ୍ତି ଅଛି, ଯାହା ଗଣତନ୍ତ୍ରର ସମସ୍ତ ସ୍ରୋତକୁ ଗ୍ରହଣ କରିଛି। ବର୍ତ୍ତମାନ ସମୟରେ ସମ୍ବିଧାନର ଅସ୍ତିତ୍ୱ ଏବଂ ଏଥିରେ ଲିପିବଦ୍ଧ ହୋଇଥିବା ବିଭିନ୍ନ ପ୍ରବନ୍ଧ ମାଧ୍ୟମରେ, ପ୍ରଧାନମନ୍ତ୍ରୀଙ୍କ ସାମ୍ନାରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱକୁ ଗୌଣ କରିଦିଆଯାଇଛି। ଉଦଘାଟନ ସମୟରେ, ସମଗ୍ର ବିଶ୍ୱ ଦେଖିବ ଯେ ୧୯ ଟି ରାଜନୈତିକ ଦଳର ୨୫୫ଜଣ ସଦସ୍ୟ ଅନୁପସ୍ଥିତ ଅଛନ୍ତି। ଅନ୍ୟାନ୍ୟ ରାଜନୈତିକ ଦଳ ଯେଉଁମାନେ ସେଠାରେ ଯୋଗଦେବେ, ଏହା ହେଉଛି ସେମାନଙ୍କର ବାଧ୍ୟତାମୂଳକ। ଯଦି ସେମାନେ ଯୋଗ ନ ଦିଅନ୍ତି ତେବେ ସେମାନଙ୍କୁ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିବ। ସମ୍ବିଧାନ, ଏହାର ଧାରା ୭୯ ରେ କହିଛି - ଭାରତରେ ଏକ ସଂଘୀୟ ସରକାର ଅଛି ଯେଉଁଥିରେ ସାମ୍ପ୍ରତିକ ବିଧାନସଭା ସଂସଦ ଭାବରେ ଜଣାଶୁଣା। ବ୍ରିଟିଶ ଶାସନ ବ୍ୟବସ୍ଥା ପରି ଭାରତରେ ମଧ୍ୟ ସଂସଦୀୟ ବ୍ୟବସ୍ଥା ରହିଛି। ଭାରତୀୟ ସମ୍ବିଧାନର ଧାରା ୭୯ ସଂସଦ ପାଇଁ ପ୍ରଦାନ କରିଛି, ଯାହାର ତିନୋଟି ଅଂଶ ଅଛି: ରାଷ୍ଟ୍ରପତି, ରାଜ୍ୟସଭା ଲୋକସଭା, ରାଷ୍ଟ୍ରପତି କେବଳ ରାଜ୍ୟ ମୁଖ୍ୟ ନୁହଁନ୍ତି ସଂସଦର ଏକ ଅବିଚ୍ଛେଦ୍ୟ ଅଙ୍ଗ ମଧ୍ୟ। ସେ ସଂସଦ ଅଧିବେଶନକୁ ଡାକନ୍ତି, ଅର୍ଥାତ୍ ଏହାକୁ ଆରମ୍ଭ କରନ୍ତି ଏବଂ ଏହାକୁ ମଧ୍ୟ ସମାପ୍ତ କରନ୍ତି। ମୋଟାମୋଟି ଭାବେ, ଭାରତର ସଂସଦୀୟ ରାଜନୀତି ରାଷ୍ଟ୍ରପତିଙ୍କ ଚାରିପାଖରେ ଘୁରି ବୁଲୁଛି। ଏପରି ସ୍ଥିତିରେ ସଂଘୀୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କୁ ଅଲଗା କରିବା ସମ୍ବିଧାନ ବିରୋଧୀ ଏବଂ ଗଣତନ୍ତ୍ରର ଆଧାରଣ ଉପରେ କୁଠାରାଘାତ କରାଯାଇଛି। ବିଗତ ଦିନରେ ପୁରା ବିଶ୍ୱ ଦେଖିଛି, କିପରି ଗଣତାନ୍ତ୍ରିକ ଅଧିକାରକୁ ସଂସଦରେ ବର୍ତ୍ତମାନ ସରକାର ଦ୍ୱାରା ପଦ ଦଳିତ କରାଯାଇଛି। ଏପରି କିଛି ଅପରାଧ ମାଧ୍ୟମରେ ରାହୁଲ ଗାନ୍ଧୀଙ୍କ ସଂସଦର ସଦସ୍ୟତା ଶେଷ କରାଯାଇଥିଲା। ବାସ୍ତବରେ, ବର୍ତ୍ତମାନର ସରକାର ରାହୁଲ ଗାନ୍ଧୀଙ୍କୁ ୨୦୨୪ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁନାହାଁନ୍ତି।ତେଣୁ କୌଣସି ପ୍ରକାରେ ତାଙ୍କୁ ରାସ୍ତାରୁ ହଟାଇବାର ପ୍ରଚେଷ୍ଟା ଜାରି ରଖିଛନ୍ତି . ସରକାର ଜନସାଧାରଣଙ୍କୁ ଗୋଟିଏ ମେସେଜ ଦେବାକୁ ଦେଇଛନ୍ତି ଯେ , ନ୍ୟାୟପାଳିକା ମଧ୍ୟ ସରକାରଙ୍କ ଅନୁସାରେ ଚାଲିଥାଏ। ବର୍ତ୍ତମାନର ରାଜନୈତକ ସତ୍ତା ଏହି ଦେଶର ଗଣତନ୍ତ୍ରକୁ ନିଜ ଶକ୍ତି ଅନୁଯାୟୀ ଗଢ଼ିଛି ଏବଂ ଏହାର ଶକ୍ତି ଅନୁଯାୟୀ ସମ୍ବିଧାନକୁ ବ୍ୟାଖ୍ୟା କରିବାକୁ ଚାହୁଁଛି। ବୋଧହୁଏ ସେଥିପାଇଁ ଯଦି ସଂସଦ ବିପଦରେ ଅଛି, ତେବେ ବିରୋଧୀମାନେ ଉଠାଇଥିବା୬ -୭ ପ୍ରସଙ୍ଗ ବର୍ତ୍ତମାନ ସମୟରେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଲୋକମାନେ ବୁଝିବା ଉଚିତ୍। ବିରୋଧୀଦଳ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ, ଯିଏ ସଂସଦକୁ ଲଗାତାର ଖୋକଲା କରିଚାଲିଛନ୍ତି , ସେ ଅଗଣତାନ୍ତ୍ରିକ କାର୍ଯ୍ୟ ପାଇଁ ନୂଆ ନୁହଁନ୍ତି, ଅଗଣତାନ୍ତ୍ରିକ ପଦ୍ଧତି, ସେ କ୍ରମାଗତ ଭାବରେ ଏହା କରିଆସୁଛନ୍ତି ଏବଂ ସଂସଦ ଗୃହର ଉଦଘାଟନ(ଗଣତନ୍ତ୍ରର ମନ୍ଦିର) କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏହି ଅଭିଯୋଗ ଲଗାଯାଉଛି। ସଂସଦର ବିରୋଧୀ ସଦସ୍ୟମାନେ ଦେଶର ପ୍ରସଙ୍ଗ ଉଠାଇବାବେଳେ ସେମାନଙ୍କୁ ଅଯୋଗ୍ୟ, ନିଲମ୍ବିତ ଏବଂ ନିରବ କରିଦିଆଯାଉଛି। ଏହି ଦେଶରେ ଯେତେ ବଡ କର୍ପୋରେଟ୍ ସ୍କାମ ହେଲା , ସଂସଦରେ ମଧ୍ୟ ସମାନ ପ୍ରସଙ୍ଗ ଉଠାଯାଇଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ଚୁପ୍ ରହିଲେ। ସଂସଦ ମଧ୍ୟରେ ଏହି ପ୍ରସଙ୍ଗରେ ଯାହା ବି କୁହାଯାଇଥିଲା, ସେହି ଶବ୍ଦଗୁଡ଼ିକ ଅଦୃଶ୍ୟ କରିଦିଆଗଲା, ଅର୍ଥାତ୍ ଏହା ଡକ୍ୟୁମେଣ୍ଟ୍ ହୋଇନଥିଲା। ସେହିଭଳି ରାହୁଲ ଗାନ୍ଧୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ସହିତ ନିଲମ୍ବିତ କରାଯାଇଥିଲା। ଏହା ପରେ ପ୍ରଶ୍ନ ମଧ୍ୟ ଥିଲା - ରାହୁଲ ଗାନ୍ଧୀ ଲଣ୍ଡନରେ କେଉଁ ବିବୃତ୍ତି ଦେଇଛନ୍ତି, ଯାହା ଉପରେ ଶାସକ ଦଳ ସଂସଦକୁ କାର୍ଯ୍ୟ କରିବାକୁ ଅନୁମତି ଦେଇ ନାହିଁ। ଯେତେବେଳେ ଉତ୍ତର ଦେବାକୁ କୁହାଗଲା, ବାଚସ୍ପତି କିଛି ଉତ୍ତର ଦେଲେ ନାହିଁ। ତେବେ ସଂସଦରେ କ'ଣ ହେବ ଯାହା ବର୍ତ୍ତମାନ ଉଦ୍ଘାଟିତ ହେବ? ଯଦି ମାମଲା ସଂସଦରେ ରଖାଯାଏ ନାହିଁ ତେବେ ତାହା କେଉଁଠାରେ ରଖାଯିବ? ବିରୋଧୀ ତିନୋଟି କୃଷି ନିୟମ ଉଲ୍ଲେଖ କରିଛନ୍ତି। ଯେତେବେଳେ ଏକ ବିବାଦୀୟ ନିୟମ ଆସେ, ଏହା ଉପରେ କୌଣସି ବିତର୍କ ହୁଏ ନାହିଁ ଏବଂ ଏହା ପାରିତ ହୁଏ। କୃଷି ଆଇନ ଏହାର ଏକ ଉଦାହରଣ। କେବଳ ଏତିକି ନୁହେଁ, ଏହି ଦେଶର ବଜେଟ୍ ମାତ୍ର ୧୦ ମିନିଟ୍ ମଧ୍ୟରେ ପାରିତ ହୋଇଛି, ଏହା ଉପରେ କୌଣସି ଆଲୋଚନା ହୋଇନାହିଁ। ତେବେ ଏହାର ଅର୍ଥ କ'ଣ ଯେ ଆମେ ଏହି ଚମତ୍କାର କୋଠା ତିଆରି କରିଛୁ। ଏହା କହିବା କି ଆମ ଦେଶ ଆତ୍ମନିର୍ଭରଶୀଳ ହୋଇଛି? ଏହା ମନେ ରଖିବାକୁ ହେବ ଯେ ନେହେରୁଙ୍କ ଠାରୁ ମନମୋହନ ସିଂ ପର୍ଯ୍ୟନ୍ତ - କେହି ସିଂହାସନରେ ସବୁଦିନ ରହିପାରି ନାହାନ୍ତି। ବାସ୍ତବରେ, ଆପଣ ଚେୟାରରେ ବସିବେ କି ନାହିଁ , ତାହାର ନିଷ୍ପତ୍ତି ଜନସାଧାରଣ ନିଅନ୍ତି। ତେଣୁ ସଂସଦୀୟ ବ୍ୟବସ୍ଥା ମଧ୍ୟ ଦେଇ ଏକ ଏକଚ୍ଛତ୍ର ଚରିତ୍ର ସାମ୍ନାକୁ ଆସି ସାରିଛି ଯାହା ଭାରତ ପାଇଁ ଏକ ବଡ ବିପଦ। ଏହାର ଉଦାହରଣ ଆମେ ଶ୍ରୀଲଙ୍କା ଏବଂ ପାକିସ୍ତାନରେ ଦେଖିସାରିଛନ୍ତି।

ସୁଜନପୁର , ଯାଜପୁର
ଦୂରଭାଷ : ୯୩୪୮୭୬୮୮୧୨

# ନୂଆ ସଂସଦ ଭବନ ଉଦ୍‌ଘାଟନକୁ ନେଇ ବିବାଦ କେତେ ଯଥାର୍ଥ

ସଞ୍ଜୀବ କୁମାର ଦାସ

୨୦୨୩ ମସିହା ମଇ ମାସ ୨୮ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୁଏ ଯାହାର ପରିଚୟ ଅନନ୍ୟ। ଏହି ଦିନ ଆମ ପ୍ରିୟ ପ୍ରଧାନମନ୍ତ୍ରୀ ନୂଆ ସଂସଦ ଭବନର ଉଦ୍ଘାଟନ କରି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଯେଉଁ ବାର୍ତ୍ତା ଦେଲେ ତାହା ପ୍ରଣିଧାନଯୋଗ୍ୟ। ଅନେକ ବାଦ ବିବାଦ ପରେ ଲୋକାର୍ପଣ ସମୟରେ ସେ କହିଥିଲେ ଗଣତନ୍ତ୍ରର ଜନନୀ ଭାରତ ବିଶ୍ୱର ଆଲୋକବର୍ତ୍ତିକା। ତା ଛଡ଼ା, ଏହି ନୂତନ ସଂସଦ ଭବନ ୧୪୦ କୋଟି ଭାରତୀୟଙ୍କ ପାଇଁ ଜନମଙ୍ଗଳ ନୀତି ପ୍ରସ୍ତୁତ କରିବ ବୋଲି ସେ ସମ୍ପୂର୍ଣ୍ଣ ଆଶାବାଦୀ। ଏହି ପ୍ରସଙ୍ଗରେ ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଭାରତର ବିକାଶ ହେଲେ ବିଶ୍ୱର ବିକାଶ ହୋଇଥାଏ। ନୂଆ ସଂସଦ ଭବନ ବିଶ୍ୱ ବିକାଶର ନେତୃତ୍ୱ ନେବା ଓ ପ୍ରତ୍ୟେକ ରାଷ୍ଟ୍ରର ବିକାଶ ଯାତ୍ରାରେ ଏମିତି କେତେକ ମୁହୂର୍ତ୍ତ ଆସେ ଯାହା ଚିରସ୍ଥାୟୀ ହୋଇଥାଏ। ଆଜିର ଦିନଟି ସେମିତି ଏକ ମୁହୂର୍ତ୍ତ। ନବ୍ୟ, ଦିବ୍ୟ ଏବଂ ଭବ୍ୟ ଆମ ଗଣତନ୍ତ୍ରର ପଞ୍ଚଷଠି ହଜାର ବର୍ଗ ମିଟର ପରିମିତ ଏହି ମନ୍ଦିରକୁ ଗଢି ତୋଳିବା ନିମନ୍ତେ ନିର୍ମାଣକାରୀ ସଂସ୍ଥା ଟାଟା ପ୍ରୋଜେକ୍ଟ ଲିମିଟେଡ୍‌କୁ ପ୍ରାୟ ଅଢେଇ ବର୍ଷ ସମୟ ଲାଗିଛି, ଯେଉଁଥିରେ ଷାଠିଏ ହଜାର ଶ୍ରମିକଙ୍କ ସମର୍ପିତ ଶ୍ରମଦାନ ଅନ୍ତର୍ଭୁକ୍ତ। ପୁରାତନ ସଦନର ଅନତିଦୂରରେ ନିର୍ମିତ ଏହି ଭବନର ବିଶେଷତ୍ୱ ହେଉଛି ପୂର୍ବ ସଂସଦ ଭବନରେ ଥିବା ଉଭୟ ଗୃହର ଆସନ ତୁଳନାରେ ଏଠାରେ ଆସନ ସଂଖ୍ୟା ଅଧିକ। ମୟୂରାକୃତି ନିମ୍ନ ସଦନ ଲୋକସଭାର ଆସନ ସଂଖ୍ୟା ୮୮୮ ହୋଇଥିବାବେଳେ ପଦ୍ମଆକୃତି ଉଚ୍ଚ ସଦନର ଆସନ ସଂଖ୍ୟାକୁ ୩୮୪କୁ ବୃଦ୍ଧି କରାଯାଇଛି। ଫଳରେ ସଂସଦର ମିଳିତ ଅଧିବେଶନରେ ନବନିର୍ମିତ ଭବନ ଏକସମୟରେ ୧୨୭୨ ଜଣ ପର୍ଯ୍ୟନ୍ତ ଲୋକ ପ୍ରତିନିଧିଙ୍କୁ ଅଂଶଗ୍ରହଣ କରିବାର ସୁଯୋଗ ଦେଇପାରିବ। ଦେଶର ଜନସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ ୨୦୨୬ ବେଳକୁ ଉଭୟ ସଦନରେ ସଭ୍ୟ ସଂଖ୍ୟା ବଢିବାର ଆକଳନ କରାଯାଉଥିବାରୁ ଏକ ନୂତନ ଭବନ ନିର୍ମାଣ କରାଯିବାର ପ୍ରସ୍ତାବ ଶେଷରେ କାର୍ଯ୍ୟକାରୀ ହୋଇପାରିଛି। ଏପରି ଏକ ପ୍ରସ୍ତାବ ପ୍ରଥମେ ୨୦୧୦ ମସିହାରେ ଲୋକସଭାର ତତ୍କାଳୀନ ବାଚସ୍ପତି ମୀରା କୁମାରଙ୍କ ପୌରୋହିତ୍ୱରେ ଗଠିତ କମିଟି ଦ୍ୱାରା ସଂସଦରେ ଉପସ୍ଥାପିତ ହୋଇଥିଲା। ସ୍ଥାନାଭାବ ଏବଂ ସେହି ସମୟକୁ ୮୩ ବର୍ଷ ପୂର୍ଣ୍ଣ କରିଥିବା ପୁରାତନ ସଦନ ପରିବର୍ତ୍ତେ ଏକ ନୂତନ ଭବନର ନିର୍ମାଣ ପ୍ରସ୍ତାବକୁ କମିଟି ଅନୁମୋଦନ କରିଥିଲା। ତେବେ ୮୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ଏକ ସୁନ୍ଦର, ସୁଶୋଭିତ ଏବଂ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ତଥା ଭାରତୀୟ ପରମ୍ପରାର ଛାପ ଥିବା ଏହି ଭବନର ଉଦ୍ଘାଟନକୁ ନେଇ ବାଦ ବିବାଦ ବୁଦ୍ଧିଜୀବୀ ଏବଂ ଦୂରଦୃଷ୍ଟି ସମ୍ପନ୍ନ ନାଗରିକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ବିରୋଧ କରୁଥିବା ରାଜନୈତିକ ଦଳ ଏବଂ କିଛି ସଂସ୍ଥା ଏହା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ନ ହୋଇ ଭାରତର ପ୍ରଥମ ନାଗରିକ ରାଷ୍ଟ୍ରପତି କିମ୍ବା ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ଲୋକାର୍ପିତ ହେବା ପାଇଁ ଜିଦ୍ ଧରି ଉତ୍ସବକୁ ବର୍ଜନ କରିଛନ୍ତି। ସେମାନଙ୍କ ଅନ୍ୟ ଅଭିଯୋଗ ହେଲା ମଇ ମାସ ୨୮ ତାରିଖଟିକୁ କାହିଁକି ବିଚାରକୁ ନିଆଗଲା ଓ କେନ୍ଦ୍ରରେ ଅବସ୍ଥାପିତ ମୋର୍ଚ୍ଚା ସରକାରର ବୃହତ୍ତମ ଘଟକ ଦଳ ବିଜେପି ହିନ୍ଦୁତ୍ୱର ଦ୍ୱାହି ଦେଇ ବୀର ସବରକରଙ୍କ ଜନ୍ମ ତିଥିରେ ସଂସଦ ଭବନ ଲୋକାର୍ପିତ ହେବାକୁ ବିରୋଧୀ ମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି, କାରଣ ସେମାନେ ହିନ୍ଦୁ ସପକ୍ଷବାଦୀ ଏହି ନେତାଙ୍କ ଭାରତୀୟ ସ୍ୱାଧୀନତା ପାଇଁ କୌଣସି ସକାରାତ୍ମକ ଭୂମିକା ଥିବା ଅନୁଭବ କରୁ ନାହାନ୍ତି। ଦ୍ୱିତୀୟରେ, ଆମ ଦେଶ ସ୍ୱାଧୀନତାର ୭୫ ବର୍ଷ ପ୍ରାପ୍ତି ଅବସରରେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଥିବା ବେଳେ ଉଦ୍ଘାଟନ ଉତ୍ସବଟିକୁ ଅଗଷ୍ଟ ୧୫ ତାରିଖରେ କରାଯାଇଥିଲେ ଏହାର ମହତ୍ୱ ଅଧିକ ହୋଇଥାନ୍ତା ବୋଲି ସେମାନେ ବିବେଚନା କରୁଛନ୍ତି। ଅବଶ୍ୟ ଉପରୋକ୍ତ ଦିବସଟି ଯଥାର୍ଥ ମନେ ହୁଏ। କିନ୍ତୁ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ବିଷୟଟିକୁ ଅନ୍ୟ ଦିଗରୁ ବିଚାର କରାଯାଇପାରେ। ପୁରାତନ ସଂସଦ ଭବନ ତତ୍କାଳୀନ ଭାଇସରୟ ଲର୍ଡ ଇରଉଇନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ଏବଂ ସେ ସେତେବେଳେ ଭାରତରେ ବ୍ରିଟିଶ ଶାସନର ପ୍ରତିନିଧି ଭାବେ ଶାସନ ମୁଖ୍ୟର ଆସନରେ ଅବସ୍ଥାପିତ ହୋଇଥିଲେ। ଅତଏବ ଏବର ପ୍ରଧାନମନ୍ତ୍ରୀ ରାଷ୍ଟ୍ରର ଶାସନମୁଖ୍ୟ ଭାବେ ନୂତନ ଗୃହକୁ ଉଦ୍ଘାଟନ କରିବା ରାଜନୈତିକ ଓ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ଯଥାର୍ଥ। ସଂସଦକୁ ଗଣତନ୍ତ୍ରର ମନ୍ଦିର ଭାବେ ବିବେଚନା କରୁଥିବା ସମସ୍ତ ଭାରତୀୟ ଏହା ସ୍ୱୀକାର କରିବେ ଯେ ଐକ୍ୟ ଓ ନୀତିର ପ୍ରତୀକ ସଂସଦ ପ୍ରତି ସମ୍ମାନ ପ୍ରଦର୍ଶନ ନିଶ୍ଚିତ ଭାବେ ଏକ କର୍ତ୍ତବ୍ୟ। ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ ନ କରି ଶାସକ ଦଳ ଯେଉଁ ତ୍ରୁଟି କଲେ ସେ ପ୍ରସଙ୍ଗଟି ଉପଯୁକ୍ତ ସମୟରେ ସଂସଦ ଭିତରେ ଉତ୍ଥାପନ କରି ଏହା ଉପରେ ଆଲୋଚନା ଜରିଆରେ ବିତର୍କ କରାଯାଇ ସରକାରଙ୍କ ଦୋଷତୃଟି ପଦାକୁ ଅଣା ଯାଇପାରିଥାନ୍ତା। ଅପରପକ୍ଷେ ଉଦ୍ଘାଟନ ଉତ୍ସବକୁ ବର୍ଜନ ନ କରି ଏଥିରେ ନିଜକୁ ସାମିଲ କରିଥିଲେ ତାହା ବିରୋଧୀ ଦଳ ମାନଙ୍କର ଏକ ଗଣତାନ୍ତ୍ରିକ ବିଜୟ ବୋଲି ସମସ୍ତଙ୍କର ହୃଦ୍‌ବୋଧ ହୋଇଥାନ୍ତା। ଏକ ସଂଘୀୟ ବ୍ୟବସ୍ଥାରେ ଉଭୟ ସରକାରୀ ଓ ବିରୋଧୀ ଦଳ ମାନଙ୍କ ରାଜନୈତିକ ପରିପକ୍ୱତା ଏଇମିତି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ହିତରେ ହେଉଥିବା ଅନେକ ଫଇସଲାରୁ ବାରି ହୋଇଥାଏ। ଆମେ ବିଶ୍ୱର ସର୍ବ ବୃହତ ଗଣତନ୍ତ୍ର ବୋଲି ଦାବି କରୁଥିବାବେଳେ ଏହିପରି ଏକ ସମ୍ବେଦନଶୀଳ ବିଷୟକୁ ଦଳୀୟ ବୈଚାରିକ ଦୃଷ୍ଟିରୁ ଫେରାଇ ରାଷ୍ଟ୍ରର ସର୍ବାଙ୍ଗୀନ ହିତ ପରିପ୍ରେକ୍ଷୀରେ ମୂଲ୍ୟାୟନ କରିବା ବିଧେୟ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଏକ ରାଜ ପ୍ରଶାସନକୁ ଦେଖିଥିବା ଭୋଗିଥିବା ପୁତ୍ତଳିକା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ରାଜା ଭୋଜ, ତାଙ୍କର ରାଜୁତି କାଳରେ ତାଙ୍କର ବିଜ୍ଞ ପରିଷଦ ମଣ୍ଡଳୀରେ ଥିବା ତତ୍କାଳ ଅଭିଜ୍ଞ ବ୍ୟକ୍ତିମାନେ ପୂର୍ବର ରାଜ କରିଥିବା ପ୍ରଶାସନ ମୁଖ୍ୟଙ୍କ ରାଜ ସିଂହାସନ କେଉଁଠି ରହିଛି ଖୋଜରେ ଲିପ୍ତ ରହି ରାଜ ବିକ୍ରମଙ୍କ ବତ୍ରିଶ ସିଂହାସନ ପୋତି ହୋଇପଡ଼ିଥିବା ମାଟିତଳୁ ଉଦ୍ଧାର କରିଥିଲେ। ରାଜା ବିକ୍ରମ ଜଣେ ସୁଶାସକ ଥିଲେ ଏହା ଥିଲା ଲୋକକଥା କିନ୍ତୁ ଚାକ୍ଷୁସ ପ୍ରମାଣ ଏପରି ରାଜଭୋଜ ଜାଣିବାକୁ ଚାହିଁଥିଲେ। ରାଜାଙ୍କର ଚାରି ନୀତିରେ ପ୍ରଜାଙ୍କୁ ପ୍ରଶାସନ ଦଣ୍ଡଭେଦ, ଦାନ, ସାମ୍ୟ ନୀତିରେ କେଉଁ ନୀତିରେ ରାଜା ବିକ୍ରମ ପ୍ରଶାସନ କରି ପ୍ରଜାନୁରଂଜନ ହୋଇପାରିଥିଲେ ଏକଥା ଆଉ କେହି ନୁହଁ ସିଂହାସନର ପୁତ୍ତଳିକାମାନେ ତାଙ୍କର ବୟାନ କରିଥିଲେ। ସିଂହାସନରେ ୧୬ ପାହାଚ ପ୍ରତି ପାହାଚରେ ପରସ୍ପର ଆଡ଼କୁ ମୁହଁ କରିଥିବା ୩୨ଟି ନାରୀ ପୁତ୍ତଳିକା ସେମାନେ ବିଭିନ୍ନ ଅଙ୍ଗଭଙ୍ଗୀରେ ରହି ପାହାଚ ମଣ୍ଡନ କରିଥିଲେ। ଏପରି ସିଂହାସନରେ କେବଳ ରାଜା ବିକ୍ରମ ବସିବାକୁ ଯୋଗ୍ୟ ଅନ୍ୟ ରାଜା ଏପରିକି ଭୋଜରାଜ ଯୋଗ୍ୟ ନୁହଁନ୍ତି। ଏହାଥିଲା ନିର୍ବାକ ମୂର୍ତ୍ତିଗୁଡ଼ିକର ଭାବ ଗମ୍ଭୀର ବାକ ସେ ମୂର୍ତ୍ତିମାନେ ସତେ ଯେପରି ସିଂହାସନର ଜଗୁଆଳି ଥିଲେ। ଭୋଜରାଜଙ୍କୁ ବିକ୍ରମରାଜାଙ୍କର କୀର୍ତ୍ତି ଇତିହାସ ଶୁଣାଇ ସେମାନେ ଅପସରି ଯାଇଥିଲେ।

ପ୍ରକୃତରେ ଏକ ପ୍ରଶାସନ ପ୍ରଜାଙ୍କୁ ପାଳନ ପାଇଁ ବହୁ ପ୍ରକାର ନୀତି ନିୟମ ଲଗାନ୍ତି। ପ୍ରଜା ସେ ନିୟମ ଗୁଡ଼ିକୁ ଯଦି ମାନି ଚଳନ୍ତି ତେବେ ରାଜାଧନ୍ୟ ରାଜ୍ୟଧନ ପ୍ରଜାବି ଧନ୍ୟ କିନ୍ତୁ ଏଥିପାଇଁ କିଛି କାନୁନ ଏପରି ହେବା ଦରକାର ଯହିଁରେ ପ୍ରକୃତିର ସ୍ଥିର ଧାରାକୁ ମୋଟେ ନବଦଳାଇ ବର୍ଷ ଚକ୍ରରେ ଋତୁ ପରିବର୍ତ୍ତନ କାଳର ପାଗରେ ଲୋକେ ଅଭ୍ୟସ୍ତ ରହିବା ହେଲେ ଖାଦ୍ୟପେୟ ଅଭାବ କେବେ ଲୋକଙ୍କୁ ବାଧିବ ନାହିଁ। ହେଲେ ମନୁଷ୍ୟ ଅମର ନୁହଁ। ପରିବାର ରୋଜଗାରୀ ବ୍ୟକ୍ତି ମୁଖିଆଙ୍କ ଦେହାନ୍ତ ହେଲେ ସେପରି ପୋଷଣାହାରି ବ୍ୟକ୍ତି ନଥିଲେ ବ୍ୟକ୍ତି ଦାରିଦ୍ର୍ୟ ଭୋଗିବ, ଅନ୍ନବସ୍ତ୍ର ଅଭାବ ଧରିବ। ଯୁଧିଷ୍ଠିର - ଦୁର୍ଯ୍ୟୋଧନ ଏକ ପରିବାରରୁ ଦୁଇ ପରିବାରର ହେଲେ ଏମାନେ ପିଲାବେଳେ ଏକ ଗୁରୁଙ୍କ ପାଖରେ ପାଠ ପଢୁଥିଲେ, ଏକାଠି ପଢୁଥିଲେ, ଖାଉଥିଲେ, ଖେଳୁଥିଲେ, ହସ ଖୁସିରେ ସମୟ କାଟୁଥିଲେ, ସମୟ ଆଗକୁ ବଢ଼ିଲା, ବଡ଼ ଭାଇ ଧୃତରାଷ୍ଟ୍ର ଯେ ରାଜପଦରେ ବସିବା କଥା ସେ ଅନ୍ଧଥିଲେ, ଅନ୍ଧ କାଳ କଥା କହି ପାରୁନଥିବା ବ୍ୟକ୍ତି ରାଜକାର୍ଯ୍ୟକୁ ଅଯୋଗ୍ୟ ବୋଲି ତାଙ୍କ ସାନଭାଇ ପାଣ୍ଡୁ ରାଜା ହୋଇ ଶାସନ ଭାର ନେଇଥିଲେ। ଧୃତରାଷ୍ଟ୍ରଙ୍କର ୧୦୦ ପୁଅ ଏକ ଝିଅ। ପଣ୍ଡୁଙ୍କର ପାଞ୍ଚ ପୁଅ। ପଣ୍ଡୁ ଏକଥା ଜଙ୍ଗଲକୁ ପାରିଧି ପାଇଁ ଗଲେ, ରାଜକାର୍ଯ୍ୟ ପାଇଁ ସିଂହାସନକୁ ଖାଲି ନକରି ଧୃତରାଷ୍ଟ୍ରଙ୍କୁ ଅସ୍ଥାୟୀ ରାଜା ଦାୟିତ୍ୱ ଦେଇ ଜଙ୍ଗଲ ଯାଇଥିଲେ। ପଣ୍ଡୁଙ୍କ ଜଙ୍ଗଲରେ ଅକାଳ ମୃତ୍ୟୁ ହେଲା। ଅସ୍ଥାୟୀ ପଦର ରାଜା ସ୍ଥାୟୀ ପଦକୁ ଧରି ବସିଲେ। ତତ୍କାଳ ଯୁଧିଷ୍ଠିର ନିୟମରେ ଯୁବରାଜ ହେବା କଥା ସେ ନହୋଇ ଧୃତରାଷ୍ଟ୍ର ପୁତ୍ର ଯୁବରାଜ ହେଲେ ଓ ତାଙ୍କର ଚକ୍ଷୁରେ ଦେଖା ହାଲ ଧୃତରାଷ୍ଟ୍ର ଜାଣି ରାଜକାନୁନର ଦଲିଲରେ ଦସ୍ତଖତ କରି ପ୍ରଜାଙ୍କୁ ଶାସନରେ ରଖିଲେ। ଦୁର୍ଯ୍ୟୋଧନଙ୍କର ଅନୁଜ ଭାଇ ୯୯ ଯେ ଅଗ୍ରଜର ଆଜ୍ଞାରେ ସର୍ବଦା ରହିଲେ ପାଣ୍ଡବଙ୍କର ବଡ଼ଭାଇ ଯୁଧିଷ୍ଠିର ଥି ରାଜ ନନ୍ଦନ ଏମାନଙ୍କୁ ବିଳାସ ବ୍ୟସନ ଜାକଜମକ ଖୁବରେ ରହିବା ହେଲା। ପାଣ୍ଡବମାନେ ସାଧାରଣ ପ୍ରଜା ଭଳି ଏକ ପ୍ରକାର ରାଜ ଅନୁଗ୍ରହରେ ସମୟ କାଟିଲେ। ସୁଖ ଏପରି ଜିନିଷ ଲୋକେ ଏହାର ଭୋଗ କଲେ କଥା ସରିଲା, ସୁଖର ତୃଷ୍ଣା ବଢ଼ି ବଢ଼ି ଚାଲିବ ଈର୍ଷା ପରଶ୍ରୀକାତରା ଆସିବ ଯାହା କୌରବ ମାନଙ୍କର ଆସିଲା। ଶେଷରେ ପାଣ୍ଡବଙ୍କୁ ଜଙ୍ଗଲକୁ ପଠାଇବା ବ୍ୟବସ୍ଥା ହୋଇଥିଲା। ଜଙ୍ଗଲ ନିର୍ବାସନ ଏକ ବଡ଼ ଦଣ୍ଡ ତତ୍କାଳ ଥିଲା। ଏ ଦଣ୍ଡ ଭୋଗରେ ପୁଣି ରାଜ ଛଳନା ଯୋଡ଼ା ଯାଇଥିଲା। ଏସବୁକୁ ଦଣ୍ଡ ଭୋକ୍ତା ହୋଇ ଫେରିବା ପରେ ବିନା ଯୁଦ୍ଧରେ ସୁଚ୍ୟାଗ୍ର ମେଦିନୀ ମିଳିବ ନାହିଁ ଏପରି କଠୋର ପାଣ୍ଡବ ମାନଙ୍କୁ ଶୁଣିବାକୁ ମିଳିଥିଲା। ଦୁର୍ଯ୍ୟୋଧନଙ୍କ କୁରୁବଂଶ ରାଜ କରୁଥିଲାବେଳେ ଯେ ତାଙ୍କର ସମସ୍ତ ତତ୍କାଳ ରାଜାମାନେ ବଶ୍ୟତାରେ ଥିବେ ଏକଥା ଖୋଦ ଦୁର୍ଯ୍ୟୋଧନ ବୁଝି ପାରି ନଥିଲେ। ବୁଝିଥିଲେ ବି ଏ ବିପକ୍ଷ ଶକ୍ତି ଗୁଡ଼ିକୁ ତାଙ୍କର କିଛି କ୍ଷତି କରିପାରିବେ ନାହିଁ ଏପରି ଭାବି ନେଇ ଅହମିକାରେ ଥିଲେ। ଶେଷର ମହାଭାରତ ଯୁଦ୍ଧ ପାଣ୍ଡବ କୌରବ ମଧ୍ୟରେ ହୋଇ ଦୁର୍ଯ୍ୟୋଧନଙ୍କର ରାଜ ଚାଲିଯାଇଥିଲା।

ରାଜନୀତିରେ ରକ୍ତପାତ ସବୁକାଳରେ ଅଛି। ଛଳ ଛଦ୍ମ ଧାରା ବି ରହିଛି। ଇତିହାସ ଲେଖକମାନେ ରାଜ କରୁଥିବା ବ୍ୟକ୍ତି ଧନୀଙ୍କୁ ଭିତ୍ତିକରି ଇତିହାସ ଲେଖିଛନ୍ତି। କାବ୍ୟକାର ଗ୍ରନ୍ଥକର୍ତ୍ତା ତତ୍କାଳ ଧନୀ ରାଜା ଏହାଙ୍କ ନାମରେ ଭଣିତା କରିଛନ୍ତି। ଧୃତରାଷ୍ଟ୍ର ଅନ୍ଧ, ଅନ୍ଧ ରାଜପଦରେ ରହିଲେ ଅମଲା ସଚିବ ମନମାନି ଶାସନ କରିବା ସହଜ ହେବ, ଅତଏବ ତତ୍କାଳ ରାଜା ପାଣ୍ଡୁଙ୍କୁ ରାଜବାଟୀରୁ ଦୂରେଇ ରଖି ଜଙ୍ଗଲରେ ତୀରାଘାତରେ ପ୍ରାଣହାନୀ ହେବା ଲେଖା ଅଛି। ତୀର ଆଘାତର କାରଣକୁ କାବ୍ୟକାରମାନେ ଏକ ଅଭିଶାପ ଦର୍ଶାଇଛନ୍ତି। ହଁ ଅଭିଶାପ ସତ୍ୟ ହେଲେ ତୀରଟା ମନକୁ ଆସି କାହାରି ଦେହରେ ବାଜିନପାରେ ଗୁପ୍ତ ଘାତକ ତୀରନ୍ଦାଜ କାହା ଇଙ୍ଗିତରେ ଏପରି କଲା ଏହା ଲୁଚାଇ ଦିଆଯାଇଛି। କୃଷ୍ଣ ସେତେବେଳର ମହାନାୟକ ତାଙ୍କର ପାଦରେ ବିଷାକ୍ତ ତୀର ଜରାଶବରର ବାଜି ପ୍ରାଣହାନିର କାରଣ ହୋଇଛି। ହେଲେ ପଣ୍ଡୁଙ୍କ ବେଳକୁ ଶାସ୍ତ୍ରକାର ଘାତକ ତୀର ଚାଳକର କୌଣସି ବିବରଣୀ ଦେଇନାହିଁ। ହୁଏତ ଏହାପଛରେ କୌରବଙ୍କର ରାଜକର୍ମଚାରୀ ବା ଅନ୍ନଭୋକ୍ତା ଏପରି କରିଥାଇ ପାରନ୍ତି। ଦେଖି ପାରୁଥିବା ବିଜ୍ଞ ପ୍ରଶାସନର କର୍ମଚାରୀ କଠୋର ନିୟମରେ ଚାଲିବାକୁ ବାଧ ହେଲେ ରାଜକର୍ମଚାରୀଙ୍କର ନିୟନ୍ତ୍ରଣର ରାଜା ଇନ୍ଦ୍ରିୟଗୁଣ ଥିଲେ ପ୍ରଜାପୀଡ଼ନ ନିଶ୍ଚେ ହେବ। ରାଜ ପାଇଁ ଏଇ ଭାଇ ଭାଇର ଯୁଦ୍ଧ ଏହା ଆଗରୁ ରାମାୟଣ ଯୁଗରେ ବାଳୀ-ସୁଗ୍ରୀବ, ରାବଣ-ବିଭୀଷଣ ପରି ଭାଇ ଭାଇ ଏପରି ନଜିର। ବାପ-ପୁଅ ରାଜରେ ଦ୍ୱାପରରେ ଉଗ୍ରସେନ-କଂସ ନଜିର, କଂସ ପୁତ୍ର ହୋଇ ଉତ୍ତରାଧିକାରୀ ସୂତ୍ରରେ ରାଜ କରିପାରନ୍ତି ଏ ସମୟ ଯାଏ ଅପେକ୍ଷା ନକରି ଉଗ୍ରସେନଙ୍କ ହାତରୁ ରାଜ କ୍ଷମତା ଜୁଲମରେ କାଢ଼ି ନେଇଥିଲେ। ରାଜକ୍ଷମତା ହାସଲ ମୋଗଲ ଯୁଗର ଅବସାନ ବେଳକୁ ପ୍ରବଳ ହୋଇ ସହାଜାହାନଙ୍କ ହାତରୁ ଶାସନ ଚାଲିଯାଇଥିଲା।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ୍, କଟକ
ଦୂରଭାଷ : ୯୪୩୭୦୩୧୨୫୩

## ଧାରାବାହିକ ଉପନ୍ୟାସ

# ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୬୩




*(ପୂର୍ବପ୍ରକାଶ ଉତ୍ତାରୁ)*

ବିଧିର ବିଧାନ ହୁଏତ ଅନ୍ୟ କିଛି ଥାଇପାରେ ! ହୁଏତ ଆଉ ଗୋଟେ ସୁଖକର ଜୀବନ ତୁମକୁ ଚାତକ ପରି ଚାହିଁରହିଛି ! ଯେତେ ଯାହା ଯନ୍ତ୍ରଣାଦାୟୀ ଜୀବନଟେ ହେଲେ ମଧ୍ୟ ତାକୁ ସକରାତ୍ମକ ଦୃଷ୍ଟିକୋଣରେ ଜୀଇଁବାକୁ ଚେଷ୍ଟା କରିବା ଉଚିତ୍। ସବୁତକ 'ନାହିଁ ଓ ନକରାତ୍ମକ ଚିଜ'କୁ ମୋ ଭିତରକୁ ଠେଲିଦେଇ ହାଲ୍‌କା ହୋଇଯାଅ, ସାନ ବାବୁ। ଦେଖିବ, ଦୁଃଖତକ ସବୁ ତୁମ ମନତଳୁ ଅପସରି ଯାଉଛି। ସୁଖର ହାବୁକା ଉଠୁଛି ହୃଦୟରୁ।

ତୁମେ ଶତ ଚେଷ୍ଟା କରି ବି ସେ ହାବୁକାକୁ ନିଜଠାରୁ ଦୂରେଇପାରିବ ନାହିଁ। ତୁମେ ତ କେବେ କାହାର କିଛି କ୍ଷତି କରିନାହଁ ! ତେଣୁ ଈଶ୍ୱର ତୁମ ଉପରେ ବେଶୀ ସମୟ ଅସନ୍ତୁଷ୍ଟ ରହିପାରିବେ ନାହିଁ। କାଳରାତ୍ରୀ ପାହିଗଲା ପରେ ତୁମ ଜୀବନରେ ପୁଣିଥରେ ପୂର୍ଣ୍ଣମୀର ଜହ୍ନ ଉଇଁଉଠିବ। ତୋଫା ସକାଳଟିଏ ତୁମର ପ୍ରତୀକ୍ଷା କରିବ। ପୁଣି ଅନେକ ଗୋଲାପ ତୁମପାଇଁ ପ୍ରସ୍ଫୁଟିତ ହେବେ। ପୁଣିଥରେ ପ୍ରଜାପତି ମାନେ ତୁମ ଅଗଣାରେ ଉଡିବୁଲିବେ। ଫୁଲର ମହକରେ ମହକି ଉଠିବ ତୁମ ଅଗଣା ! ଖାଲି ସମୟକୁ ଅପେକ୍ଷା କର, ସବୁ ଠିକ୍ ହୋଇଯିବ, ମୋ ମନ କହୁଛି।

ତାହେଲେ ତୁ ରାଜି କାହିଁକି ହେଉ ନାହୁଁ ମୋ ନିଷ୍ପତ୍ତିରେ ? ତୋରି ପାଇଁ ତ ମୁଁ ହାରୁଛି ବାରମ୍ବାର। ତୁ ବୋଧହୁଏ ମୋର ଲକ୍ଷ୍ୟ..! ସେଇଥିପାଇଁ ଏ ଦୁର୍ଦ୍ଦଶା ମୋ ଜୀବନରେ ! ଯାହାକୁ ମୁଁ, ମନିଷା, ପିଲାମାନେ, ବାପାମାଆ, ଧାଈ ମାଆ ଓ ତୁ ସମସ୍ତେ ଭୋଗି ସାରିଛେ। ନିଜକୁ ତିଳତିଳ କରି ଜଳାଇ ସାରିଛେ ! ଏଥର ପୁଣି ପଛକୁ ଫେରିବାର ବେଳ। ଯେଉଁଠାରୁ ବାଟଭାଙ୍ଗି ମୁଁ ଅନ୍ୟପଥରେ ଆଗେଇଥିଲି, ଏବେ ସେଠାକୁ ହିଁ ଫେରିଯିବାର ଅଛି ! ପୁଣି ସେହିଠାରେ ଥାଇ ଆଉ ଏକ ନିଷ୍ପତ୍ତି ନେବାକୁ ଅଛି।

ଲୀନା ଦୃଢ ସ୍ୱରରେ କହିଲା -ମୁଁ ଯଦି ତୁମ ହାରିବାର କାରଣ ତେବେ ମୁଁ ଚାଲିଯିବି ଏଠାରୁ। ହେଲେ ତୁମକୁ ହାରିବାର ଦେଖି ସହ୍ୟ କରିପାରିବିନି।

ଏତିକି ଶୁଣିବା ମାତ୍ରକେ ସାନବାବୁ ଚମକିପଡି କହିଲେ- ତୁ ମୋତେ କେବେ ବି ଛାଡିଯିବୁନି ଲୀନା। ସେଦିନ ଧାଈ ମାଆକୁ ଯେଉଁ କଥା ଦେଇଥିଲି ମୁଁ ଜାଣିନଥିଲି ସେଇ ପ୍ରତିଶ୍ରୁତି ମୁଁ ମୋ ନିଜ ପାଇଁ କରୁଛି ବୋଲି। ଆଜି ଜୀବନରେ ମୁଁ ତୋ ପାଇଁ ଯେତିକି ଜରୁରୀ ତାଠାରୁ ବେଶୀ ଜରୁରୀ ତୁ ମୋପାଇଁ। ତୁ ମୋତେଛାଡି ଚାଲିଯିବାର କଳ୍ପନା ବି ମନ ଭିତରେ ରଖିବୁନି ଲୀନା। ଜୀବନରେ ଏତେ ଏକାକୀ ମୁଁ ବଂଚିପାରିବିନି। ତୁ ମୋ ଦୁନିଆଁ ଭିତରେ କେବେଠାରୁ ସାମିଲ୍ ହୋଇଗଲୁଣି ମୋ ଅଜ୍ଞାତରେ। ଆଉ ଆଜି ଏମାନଂକ ଭିତରୁ କାହାରିକୁ ଛାଡି ମୁଁ ବଂଚିପାରିବିନି।

ସେତେବେଳକୁ ସାନବାବୁ ତାର ନିହାତି ପାଖକୁ ଲାଗି ଆସିଥିଲେ। ସେ ଦେଖୁଥିଲେ ଭିନ୍ନ ଏକ ଝିଅଟିକୁ, ଯେ ଅବିରତ ତାଙ୍କ ପାଇଁ ହିଁ ଜୀଇଁ ଚାଲିଛି। ହେଲେ ସେ କିପରି ଆବିଷ୍କାର କରିପାରିଲେନି ତା ମନତଳର ସେ ଗୁପ୍ତ କୋଠରୀକୁ। ଆଜି ସେ ତାଙ୍କ ଆଖିକୁ ପରୀଟିଏ ଭଳି ଭିନ୍ନ ଲାଗୁଥିଲା। ନୀଳଗୋଲାପର ପାଖୁଡା ପରି ତା ସତେଜ ରୂପ ଆଖିକୁ ଝଲସାଇ ଦେଉଥିଲା। ସେ ନିବିଡ ଭାବରେ କାହିଁକି ଦେଖି ପାରିନାହାନ୍ତି ତାକୁ? କାହିଁକି ତା ମନ ଭିତରକୁ ଉହୁଁକି ଚାହିଁ ପାରିନାହାନ୍ତି ? ସେ ଅଦୃଶ୍ୟ ବନ୍ଧନକୁ ଅଣଦେଖା କରି ସେ ଖାଲିଦୁଃଖ ଗୋଟାଇ ଚାଲିଥିଲେ ନିଜ ପାଇଁ। ସେମାନଙ୍କ ବୟସରେ ଢେର୍ ପାର୍ଥକ୍ୟ ଥିଲେ ବି ଆଜି ଆନମନା ଥିଲା ସମୟ ଦୁହିଁଙ୍କ ପାଇଁ।

ଲୀନା ଫେରିବାକୁ ଉଦ୍ୟତ ହେଲା। ସାନବାବୁ କିନ୍ତୁ ଦୁଇ ବାହୁ ପ୍ରସାର କରି ଲୀନାକୁ ନିଜ ଭିତରେ ସାଉଁଟି ଧରିବାକୁ ଚାହୁଁଥିଲେ। ଲୀନା ଦୂରକୁ ଘୁଂଚିଯାଇ କହିଲା- ନା ବାବୁ, କ୍ଷଣିକ ଆବେଗରେ କିଛି ବି ଭୁଲ୍ କରି ବସ ନାହିଁ। ମୁଁ ତ ତୁମର ସେବିକାଟିଏ। ଆଜିଯାଏଁ ସେବା କରିଆସିଛି ଓ ଆଗକୁ ଠିକ୍ ସେଇଭଳି ସେବା କରିବାକୁ ଚେଷ୍ଟା କରିବି। ତୁମମାନଙ୍କ ସେବା କରିବା ତ ମୋର ଧର୍ମ ଓ କର୍ତ୍ତବ୍ୟ। ତାଠାରୁ ଅଧିକ ଆଶା ରଖିବି କେମିତି ? ଏତେ ସବୁକଥା ଭାବି ବ୍ୟସ୍ତ ହୁଅନାହିଁ। ଠାକୁର ଚାହିଁଲେ ସବୁ ଠିକ୍ ହୋଇଯିବ।

ଏବେ ତୁମେ ଶୋଇପଡ ଅନେକ ରାତି ହେଲାଣି। ସାନବାବୁ ଆଜି କିନ୍ତୁ ତାକୁ ନୂଆକରି ଦେଖୁଥିଲେ। ସେ ଚାହିଁଥିଲେ ତାର ଆଲୁଳାୟିତ କେଶ,ଅଧାକୁହା ଓଠ ଓ ଅନୁରାଗରେ ଭିଜା ଅନୁପମ ସୌନ୍ଦର୍ଯ୍ୟକୁ। ଯାହା ସେ ଏଯାଏଁ ଆବିଷ୍କାର କରିବାକୁ ଢେର୍ ବିଳମ୍ବ କରିଦେଇଥିଲେ। ସତରେ ଲୀନା ଖୁବ୍ ସୁନ୍ଦର ! ଗୋଟେ ପରୀଟିଏ ଭଳି ସତେଜ ଆଉ ସ୍ନେହରେ ଛଳଛଳ। ତାର ସେ ନୀରବ ଓଠ ଦୁଇଟି.. ଗୋଲାପ ପାଖୁଡା ପରି..କୋମଳ। ତା ଆଖି..ଠିକ୍ ଦୁଇଟି କଇଁଫୁଲ ପରି ଢଳଢଳ..।

ତା ରୂପରେ ତନ୍ମୟ ହୋଇ ସେ ପଚାରିଲେ- ଲୀନା ତୁ ମୋତେ ଆପଣାର କରିପାରିବୁ ଏ ଜନ୍ମରେ? ତୁ ମୋତେ ବିବାହ କରିପାରିବୁ? ଯେଉଁ ପ୍ରଶ୍ନ ତୋତେ ଢେର୍ ଆଗରୁ ପଚାରିବାର ଥିଲା ମୋର, ଜୀବନର ଏଭଳି ଏକ ମୋଡରେ ତୋତେ ପଚାରିବାକୁ ପଡୁଛି ବୋଲି ମୋତେ ଉପେକ୍ଷା କରିବୁନି କି ଭୁଲ୍ ବୁଝିବୁନି। ତୋର ଉପେକ୍ଷା ସହି ପାରିବାର ଧୈର୍ଯ୍ୟ ନାହିଁ ମୋର କେବେ !

ମାନୁଛି ମୁଁ ସ୍ୱାର୍ଥପର ଭାବେ ତୋତେ ଏ ପ୍ରଶ୍ନ ପଚାରୁଛି। ହୁଏତ ଜୀବନଟା ସାରା ତୋତେ ଅଣଦେଖା କରିଆସିଛି। ହେଲେ ତୋ ପ୍ରତି ଥିବା ଅହେତୁକ ଆକର୍ଷଣ ଆଜି ମୋତେ ତୋ ନିକଟକୁ ଟାଣିଆଣିଛି। ତୋ ସାରାଜୀବନର ତପସ୍ୟା ଓ ତ୍ୟାଗ ଆଗରେ ମୁଁ ହାରିଯାଇଛି। ଏବେ ତୋ ହାତରେ ମୋର ଭବିଷ୍ୟତ..ସୁଖ..ସ୍ୱପ୍ନ। ଆଜିକାଲି ମୁଁ ଏ ଏକାକୀପଣକୁ ଏକା ଏକା ବୋହି ପାରୁନାହିଁ କି ସହ୍ୟ କରିପାରୁନାହିଁ। ତେବେ ନିଷ୍ପତ୍ତି ତୋ ଉପରେ ଛାଡିଦେଉଛି। ତୋ ଇଚ୍ଛା.. ମୋର ଭାଗ୍ୟ ଓ ଭବିଷ୍ୟତ ଏବେ ତୋ ହାତରେ ..।

ଲୀନା ତାଙ୍କ ମୁହଁକୁ ଚାହିଁଲା-ଏ କଣ କହୁଛ ସାନବାବୁ? ପାଗଳ ହେଇଯାଇନ ତ ?

ନା। ଆଜି ହେଜ ହୋଇଛି ବାସ୍ତବତା !

ତୁମ ସମାଜ..ଆଉ ତୁମ ସ୍ତ୍ରୀ ପିଲାମାନେ.. ? ତୁମର ପ୍ରତିଷ୍ଠା ଓ ପ୍ରତିପତ୍ତି.. ? ସେସବୁକୁ ଭୁଲି ତୁମେ ଏପରି କଥା କିପରି କହୁଛ ? ବର୍ତ୍ତମାନର ଅସହାୟତାରେ ଅଧୈର୍ଯ୍ୟ ହୁଅନାହିଁ। ସଂସାର କଣ କହିବ ମୋତେ ? ମୋ ସାରାଜୀବନର ତପସ୍ୟାକୁ ପୋଡି ଛାରଖାର କରିଦେବ ତୁମର ଏହି ନିଷ୍ପତ୍ତି। ତାପରେ ମୁଁ ମୋ ନିଜକୁ ଆଇନାରେ ଦେଖି ଗର୍ବ କରିପାରିବି ତ ?

ସବୁ ବିଷୟରେ ଚିନ୍ତା କରିସାରିଛି ମୁଁ ଭଲଭାବେ। ହେଲେ ବର୍ତ୍ତମାନ ସ୍ତରରେ ପ୍ରଥମେ ମୁଁ ମୋ କଥା ଭାବିବା ଉଚିତ୍ ହେବ ! ନିଜ ମନତଳର ଆହ୍ୱାନକୁ ଅଣଦେଖା କରି ବହୁତ୍ କିଛି ହରାଇଛି। ମୋ ନିଜର ଆଦର୍ଶକୁ ବି..। ହେଲେ ପ୍ରତିଦାନରେ କିଛି ବି ପାଇନି। ଆଜି ପୁଣି ଅବଶିଷ୍ଟାଂଶକୁ ହରାଇବାକୁ ଚାହୁଁନି। ଏମିତିରେ ଅନେକ ବିଳମ୍ବ ହୋଇଯାଇଛି ନିଜକୁ ବୁଝିବାରେ। ଆଉ ବିଳମ୍ବ କରିବାଟା ଠିକ୍ ନୁହେଁ।

ଆଉ ବାକିରହିଲା ତୋ କଥା..ତୁ ତ କେବେ ମୋ ଉପରେ ନିଜର ଅସ୍ତିତ୍ୱ ଜାହିର୍ କରିନାହୁଁ। କିମ୍ବା ନିଜର ଇଚ୍ଛାକୁ ଚରିତାର୍ଥ କରିବାକୁ କୌଣସି ଅପ୍ରୀତିକର କାମ କରିବସିନାହୁଁ। ତୁ ତ ଆମମାନଙ୍କ ସୁଖଦୁଃଖରେ ସାମିଲ ହୋଇ ସାରାଜୀବନ ଚାଲିଛୁ। ଆମ ସହିତ ହସିଛୁ, କାନ୍ଦିଛୁ ଓ ବଂଚିଛୁ। ତା ଭିତରେ ନିଜର ଜୀବନ ଓ ଇଚ୍ଛାମାନଂକୁ ବି ଭୁଲିଯାଇଛୁ। ନିଜପାଇଁ ତୁ ତ କେବେ ବି ଜୀଇନାହୁଁ ଏଯାଏଁ। ସେକଥା ସମସ୍ତେ ଜାଣନ୍ତି।

*(କ୍ରମଶଃ)*

# ଲକ୍ଷ୍ମୀପୂଜା ଓ କମଳାର ଅଭିସାର

**ଦୀନବନ୍ଧୁ ବେଜ**



ଗାଁ ଗଣ୍ଡା ରାସ୍ତାରେ ଅସରାଏ ବର୍ଷା। ବର୍ଷିଗଲେ ପାଦର ସ୍ଲିପର ଖସିବ ହିଁ ଖସିବ କାହିଁନା ଏହା ପୌର ଅଞ୍ଚଳ ନୁହେଁ ଯେ ରାସ୍ତା ଘାଟ ଚ଼କାଚ଼କ, ଚାରି ଆଡ଼େ ଷ୍ଟ୍ରିଟ ଲାଇଟ, କିଛି ନହେଲେ ଛକ ଯାଗାରେ ବିଶ୍ରାମଗାର ଅଛି ବର୍ଷାରୁ ରକ୍ଷା ପାଇବା ପାଇଁ। ଏଠାରେ ନ ର ବାଡି ନା, କିଛି ଉନ୍ନତି ନାହିଁ... ଉନ୍ନତି ନାମରେ ହରିଲୁଟ, କମଳା ତା ମାମୁଁ ଘରକୁ ଆସିଥାଏ ଲକ୍ଷ୍ମୀପୂଜା ଦେଖିବାକୁ। ମାମୁଁ ଘର ଗାଁ ରେ ଲକ୍ଷ୍ମୀ ପୂଜା ବଡ଼ ଧୂମ ଧାମରେ ପାଳନ ହୋଇଥାଏ। ସହରକୁ ଯାଇଥିବା ମୁଖ୍ୟ ରାସ୍ତା ଠାରୁ ଦୁଇଶହ ମିଟର ଭିତରେ ତା' ମାମୁଁ ଘର ଗାଁ। ଗଲାସନ ମୂର୍ତ୍ତି ଛୋଟ ହେଲା ହେଲା ପୂଜାବି ଜମିଲାନି ବୋଲି ମାଇଁ କହୁଥିଲେ। ଏଥର କିନ୍ତୁ ଜାକଜମକରେ ପାଳନ ହେଉଛି। ବଢ଼ିଲା ଝିଅ ଆଉ କେତେଦିନ ରହିବ କମଳାକୁ ପୂଜା ଦେଖିବାକୁ ଆଣିବା ପାଇଁ ମାମୁଁଙ୍କ ପାଖରେ ବେଶି ଜିଦ ଥିଲା ମାଇଁଙ୍କର। ବର୍ଷା ଛାଡିବାର ନାଁ ଧରୁ ନଥିଲା, ସମୟ ସଂଧ୍ୟା ଛଅଟା ତିରିଶି ହେବ ମାମୁଁ ପୁଅ ଝିଅଙ୍କ ସହ ମିଶି ପାଦରେ ଚାଲି ଚାଲି ପୂଜା ବୁଲି ବାହାରି ପଡ଼ିଲେ ସେମାନେ। କମଳା ଡେନିମ କଲରର ସ୍କଟ ସାଙ୍ଗକୁ ଜିନସ ଟପ ସହିତ ପତଳା ସ୍ଲିପର ଟିଏ ପିନ୍ଧିଥାଏ। ମାମୁଁଙ୍କ ଝିଅ ଏଲି ଏବଂ ପୁଅ ଲାଲୁ ଯେହେତୁ ଛୋଟ ଛୋଟ ପିଲା ସେମାନେ ଚପଲ ପିନ୍ଧି ପଟପଟ କରି ଚାଲି ଥାଆନ୍ତି। ଅସରାଏ ବର୍ଷା। ହୋଇଗଲେ ଗାଁ ରାସ୍ତା ଘାଟର ଅବସ୍ଥା କଣ ହୁଏ ଜାଣିଥିବେ, ନକହି ବା ଭଲ। ବର୍ଷା ସାଙ୍ଗକୁ ରାସ୍ତାରେ ସଦ୍ୟ ପଡ଼ି ତରଳି ଯାଇଥିବା ନାଲି ଗୋଡ଼ି ଚପଲ ମାଡ଼କୁ ଉପଭୋଗ କରି ଆଗକୁ ମାଡି ଚାଲିଥାଉ ଲକ୍ଷ୍ମୀ ଠାକୁରାଣୀଙ୍କୁ ଦର୍ଶନ କରିବା ପାଇଁ। କିନ୍ତୁ ମନ ରହିଥାଏ ସ୍ଲିପର ପାଖରେ। ସାନ ଭାଇ ଭଉଣୀ ପିନ୍ଧି ଥିବା ପେଣ୍ଟ ସାର୍ଟର ପଛପାଖ ଗୁରୁବାର ମାଣବସା ସମୟରେ ମା ମାନେ କାନ୍ଥର ଝୋଟି ପକାଇଲା ପରି ଭ୍ରମ ସୃଷ୍ଟି ହେଉଥାଏ। ବଡ଼କଷ୍ଟରେ ଲକ୍ଷ୍ମୀ ମା'ଙ୍କୁ ଦେଖିବାର ସୁଯୋଗ ମିଳୁଛି ବୋଲି ଭାବି ନିଜକୁ ଭାଗ୍ୟବାନ ମଣୁ ଥାଏ କମଳା। ଏଥରେ ସେ ଯୁକ୍ତ ତିନି ପ୍ରଥମ ବର୍ଷର ପଦାର୍ପଣ କଲା।

କୁଆଁର ପୂର୍ଣ୍ଣିମା ନିକଟରେ ଯାଇଛି ମା' କହୁଥିଲେ ପଢ଼ାପଢ଼ି ଠିକଠାକ ନ ହେଲେ ବର୍ଷେ ଦିବର୍ଷ ଭିତରେ ପର ଘରକୁ ବିଦା କରି ଦେବେ। କମଳା ମୁଖରେ ଅଜାଣତରେ ଏକ ସ୍ମିତହାସ୍ୟ ଲାଖି ରହିଥିଲା ମା'ଙ୍କୁ ମେଢ଼ରେ ଦର୍ଶନ କରୁଥିବା ସମୟରେ। ହଠାତ ବୁଲି ଫେରିବା ସମୟରେ ସ୍କଟ ତୋରଣ ବନ୍ଧା ହୋଇଥିବା ବାଉଁଶରେ ଥିବା ଲୁହା କଣ୍ଟା ଲାଗି ଚିରି ହୋଇଗଲା। ତା ଅଜାଣତରେ ତାକୁ ଅନୁସରଣ କରୁଥିବା ବିଠୁଲୁ ହଠାତ ଆବିର୍ଭାବ ହେଲା ଆଖି ପିଛୁଳାକେ। କାନ୍ଧରେ ପକାଇ ଥିବା ଷ୍ଟୋଲକୁ ବଢ଼ାଇ ଦେଲା କମଳାକୁ। ନେ କମଳା ଏହାକୁ ଘୋଡ଼ାଇ ହୋଇଯା। ଏଟଲିଷ୍ଟ ଲଜ୍ୟା ରକ୍ଷା ହୋଇ ସମ୍ମାନ ତ ବଞ୍ଚିଯିବ ନା। ଅନେକଙ୍କ ଅନିସନ୍ଧିତ୍ସୁ ଆଖିକୁ କମଳା କି ଜବାବ ଦେବ। ତା ମାମୁଁ ମାଇଁକୁ ସେ କି ଉତ୍ତର ଦେବ। ତଥାପି ସେ ବିଠୁଲ ପାଖରୁ ଷ୍ଟୋଲକୁ ନେଇ ସ୍କଟ ଉପରେ ଗୋଟିଏ ରାଉଣ୍ଡ ବେଢାଇ ନେଲା। ସାନ ଭାଇ ଭଉଣୀ ଦିଜଣ ଆଁ କରି ଅନାଇ ରହି ଥିଲେ କିଛି ସମୟ ପାଇଁ। ଚାଲ ଦିଦି ଆମେ ଘରକୁ ଫେରିଯିବା।

କମଳା ଗଲା ବେଳେ ବଡ଼ ଥ୍ୟାଙ୍କସଟେ ବିଠିଲୁକୁ ଦେଇକି ଗଲା। ବାରମ୍ବାର ପଛକୁ ଅନାଇବା ହିଁ ତା ବିଠୁଲୁ ହୃଦୟରେ ଗଭୀର କ୍ଷତ ସୃଷ୍ଟି କରିସାରିଥିଲା। ବିଠୁଲୁ ପ୍ରଧାନର ପାଦ ତଳେ ଲାଗୁ ନ ଥାଏ।

ଯୁକ୍ତ ତିନି ଦେହ ମନରେ କିନ୍ତୁ ଇଲେଭେନ କେ.ଭି.ର କରେଣ୍ଟ ପ୍ରବାହିତ ହୋଇ କ୍ଷଣିକ ଭିତରେ ଶରୀର ସମସ୍ତ କ୍ରିୟାତ୍ମକ କୋଷକୁ ସଂଗଠିତ କରୁଥାଏ। ମନ ବିଲକୁଲ ବୁଝୁ ନଥାଏ ଏହି ସବୁ ଭିତରେ ଷ୍ଟଲ ଆଣିବା ପାଇଁ ବିଠୁଲୁ ପହଞ୍ଚି ଯାଇଥାଏ କମଳା ମାମୁଁ ଘର ପାଖରେ, ତାକୁ ଦେଖି ମାଇଁ ସିଧା ଆଣି ଷ୍ଟଲ୍‌ଟା ଧରାଇ ଦେଇ କହି ପକାଇଲେ -ତୋର ସାହସ କିପରି ହେଲା ଆମ କମଳାକୁ ଷ୍ଟଲ୍ ଦେବାକୁ। ଜାଣିଛୁ ଏବେ ପୋଲିସକୁ ଡାକି ଦେବି। ଲକ୍ଷ୍ମୀ ପ୍ରତିମାଙ୍କ ଭିତରେ ଦୁର୍ଗା ପ୍ରତିମାକୁ ଦେଖି ବିଠୁଲ ଏକଦମ ଚୁପ୍। କମଳାର ମାମୁଁ ଭିତରୁ ଆସୁ ଆସୁ କହୁଥିଲେ ହଉ କଣ ହେଉଛି ଆଗ ଶୁଣ, କିଛି ନ ବୁଝି ନସୁଝି ଖାଲି ଏତେ ବଡ଼ ପାଟିରେ ଚିଲେଇଲେ କଣ ସମସ୍ୟାର ସମାଧାନ ହୋଇଯିବ।

ସମାଧାନତ କିଛି ଭୁଲ୍ ଥିଲେ ହୋଇଥାଏ, ମୋର କଣ ଭୁଲ୍ ମୁଁ ଜାଣି ପାରୁନି। ଏତିକି ଭୁଲ ଯେ କମଳାର ଜାମା ଚିରି ଯାଇଥିଲା ମୁଁ ମୋ ଷ୍ଟଲଟା ଦେଲି, ତାହା ଯଦି ମୋର ଭୁଲ୍ ମୁଁ କ୍ଷମା ମାଗି ନେଉଛି ଆଉ ମୋ ଷ୍ଟଲଟା ଦିଅନ୍ତୁ ମୁଁ ଚାଲିଯିବି। ମାମୁଁ ଡାକ ପକାଇଲେ କମଳା... କମଳା ...କ'ଣ ଘଟଣା ହୋଇଛି କହ।

କମଳା ଘଟିଥିବା ସମସ୍ତ ଘଟଣା ଆମୂଳଚୂଳ କହି ଚାଲିଲା। ଏହି ଭିତରେ ଷ୍ଟଲଟି କମଳାର ମାଇଁ ବଢ଼ାଇ ସାରିଥିଲେ ବିଠୁଲୁ ହାତକୁ, ବିଠୁଲୁ ସେ ସ୍ଥାନ ଛାଡିବା ପୂର୍ବରୁ କମଳାର ମାମୁଁ ଅଶେଷ ଧନ୍ୟବାଦ ବିଠୁଲୁ କହି ସାରିଥିଲେ। ସେ ସ୍ଥାନ ଛାଡ଼ିବାର କିଛି ସମୟ ପରେ ଏକ ଅଜଣା ନମ୍ବରରୁ କଲ ଆସିଲା ବିଠୁଲୁ ପାଖକୁ। ବିଠୁଲୁ ମୁଁ ତମକୁ ଦେଖା କରିବାକୁ ଚାହେଁ। ଗୋଟିଏ ସୁନ୍ଦର ଝିଅ ପିଲାର କଣ୍ଠ ସ୍ୱର ଥିଲା।

: କିଏ ?

: କମଳା କହୁଛି ?

: ଠିକ। କେଉଁଠି ଦେଖା କରିବ ?

ଲକ୍ଷ୍ମୀ ମା'ଙ୍କ ମେଢ଼ ପାଖରେ, ଆଜି ଉପରବେଳା ଠିକ ୫ଟା ୩୦ ମିନିଟରେ।

ସର୍ବାଙ୍ଗ ଶରୀରରେ ଏକ ଅଜଣା ଶିହରଣକୁ ବିଠୁଲୁ ଅନୁଭବ କରୁଥିଲା। ନାନା ଅସାମାହିତ ପ୍ରଶ୍ନର ଅଡୁଆ ସୁତା ତାକୁ ଭିତରୁ ଭିତରୁ ଗୁଡ଼ାଇବା ଆରମ୍ଭ କରି ସାରିଥିଲା।

ସମୟ ଉପଗତ। ବିଠୁଲୁ ବି ଲକ୍ଷ୍ମୀ ମା'ଙ୍କ ଆଡ଼ପ ମଣ୍ଡପ ପାଖରେ ହାଜର। ମାଇକରେ ଘନ ଗର୍ଜନ ଶବ୍ଦ ଗଜ ଲକ୍ଷ୍ମୀ ମେଳାକୁ ଚଳଚଞ୍ଚଳ କରି ଦେଉଥିଲା। ନିର୍ଦ୍ଧାରିତ ସମୟର ସାମାନ୍ୟ ବିଳମ୍ବ ଦ୍ୱାରା ତାର ଜୈବିକ ଘଡ଼ି ତାକୁ ଅସ୍ତବ୍ୟସ୍ତ କରି ଦେଉଥିଲା। ହଠାତ୍ ପଛ ପଟରୁ କାହାର ଅନ୍ତରଙ୍ଗ ସ୍ପର୍ଶ ତାକୁ ପ୍ରକୃତିସ୍ଥ କଲା। ସେ ବୁଲି ଦେଖିଲା ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିବା କନେଷ୍ଟବଳ ତାଙ୍କ ଗାଁର ସଂପର୍କୀୟ ପରେଶ ଦାସ ଭାଇ।

: ଆରେ ବିଠୁଲୁ ଏଠି କଣ କରୁଛୁ। ଘରୁ ପୂଜା ଦେଖିବା ପାଇଁ ଆଉ କେହି ଆସିଛନ୍ତି ନା ନାହିଁ ? ହଉ ଠିକ ଅଛି ମୁଁ ଆସୁଛି।

ଦୀର୍ଘ ନିଶ୍ୱାସ ମାରି ବିଠୁଲୁ କହିଲା : ନାଇଁମ ଭାଇ ମୁଁ ଏକା। ହଉ ... ଆସନ୍ତୁ।

ସମୟ ଗଡି ଚାଲିଥିଲା। ଧର୍ଯ୍ୟର ସୀମା ବି ବାହାରକୁ ଯାଉଥିଲା। ନାଁ ଏଇଟା ମୁଣ୍ଡରୁ ବାହାର କରିବାର ଅଛି ବିଠୁଲୁ ମନେ ମନେ କହୁଥିଲା।

ହଠାତ ନାଁ ଧରି କାହାର ଡାକ ତାକୁ ପ୍ରକୃତିସ୍ଥ କଲା।

ଆରେ ଏକଣ ଦେଖୁଛି କମଳା ଯେ।

ହଁ ଭାଇ ମୁଁ କମଳା।

ସମାଜରେ ଏତେ ଲୋକ ଥିଲେ କାହାରି ଆଖିକୁ ଜଣେ ଅବଳା ବାଳିକାର ଏହି ଅସୁବିଧା ଦେଖାଗଲା ନାହିଁ। କିନ୍ତୁ ତମେ ମୋତେ ନିଜ ଭାଇଠାରୁ ଅଧିକ କରିଛ। ମୁଁ ଏ ମା ଲକ୍ଷ୍ମୀଙ୍କ ଆଗରେ ତୁମକୁ ଭାଇ ବୋଲି ମାନି ନେଉଛି। ହାତରେ ଧରିଥିବା ଗାୟତ୍ରୀ ସୁତା ବିଠୁଲୁ ହାତରେ ତିନି ଚାରି ଫେରା କରି ବାନ୍ଧିଦେଉଥିବା ସମୟରେ କହି ଚାଲିଥିଲା, ବିଠୁଲୁ କିନ୍ତୁ ମା'ଙ୍କୁ ଚାହିଁ ଥିଲା ଆଁ କରି। ହଠାତ ବିଠୁଲୁକୁ ଏକ ତରଫା ଭଲ ପାଉଥିବା ସୁଶୀଳା ଆସି ସେଠି ହାଜର।

ଆରେ ବିଠୁଲ ଏକଣ ? ଏଇ ଝିଅଟି କିଏ ? ବିଠୁଲୁ ହସି ହସି କହିଲା ସେ ମୋର ଭଉଣୀ ଆଉ ତୁମକୁ ମା' ଲକ୍ଷ୍ମୀ ମୋ ଘରଣୀ କରି ପଠାଇଛନ୍ତି। ସମସ୍ତେ ହସକୁ ରୋକି ପାରିଲେ ନାହିଁ। ତିନିଜଣ ମା'ଙ୍କୁ ହାତ ଯୋଡି ପ୍ରାର୍ଥନା କରୁଥିଲେ ସଂସାର ତିଷ୍ଠି ରହିବା ପାଇଁ ବାସ୍ତବରେ ମଣିଷ ଜାତି ସଂପର୍କର ଆଧାର ଶିଳାରେ ତିଷ୍ଠି ରହୁ ନିଜର ବୌଧିକ ମାନସିକତା ପରିପୃଷ୍ଟ କରୁ। ଆଜି ଆନ୍ତର୍ଜାତିକ ବାଳିକା ଦିବସରେ ମା'ଙ୍କର ଏହି ଅଭୟ ବରଦାଙ୍କ ସୁରକ୍ଷା ସମସ୍ତ ବାଳିକା ଶିଶୁଙ୍କୁ ପ୍ରାପ୍ତ ହେଉ। ସେହି ଦିନଠାରୁ ସମସ୍ତେ ମିଳିମିଶି ବାଳିକା ଶିଶୁ ଅଧିକାର ଉପରେ କାର୍ଯ୍ୟ କରିବାକୁ ଶପଥ ନେଲେ।

*ବାଷଠ୍ଠି, ବାସୁଦେବପୁର, ଭଦ୍ରକ*
*ଦୂରଭାଷ : ୭୬୮୩୯୨୦୨୨୧*





# ଦେବୀ

**ପୂର୍ଣ୍ଣଚନ୍ଦ୍ର ମହାରଣା**



ଆଉ କଣ ଆମ ଗାଁ
ପାଣୁ ପଣ୍ଡିତର ଭାରିଜାଙ୍କ ପରି,
ଯିଏ ଦିଶୁଥାଏ ଚନ୍ଦନ, ସିନ୍ଦୁର,
ହଳଦୀ ଫେଣ୍ଟାଗୋରୀ !

ତେବେ କାହାପରି ?

ମୋରମ ସଡକ କଡରେ
ମସକର ଛୁଆ ଓହଳେଇ
ତୋରାଣି ପାଣି ତେଣ୍ଡୁଥିବା ମୂଲିଆଣୀ !

କିଏ ତେବେ ?

ହେଇଥିବ ମୋ ବୋଉ ପରି
ଯିଏ ମରି
କୁଆଡେ ସ୍ୱର୍ଗରେ
ତରା ହେଇଗଲାଣି
ଦଶବର୍ଷ ଧରି !

ପଚାରିବ ତ
କାହାକୁ ପଚାରିବି
କିଏ ଦେବୀ
ସିଏ ଦିଶନ୍ତି କେମିତି !

ସିଏ କଣ ମୋ ଦେଠେଇଙ୍କ ପରି
ଯିଏ ତିନି ପୁଅ
ଦୁଇ ଝିଅଙ୍କର ମାଆ !

ମୋ ଭାଉଜଙ୍କ ପରି ଯିଏ
ପନ୍ଦର ବର୍ଷ ହେଲାଣି ସମସ୍ତଙ୍କ ଠାରୁ
ଶୁଣି ଆସୁଛନ୍ତି ବାଞ୍ଝ, ଅଲକ୍ଷଣୀ ନିର୍ମୂଳିଖୁଣ୍ଟି
ତେବେ କେମିତି ଦିଶନ୍ତି ଦେବୀ !

*ବାଳକାଟି, ଭୁବନେଶ୍ୱର*
*ଦୂରଭାଷ : ୮୬୫୮୨୮୧୪୫୦*



# ତା ନୀରବ ଡାକରା

**ଦୀନବନ୍ଧୁ ସାହୁ**



ଚିତ୍ତ ଚୈତନ୍ୟର ଶ୍ରୀମନ୍ଦିରରେ
ପତିତପାବନ ବାନା ଫରଫର୍ ଉଡ଼େ।

ଜୀବନ ବାହାରେ ଆଉ ଏକ ଜୀବନ
ମତେ କିଆଁ ବାରବାର ଡାକେ ?
ହଁ,ମତେ ଯିବାକୁ ହବ ଯିମିତି ହେଲେ
ଆଉ ଏକ ଜୀବନ ଦାୟରେ।

ହସ୍ପିଟାଲର ଆଇସିୟୁରେ ପଡ଼ିପଡ଼ି
ଛାତିରେ ଅସହ୍ୟ ପୀଡ଼ା ଓ ଯନ୍ତ୍ରଣା ଭୋଗିଭୋଗି
ଶ୍ୱାସରୁଦ୍ଧ ହେଇ ମା ଟିଏ, ମୃତ୍ୟୁ ସ ଲଢୁଥାଏ
ମୁଁ କେମିତି ବା ରହି ପାରିବି ଏଠି
ସ୍ଥିର ହେଇ ଏତେବେଳେ ?

ଦିନେ ଯିଏ ତା ପବିତ୍ର ଲୁହରେ
ଧୋଇ ଦେଇଥିଲା ମୋ ଆଦ୍ୟ ଜୀବନର ପାପ
କ୍ଷମା ଓ ଆଶ୍ୱାସନାର ଉଜ୍ଜ୍ୱଳ ଆଲୁଅରେ
ଦେବାଳୟ କରି ଗଢି ଥିଲା ମୋର ହୃଦୟ
ଦେଖାଇ ଥିଲା ସମୟକୁ ସୁଦୀର୍ଘ ଜୀବନ ପଥ।

ଏବେ ଖାସ୍ ତା ପାଇଁ
ମୋ ଭୁଲର ପ୍ରାୟଶ୍ଚିତ ପାଇଁ
ମତେ ଚାଲିବାକୁ ହବ
ବଡ଼ଦାଣ୍ଡେ ଫୁଙ୍ଗୁଳା ପାଦରେ
ଅନୁସରି ମହାବାହୁ ଦଣ୍ଡ ପ୍ରଣାମରେ।
ସେ ସବୁକାଳେ
ଅପାଠୋଇ ଯଶୋଦା
ମା ଟିଏ ପରା ମୋରି ଆଖିରେ।

ପଲକ ନଥିବା ଚକାଚକା ଆଖିରେ
ଯେ ଚାହୁଁଚି ଜଗତକୁ, ସେ କି ନିତ୍ୟନୂତନ
ଶିଶୁଟି ଭଳି ଖେଳେ ସକାଳ ଘଟରେ ?
ଜୀବନ ବାହାରେ ଆଉ ଏକ ଜୀବନ ହେଇ
ମତେ ଯିବାକୁ ହବ ଯେମିତି ହେଲେ
ବାରବାର ତା ନୀରବ ଡାକରାରେ।

*ପଦ୍ମାବତୀ, ନୟାଗଡ*
*ଦୂରଭାଷ : ୮୨୪୯୬୯୨୮୯୪*

# ସର୍ଦ୍ଦାର ସରୋବରରେ ସଂଧ୍ୟା

**ରାମଚନ୍ଦ୍ର ବେହେରା**



ଶୁକ୍ଳ ବୈଶାଖର ରମଣୀୟ ସଂଧ୍ୟାରେ
ସର୍ଦ୍ଦାର ସରୋବର ସେତୁ
ଭିନ୍ନ ବର୍ଣ୍ଣ ଆଲୋକର ଶୀତଳ ରଶ୍ମୀରେ
ଖୁବ ଉପଭୋଗ୍ୟ ମନ ହେଉଥିଲା
ଅସଂଖ୍ୟ ଜନ ସମାବେଶ ପରିବେଶକୁ
ଅଧିକ ଜୀବନ୍ତ ଓ ଚଞ୍ଚଳ କରୁଥିଲା,

ଅଳ୍ପଦୂରେ ଶୋଭା ପାଉଥିଲା
ଲୌହ ପୁରୁଷଙ୍କ ଲୌହ ପ୍ରତିମା
ବିନ୍ଧ୍ୟାଞ୍ଚଳ ଓ ସାତପୁରା
ପର୍ବତ ଶ୍ରେଣୀର ମଧ୍ୟସ୍ଥଳେ
ପବିତ୍ର ନର୍ମଦାର ଛଳଛଳ ଜଳରାଶୀ
ଓ ସେତୁର ଅପୂର୍ବ କାନ୍ତିକୁ ଦେଖିବା ଆଳରେ
ଠିଆ ହୋଇଥିଲା ପୃଥିବୀର ଉଚ୍ଚତମ
ଦୀର୍ଘକାୟ ଲୌହ ମୂର୍ତ୍ତି
ଦେଶର ସମ୍ମାନ ଓ କୀର୍ତ୍ତି
ପ୍ରକୃତିର ରମ୍ୟ ଓ ମନଲୋଭା
ପରିବେଶ ମଧ୍ୟେ।

ସେ ଥିଲେ ଦୃଢ ମନୋବଳ, କର୍ମଯୋଗୀ
ଆଗଧାଡିର ସ୍ୱାଧୀନତା ସଂଗ୍ରାମୀ
ସ୍ୱାଧୀନ ଭାରତବର୍ଷର ପ୍ରଥମ ଗୃହମନ୍ତ୍ରୀ
ଏକତାକୁ ପ୍ରାଣେ ପ୍ରାଣେ ଭଲ ପାଉଥିବା
ବିଭାଜନକୁ ଘୃଣା କରୁଥିବା
ମହା ସଂଗ୍ରାମୀ, ମହାନ ନେତା, ମହାପୁରୁଷ
ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତର
ଲୋକପ୍ରିୟ ମହାନାୟକ ସର୍ଦ୍ଦାର ପଟେଲ..

ମନଲୋଭା ପରିବେଶ ସହ
ଇତିହାସକୁ ମନରେ ଖୋଜୁ ଖୋଜୁ
ମୁଣ୍ଡ ନଇଁ ଯାଇଥିଲା, ଲୌହ ପୁରୁଷଙ୍କ
ଲୌହ ପ୍ରତିମାର ପାଦତଳେ..

ଠିକ୍ ସେହି ସମୟରେ
ମନକୁ ମୁଁ ପ୍ରଶ୍ନ କଲି, ସତରେ କଣ..
ଅତୀତର ସେ ଏକତା, ସତ୍ୟନିଷ୍ଠା
ଦେଶପ୍ରେମ ଓ ଭାତୃଭାବ
ଆଜିର ଏ ସ୍ୱାଧୀନ ମାନବଙ୍କ
ହୃଦୟରେ ସ୍ଥାନ ପାଇଅଛି
ଏହା ଏକ ପ୍ରଶ୍ନବାଚୀ...

କେବଳ ମୋ ପାଇଁ ନୁହେଁ
ତୁମ ପାଇଁ, ଦେଶ ପାଇଁ
ଜୀବନକୁ ଉତ୍ସର୍ଗ କରିଥିବା
ସେଇ ଅମର ଆତ୍ମା ପାଇଁ......।

*ତେନ୍ତୁଳିପଦା, ଜଗତସିଂହପୁର*
*ଦୂରଭାଷ : ୭୩୫୫୬୩୪୩୪୬*

# ଜିଲ୍ଲାସ୍ତରୀୟ ବେଟି ବଞ୍ଚାଅ ବେଟି ପଢାଅ କର୍ମଶାଳା



**ନବରଙ୍ଗପୁର :** ସମଗ୍ର ଭାରତ ବର୍ଷରେ କନ୍ୟା ସନ୍ତାନ ମାନଙ୍କର ସୁରକ୍ଷା ଓ ସୁନେଲି ଭବିଷ୍ୟତ ଗଠନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ରେ ଚାଲୁଥିବା ବେଟି ବଞ୍ଚାଅ ବେଟି ପଢାଅ ଅଭିଯାନ ର ସଫଳ ରୂପାୟନ ନିମନ୍ତେ ଆଜି ନବରଙ୍ଗପୁରର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟି ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଜିଲ୍ଲା ସ୍ତରୀୟ କର୍ମଶାଳାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ। କର୍ମଶାଳାରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଅଧ୍ୟକ୍ଷତା କରି କହିଲେଯେ ଜିଲ୍ଲାରେ ପ୍ରତ୍ୟେକ ଶିଶୁ ମାନଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନ ର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି। ଖୁସିର କଥା ଆମ ଜିଲ୍ଲା ନବରଙ୍ଗପୁର ରେ ପୁରୁଷ ମାନଙ୍କ ତୁଳନାରେ ମହିଳା ମାନଙ୍କ ସଂଖ୍ୟା ଅଧିକ। କିନ୍ତୁ ବାଲ୍ୟବିବାହ ରୋକିବା ପାଇଁ ଜିଲ୍ଲାରେ ସମସ୍ତ ବିଭାଗ ଗୁଡିକ ମଧ୍ୟରେ ଉତ୍ତମ ସମ୍ପର୍କ ରକ୍ଷାକରି ଆହୁରି ଅଧିକ କାର୍ଯ୍ୟ କରିବାକୁ ପଡିବ। ଜିଲ୍ଲାରେ ବାଳିକା ମାନଙ୍କ ପ୍ରତି ଆମର ପାରମ୍ପରିକ ଚିନ୍ତା ଧାରା ଓ ନାରୀ ଶିକ୍ଷାର ଅଭାବ ଏବଂ ସଚେତନତା ର ଅଭାବ ଯୋଗୁଁ ଜିଲ୍ଲାରେ ବାଲ୍ୟବିବାହ ହେଉଛି ବୋଲି ମତବ୍ୟକ୍ତ କରିବା ସହିତ ଜିଲ୍ଲାର ସମସ୍ତ ବ୍ଲକ ଗୁଡିକରେ ଶିଶୁମିତ୍ର ପଞ୍ଚାୟତ ଗଠନ ସହିତ,ପ୍ରତି ପରିବାରରେ ଝିଅଟିଏ ଜନ୍ମ ହେଲେ ତାହା ପାଇଁ ଗଛଟିଏ ଲଗାଇବା ନିମନ୍ତେ ଉପସ୍ଥିତ ଜିଲ୍ଲା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ବୈଠକ ପ୍ରାରମ୍ଭରେ ସୂଚନା ଦେଇ କହିଥିଲେ ଯେ ଆମ ଜିଲ୍ଲାରେ ଯଦିଓ ପୁରୁଷ ମାନଙ୍କ ତୁଳନା ରେ ମହିଳା ମାନଙ୍କ ସଂଖ୍ୟା ଅଧିକ ତଥାପି ଜିଲ୍ଲାରେ ବାଳିକା ମାନଙ୍କର ଶିକ୍ଷା ଓ ବାଲ୍ୟବିବାହକୁ ରୋକିବା ଦିଗରେ ଏହି ବେଟି ବଞ୍ଚାଅ ବେଟି ପଢାଅ ଅଭିଯାନ କାର୍ଯ୍ୟ କରିବ। ଜିଲ୍ଲାରେ ଆଗାମୀ ଦିନରେ ବେଟି ବଞ୍ଚାଅ ବେଟି ପଢାଅ କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ଭାବରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବା ସହିତ ବାଲ୍ୟ ବିବାହକୁ ନା ବିଦ୍ୟାଳୟକୁ ହଁ ଅଭିଯାନକୁ ଏହାତ୍ୱୋରାନିତ କରିବ। ପରେ ପରେ ଆହ୍ୱାନଏଡର ଜିଲ୍ଲା ପରାମର୍ଶଦାତା ଫକିର ଚରଣ ରାଉତ ସରକାରଙ୍କର ବେଟି ବଞ୍ଚାଅ ବେଟି ପଢାଅ କାର୍ଯ୍ୟକ୍ରମ ରେ ଥିବା ଜିଲ୍ଲା ସ୍ତର, ବ୍ଲକ ସ୍ତର ଓ ପଞ୍ଚାୟତସ୍ତର କାର୍ଯ୍ୟକ୍ରମ ଗୁଡିକ ଉପରେ ବିଷଦ ଭାବରେ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରଶାନ୍ତ ରାଉତ, ଉପ ଆରକ୍ଷୀ ଅଧିକ୍ଷକ ପୁରୁଷୋତ୍ତମ ଭୋଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କମଳା କୁମାରୀ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧକ୍ଷା ଅଜନ୍ତା ପ୍ରିୟଦର୍ଶନି , ଜିଲ୍ଲା ନିୟୋଜନ ଅଧିକାରୀ ଆନନ୍ଦ ପଲାଇ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ନବକୀଶୋର ବେହେରା, ବାଲ୍ୟବିବାହ ନିଷେଧ ଅଧିକାରୀ ଏସେ ଗୀତା, ସୁରମା ମହାପାତ୍ର, ସସ୍ମିତା ମହାନ୍ତି, ଗୀତା ମହାରଣା, ସଂଯୁକ୍ତା ବେହେରା, ଗୀତାରାଣୀ ମିଶ୍ର , କାଞ୍ଚନପଣ୍ଡା , ବିରଜା ମୋହିନୀ ପାଙ୍ଗି, ସୁଦର୍ଶନୀ ରଥ, ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଚିତରଞ୍ଜନ ପଟ୍ଟନାୟକ, ପିରାମଲ ଫାଉଣ୍ଡସନର ଜିଲ୍ଲା ସଂଯୋଜକ ଦେବବ୍ରତ ଆଚାର୍ଯ୍ୟ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟିର କୁନିମଣୀ ସ୍ୱାଇଁ, କିଶୋର ମାର୍ଥା। ପ୍ରମୁଖ ଉପସ୍ଥିତ ରହିବା ସହିତ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାରେ ବେଟି ବଞ୍ଚାଅ ବେଟି ପଢାଅ ଏବଂ ବାଲ୍ୟ ବିବାହ ସମାପ୍ତ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଷଡ଼ଯନ୍ତ୍ର ...

ରୋହିତଙ୍କୁ ଅପବାଦ ମୁଣ୍ଡାଇ ବିତାଡ଼ିତ କରାଯିବା ପଛରେ କ'ଣ ରହିଛି ରହସ୍ୟ? ମନ୍ତ୍ରୀ ଭାବେ ରୋହିତଙ୍କର କ'ଣ ଭୁଲ୍ ରହିଲା? ରୋହିତଙ୍କ ମନ୍ତ୍ରୀ ପଦରୁ ବହିଷ୍କାର କରିବା ପଛରେ କ'ଣ ରହିଛି ରହସ୍ୟ? ମନ୍ତ୍ରିମଣ୍ଡଳର ଗାରିମା ରକ୍ଷା ନକରି ଅପରିପକ୍ୱ ଢଙ୍ଗରେ ମାତ୍ର ମାସକ ମଧ୍ୟରେ ତୃତୀୟଥର ପାଇଁ ମନ୍ତ୍ରିମଣ୍ଡଳ କସରତ୍ କାହିଁକି ନବୀନ କଲେ? ରୋହିତଙ୍କୁ ବିଦା କରିବାର ୨ଦିନ ପୂର୍ବରୁ ତାଙ୍କର ଅଜାଣତରେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରତ୍ୟାହାର କରିନିଆଗଲା କାହିଁକି? ସତରେ କ'ଣ ଉଚ୍ଚଶିକ୍ଷା ବିଭାଗରେ ବଡ଼ଧରଣର କେଳେଙ୍କାରୀ ହୋଇଛି? ଏଭଳି ଅନେକ ପ୍ରଶ୍ନ ଏବେ ବିଭିନ୍ନ ମହଲରେ ଉଙ୍କି ମାରୁଛି। ମିଳିଥିବା ସୂଚନା ଅନୁସାରେ, ଉଚ୍ଚଶିକ୍ଷା ବିଭାଗରେ ବିଭିନ୍ନ ପ୍ରକାରର କେଳେଙ୍କାରୀରେ ଉଭୟ ମନ୍ତ୍ରୀ ରୋହିତ ପୂଜାରୀ ଓ ସଚିବ ବିଷ୍ଣୁପଦ ସେଠୀଙ୍କ ସମ୍ପୃକ୍ତି ଥିବାର ଅଭିଯୋଗକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଶେଷକରି ବିଭିନ୍ନ କଲେଜରେ ସେଲଫ ଫାଇନାନ୍ସିଂ କୋର୍ସ ଖୋଲିବାକୁ ଅନୁମତି ଦେବା, ବିଭିନ୍ନ କଲେଜରେ ସିଟ୍ ସଂଖ୍ୟା ବୃଦ୍ଧି, ରାଜ୍ୟ ସିଲେକ୍ସନ ବୋର୍ଡ ଦ୍ୱାରା ଚୟନ ହେଉଥିବା ନୂଆ ଅଧ୍ୟାପକଙ୍କୁ ବିଭିନ୍ନ ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତି ଦେବା ଏବଂ ଅଧ୍ୟାପକମାନଙ୍କ ଟ୍ରାନ୍ସଫର ଓ ପୋଷ୍ଟିଂ ଆଦିରେ ବଡ଼ଧରଣର କିକ୍ ବ୍ୟାକ୍ ହେଉଥିଲା। ଯାହାର ପୁଳାପୁଳା ଅଭିଯୋଗ ବିଭିନ୍ନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚୁଥିଲା। ଏଥିରେ ଉଭୟ ମନ୍ତ୍ରୀ ଓ ସଚିବ ମୋଟା ଅଙ୍କର ଅର୍ଥ ନେଇ ନିଜ ନିଜ ପକେଟ୍ ଗରମ କରୁଥିବାର ଅଭିଯୋଗ ହେଉଥିଲା। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ନିର୍ଦ୍ଦେଶରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ବ୍ୟକ୍ତିଗତ ସଚିବ ସୁଧାକର ନାଏକ ଓ ଓଏସଡି ପିକେ ରାଉଳଙ୍କୁ ପ୍ରତ୍ୟାହାର କରିନିଆଯାଇଥିଲା। ଆଉ ଉଚ୍ଚଶିକ୍ଷା ବିଭାଗର ଏହି ସମସ୍ତ କେଳେଙ୍କାରୀରେ ସମ୍ପୃକ୍ତି ଥିବା ଯୋଗୁ ଉଭୟ ମନ୍ତ୍ରୀ ଓ ସଚିବଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ଚର୍ଚ୍ଚା।

### ସରକାର ଦେବେ ...

ବାବଦରେ ୪ହଜାର ଟଙ୍କା ଓ ଡ୍ରେସ ସଫା ବାବଦରେ ପ୍ରତି ୩ମାସରେ ୨୦୦ଟଙ୍କା ପାଇବେ। ଅର୍ଥ ବିଭାଗର ଅନୁମୋଦନ ପରେ ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସେହିପରି ଓଡ଼ିଶା ହାଇକୋର୍ଟଙ୍କ ସୁପାରିଶରେ ଜିଲ୍ଲା ଓ ତଳ କୋର୍ଟରେ କାର୍ଯ୍ୟରତ ସମସ୍ତ ଗ୍ରୁପ-ଏ,ବି ଓ ସି ବର୍ଗର କର୍ମଚାରୀମାନଙ୍କ ପାଇଁ ଡ୍ରେସ କୋଡ୍ ନିର୍ଦ୍ଧାରିତ ହୋଇଛି। କାର୍ଯ୍ୟାଳୟରେ ଶୃଙ୍ଖଳା ଓ ଶାଳୀନତା ରକ୍ଷା ନିମନ୍ତେ ଜିଲ୍ଲା ଓ ତଳ କୋର୍ଟ ମହିଳା ଓ ପୁରୁଷ କର୍ମଚାରୀମାନେ ଭିନ୍ନ ଭିନ୍ନ ଡ୍ରେସ କୋଡ୍ ପିନ୍ଧିବେ। ଗ୍ରୁପ-ଏ,ବି ଓ ସି ବର୍ଗର ପୁରୁଷ କର୍ମଚାରୀମାନେ ନିଶ୍ଚିତ ଭାବେ ଧଳା ଫୁଲ୍ ସ୍ଲିଭ୍ ସାର୍ଟ ଓ ନୀଳ ରଙ୍ଗର ଫର୍ମାଲ ଫୁଲ୍ ପ୍ୟାଣ୍ଟ ପିନ୍ଧିବେ। ସେହିପରି ଗ୍ରୁପ-ଏ,ବି ଓ ସି ବର୍ଗର ମହିଳା କର୍ମଚାରୀମାନଙ୍କୁ ଧଳା ଶାଲୱାର ସୁଟ୍ ଓ ଚୁଡ଼ିଦାର ସହ ନୀଳ ରଙ୍ଗ ଚୁନୁରି ଅବା ନୀଳ ବର୍ଡର ଥିବା ଧଳା ଶାଢ଼ୀ ପିନ୍ଧିବାକୁ ପଡ଼ିବ ବୋଲି ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

### ରେଳ ଟ୍ରାଜେଡି ...

ଓଡିଶା ଦିବସ ଉତ୍ସବ। ନା ସେଦିନ ଥିଲା ଏପ୍ରିଲ ୧। ନା ଥିଲା ଉତ୍କଳ ଦିବସ। ତଥାପି ଜରୁରୀ ଉତ୍ସବ ଭାବେ ଏହି କାର୍ଯ୍ୟକ୍ରମକୁ ବିଜେଡି ପାଳନ କରିଛି। ଯାହା ଏବେ ରାଜ୍ୟସାରା ଜନମାନସରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଶୁକ୍ରବାର ସଂଧ୍ୟାରେ ଯେତେବେଳେ ବାହାନଗା ଠାରେ କରମଣ୍ଡଳ ଓ ଯଶବନ୍ତପୁର-ହାୱଡ଼ା ଏକ୍ସପ୍ରେସ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା ଓ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଥିଲା ସେତେବେଳେ ବିଦେଶ ଯିବାକୁ ପ୍ରସ୍ତୁତ ହେଉଥିଲେ ବିଜେଡି ମେୟର, ବିଧାୟକ ଆଉ ମନ୍ତ୍ରୀ। ଏପଟେ ଶବର ପାହାଡ଼ ଗଦା ହୋଇଚାଲିଥିବା ବେଳେ ଏହି ନେତାମାନେ ରାତି ପାହିବା କ୍ଷଣି ବାହାରି ଯାଇଥିଲେ ସିଙ୍ଗାପୁର ଅଭିମୁଖେ। ଅବସର ଥିଲା ଉତ୍କଳ ଦିବସ ପାଳନ। ସିଙ୍ଗାପୁର ଗସ୍ତରେ ଥିଲେ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଥିବା ରୋହିତ ପୂଜାରୀଙ୍କ ସହ ବିଧାୟକ କ୍ୟାପେଟନ ଦିବ୍ୟଶଙ୍କର ମିଶ୍ର, ଅଶୋକ ବଳ, ସମ୍ବିତ ରାଉତରାୟ, ଆକାଶ ଦାସନାୟକ, ବିଷ୍ଣୁବ୍ରତ ରାଉତରାୟ, ଧ୍ରୁବ ସାହୁ, ପ୍ରଶାନ୍ତ ବେହେରା। ଏମାନଙ୍କ ସହ ଯାଇଥିଲେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକର ମେୟର ସୁବାସ ସିଂ ଏବଂ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ। ବଡ କଥା ହେଲା ବାହାନଗା ନିଜ ନିର୍ବାଚନ ମଣ୍ଡଳିରେ ଆସୁଥିଲେ ବି ଖୋଦ ସୋର ବିଧାୟକ ପର୍ଶୁରାମ ଧଡା ସିଙ୍ଗାପୁର ଗସ୍ତରେ ଥିଲେ। କରମଣ୍ଡଳ ଦୁର୍ଘଟଣା ଘଟିବା ପରେ ପରେ ଯେତେବେଳେ ସମଗ୍ର ସୋରବାସୀ ଜୀବନକୁ ବାଜି ଲଗାଇ ଦୁର୍ଗତଙ୍କ ପାଇଁ ଅଣ୍ଟା ଭିଡିଥିଲେ ସେତେବେଳେ ଜନପ୍ରତିନିଧି ବିଦେଶରେ ଥିଲେ ସେଲିବ୍ରେସନ ମୁଡରେ। ହେଲେ ସଫେଇରେ ପର୍ଶୁରାମ କହିଛନ୍ତି, ଘଟଣା ଏକ ଜାତୀୟ ବିପତ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସମସ୍ତେ ଓଡ଼ିଶାରେ ଥିଲେ। ବିଦେଶରେ ଥିଲେ ବି ସେଠୁ ସେ ସବୁ ମନିଟରିଂ କରୁଥିଲି। ୨ ତାରିଖ ଶୁକ୍ରବାର ସଂଧ୍ୟାରେ ଘଟିଥିଲା ଦୁର୍ଘଟଣା। ଆଉ ୩ ତାରିଖ ଶନିବାର ସକାଳୁ ବିଦେଶ ଅଭିମୁଖେ ବାହାରିଯାଇଥିଲେ ବିଜେଡି ବିଧାୟକ ଓ ମନ୍ତ୍ରୀ। ସେତେବେଳକୁ ସ୍ପଷ୍ଟ ବି ହୋଇ ସାରିଥିଲା ମୃତାହତଙ୍କ ସଂଖ୍ୟା ହଜାରରୁ ଅଧିକ। ଏମିତି ସ୍ଥିତିରେ କେମିତି ବିଦେଶ ଗଲେ ବିଜେଡି ନେତାମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ? କାହିଁକି ବାତିଲ କରି ହେଲାନି ସିଙ୍ଗାପୁରରେ ଓଡିଶା ଦିବସ କାର୍ଯ୍ୟାକ୍ରମ? ଏମିତିକି, କରମଣ୍ଡଳ ଦୁର୍ଘଟଣା ପରେ ହିଁ ନୋ ସେଲିବ୍ରେସନ ଘୋଷଣା କରିଥିଲେ ସରକାର। ତେବେ ଏଭଳି ଘଟଣାକୁ ନିନ୍ଦା କରିବା ସହ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ବିରୋଧୀ।

### ସ୍ୱପ୍ନ ପୂରଣ ...

ଯୋଜନା ପାଇଁ ଆବେଦନ ଗ୍ରହଣ କରାଯିବ। ହିତାଧିକାରୀ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇବେ। ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ୍ ଦେଇ ପରବର୍ତ୍ତୀ ୧୦ ବର୍ଷ ମଧ୍ୟରେ ଋଣ ପରିଶୋଧ କରି ପାରିବେ ହିତାଧିକାରୀ। ସୁଧ ରିହାତି ରାଜ୍ୟ ସରକାର ବହନ କରିବେ। ମୋ ଘର ଯୋଜନାକୁ ସଫଳ କରିବା ପାଇଁ ବ୍ୟାଙ୍କଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଗୃହ ନିର୍ମାଣ ଯୋଜନାରୁ ବଞ୍ଚିତ ଥିବା ପରିବାର ମୋ ଘର ଯୋଜନାରେ ଉପକୃତ ହେବେ। ସେହିପରି ସ୍ୱଳ୍ପ ଗୃହ ନିର୍ମାଣ ସହାୟତା ପାଇଥିବା ପରିବାର ଗୃହର ଉନ୍ନତିକରଣ ଓ ସମ୍ପ୍ରସାରଣ କରିପାରିବେ। ହିତାଧିକାରୀଙ୍କ ଆର୍ଥିକ ବୋଝ ହ୍ରାସ କରିବାକୁ ରାଜ୍ୟ ସରକାର ପଞ୍ଜୀକରଣ ଶୁଳ୍କ ଏବଂ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରିଛନ୍ତି।

### 'ରୋଜଗାର ମେଳା ...

ପରିକଳ୍ପନା କ୍ରମେ ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ମିଶନ କର୍ମଯୋଗୀ' କ୍ଷମତା ବିକାଶରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ଏହାକୁ 'ନିୟମ ଆଧାରିତ ଦୃଷ୍ଟିକୋଣ'ରୁ 'ଭୂମିକା ଆଧାରିତ ଦୃଷ୍ଟିକୋଣ'ରେ ପରିଣତ କରିବ। କ୍ଷମତା ବିକାଶରେ ବିଶ୍ୱସନୀୟ ଓ ବ୍ୟବସ୍ଥିତ ଆଭିମୁଖ୍ୟ ପ୍ରତିଷ୍ଠା କରିବା ଲାଗି 'କେପାସିଟୀ ବିଲ୍ଡିଂ କମିଶନ (ସିବିସି)' ପ୍ରତିଷ୍ଠା କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ। ସିବିସି ଦ୍ୱାରା ପ୍ରଶାସନିକ ସେବା ପ୍ରଶିକ୍ଷଣ ଅନୁଷ୍ଠାନ ପାଇଁ ଜାତୀୟ ମାନକର ଶୁଭାରମ୍ଭ କରାଯାଇଛି। ସେ କହିଥିଲେ, ପ୍ରତ୍ୟେକ କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ବାର୍ଷିକ କ୍ଷମତା ବିକାଶ ଯୋଜନା ବିକଶିତ କରିବା ଲାଗି ସିବିସି ସବୁ ମନ୍ତ୍ରଣାଳୟ/ବିଭାଗ/ସଂଗଠନକୁ ସହାୟତା ଯୋଗାଇ ଦେଉଛି। କାର୍ମିକ ପରିଚାଳନା ପାଇଁ ନୋଡାଲ ମନ୍ତ୍ରଣାଳୟ ଭାବେ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ଡକ୍ଟର ସିଂ ସୂଚନା ଦେଇଥିଲେ। ସେ ଶିଶୁ ଯତ୍ନ ଅବକାଶ (ସିସିଏଲ) ବିଷୟରେ ସୂଚନା ଦେଇଥିଲେ। ଏହି ଛୁଟି ଦିନକୁ ୭୩୦ ଦିନ ପର୍ଯ୍ୟନ୍ତ ଜାରି ରଖିବାକୁ ମଞ୍ଜୁର କରାଯାଇଛି। ସିସିଏଲ ପ୍ରଦାନ କରିବା ଲାଗି ସର୍ବନିମ୍ନ ବାଧ୍ୟତାମୂଳକ ଅବଧିକୁ ୧୫ ଦିନରୁ ୫ ଦିନକୁ କମାଇ ଦିଆଯାଇଛି। ୧ ଜୁଲାଇ ୨୦୨୨ ଠାରୁ ଦିବ୍ୟାଙ୍ଗ ଶିଶୁଙ୍କ ମା' ହୋଇଥିବା ମହିଳା ସରକାରୀ କର୍ମଚାରୀଙ୍କୁ ମାସିକ ୩ହଜାର ଟଙ୍କାର ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉଛି। ସେହିପରି ନିଖୋଜ କର୍ମଚାରୀଙ୍କ ପରିବାର ଏବେ ଏଫଆଇଆର ଦାଖଲ କରିବାର ୬ ମାସ ମଧ୍ୟରେ ପାରିବାରିକ ପେନସନ ପାଇପାରିବେ ଏବଂ ସେମାନଙ୍କୁ ଆଉ ୭ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପ୍ରଶାସନିକ କ୍ଷେତ୍ରରେ ପାରଦର୍ଶିତା ଓ ଉତ୍ତରଦାୟିତ୍ୱ ସମ୍ପର୍କରେ ଡକ୍ଟର ସିଂ କହିଥିଲେ ଯେ ସ୍ୱଚ୍ଛ ଓ ପ୍ରଭାବଶାଳୀ ସରକାରଙ୍କ ପରିଚୟ ହେଉଛି ଏକ ଦୃଢ଼ ଅଭିଯୋଗ ସମାଧାନ ବ୍ୟବସ୍ଥା। ବିଭିନ୍ନ ସରକାରୀ ବିଭାଗରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଦ୍ରୁତ କରିବା ଲାଗି ୧୦ ସୂତ୍ରୀ ସିପିଗ୍ରାମ୍ସ ସଂସ୍କାର କାର୍ଯ୍ୟକାରୀ କରାଯାଇଛି ଫଳରେ ସାପ୍ତାହିକ ସମାଧାନ ହାର ୯୫ରୁ ୧୦୦ପ୍ରତିଶତକୁ ବୃଦ୍ଧି ପାଇଛି। ସ୍ୱଚ୍ଛତା ୧.୦ ଏବଂ ୨.୦ ଅଭିଯାନ ଅନ୍ତର୍ଗତ ଇଲେକ୍ଟ୍ରୋନିକ୍ସ ସ୍କ୍ରାପ୍ ଓ କାର୍ଯ୍ୟାଳୟ ସ୍କ୍ରାପ ବିକ୍ରି କରାଯାଇ ୩୭୦.୮୩ କୋଟି ଟଙ୍କାର ରାଜସ୍ୱ ଆୟ ହୋଇଛି। ଏହାଦ୍ୱାରା ୮୯.୮୫ ଲକ୍ଷ ବର୍ଗଫୁଟ୍ କାର୍ଯ୍ୟାଳୟ ପରିସର ଖାଲି ହୋଇପାରିଛି। ଡିଜିଟାଲ ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ୭୫ଟି ବିଭାଗ ଓ ମନ୍ତ୍ରଣାଳୟରେ ଇ-ଅଫିସ ଭର୍ସନ ୭.୦ କାର୍ଯ୍ୟକାରୀ କରାଯାଇଛି। ଜାତୀୟ ରୋଜଗାର ମେଳା ଜରିଆରେ ଅଭିନବ ପରିବର୍ତ୍ତନ ଅଣାଯାଇଛି। ତଳୁ ଉପର ପର୍ଯ୍ୟନ୍ତ ପ୍ରଶାସନିକ ସେବା ଅଧିକାରୀମାନଙ୍କ ପାଇଁ ଅଧିକ ଦୃଢ଼ କ୍ଷମତା ବିକାଶ ଓ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ପ୍ରଯୁକ୍ତିର ଅଧିକ ବ୍ୟବହାର ଏବଂ ମନ୍ତ୍ରଣାଳୟ ପାଇଁ ଆଗକୁ ବଢ଼ିବା ଲାଗି ମୁକ୍ତ ବିଚାର ବିନିମୟ ନିମନ୍ତେ ନିୟମିତ 'ଚିନ୍ତନ ଶିବିର' ଆୟୋଜନ କରାଯାଉଛି ବୋଲି କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ ସୂଚନା ଦେଇଥିଲେ।

### ସାଲୁଜା ...

ପ୍ରଭାବରୁ ନିଯୁକ୍ତି ମିଳିଛି। ପତ୍ନୀ ମିନାକ୍ଷୀଙ୍କ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ପଦ ବଜାୟ ରଖିବାକୁ ତାରା ଗତ ସପ୍ତାହରେ କଂଗ୍ରେସ ଭବନରେ କରିଥିବା ପାୱାର ଶୋ' କାମ ଦେଇନି। କୋରାପୁଟ ନୂଆ ଜିଲ୍ଲା ସଭାପତି ଘୋଷଣା ହେବାପରେ ତାରାଙ୍କ ପତ୍ନୀ ମିନାକ୍ଷୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସ୍ଥାନୀୟ ସାଂସଦ(ସପ୍ତଗିରି ଶଙ୍କର ଉଲାକା) ଦିଲ୍ଲୀରେ ରହୁଛନ୍ତି ତ ଦିଲ୍ଲୀ ଲଡୁ ଖାଉଛନ୍ତି। କୋରାପୁଟରେ କର୍ମୀ କିଭଳି ଅଛନ୍ତି ସେ ଜାଣନ୍ତି ନାହିଁ। ତେଣୁ ଏଭଳି କରିଛନ୍ତି। ମିନାକ୍ଷୀ କହିଛନ୍ତି ଯେ, ସେ ନିଜେ ୨୦୦୯ରୁ ୨୦୨୩ ପର୍ଯ୍ୟନ୍ତ ଦଳର ସଭାପତି ଅଛନ୍ତି। ପଞ୍ଚାୟତ,ପୌର ଓ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସବୁଥିରେ ଦଳର ପ୍ରଦର୍ଶନ ଜିଲ୍ଲାରେ ଭଲ ରହିଛି। ତଥାପି ତାଙ୍କୁ ହଟାଇ ଦିଆଯାଇଛି। କର୍ମୀ ଯାହା ନିଷ୍ପତ୍ତି ନେବେ ତାକୁ ସମ୍ମାନ ଦିଆଯିବ। ତାଙ୍କର ଏହି ନିଯୁକ୍ତି ଉପରେ କିଛି ପ୍ରତିକ୍ରିୟା ଦେବାର ନାହିଁ। ଅନ୍ୟପକ୍ଷରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସର ଇସ୍ତାହାର କମିଟି ଅଧ୍ୟକ୍ଷ ଭାବେ ପଞ୍ଚାନନ କାନୁନଗୋଙ୍କୁ ନିଯୁକ୍ତି ମିଳିଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳାଗତ କମିଟି ଗଠନ ହୋଇଛି ଓ ଏହାର ଅଧ୍ୟକ୍ଷ ଭାବେ ସନ୍ତୋଷ ସିଂ ସାଲୁଜା ଥିବାବେଳେ ଆବାହକ ଜାନକୀ ବଲ୍ଲଭ ପଟ୍ଟନାୟକ, ସଦସ୍ୟ ଭାବେ ଭୁଜବଳ ମାଝୀ, ରାଜେନ୍ଦ୍ର ଛତ୍ରିଆ, ଦେବେନ୍ଦ୍ର ସାହୁ ଓ ପ୍ରତିମା ମଲ୍ଲିକ ରହିଛନ୍ତି। ସେହିପରି ଏଆଇସିସି କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟି ଅଧ୍ୟକ୍ଷ ଭାବେ ଯଜ୍ଞେଶ୍ୱର ବାବୁ ଏବଂ ପ୍ରଚାର-ପ୍ରସାର କମିଟି ଅଧ୍ୟକ୍ଷ ଭାବେ ସଞ୍ଜୟ ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି।

### ସମୟାନୁବର୍ତ୍ତିତା ...

ଆସନ୍ତା ଦୁଇ ସପ୍ତାହ ଧରି ରେଳବାଇର ବିଭିନ୍ନ ସ୍ଥାନ, ଡିପୋକୁ ପରିଦର୍ଶନରେ ଯିବେ। ସେଠାରେ ସେମାନେ କ୍ଷେତ୍ର ସ୍ତରୀୟକର୍ମଚାରୀଙ୍କ ସହ ସମୟ ବିତାଇବା ସହ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିବେ। କ୍ଷେତ୍ର ସ୍ତରରେ ଯଦି କିଛି ସମସ୍ୟା ଥାଏ, ତାହେଲେ ନିରୀକ୍ଷଣ ଅଧିକାରୀ ତାହାକୁ ସମାଧାନ କରିବାକୁ କୁହାଯାଇଥିବା ବେଳେ କୌଣସି ସମସ୍ୟା ଥିଲା ତାହାକୁ ତୁରନ୍ତ ଡିଆରଏମ କିମ୍ବା ଜିଏମଙ୍କ ଦୃଷ୍ଟିକୁ ଆଣିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରେଳବାଇ ବୋର୍ଡ ଦ୍ୱାରା ପ୍ରତିଦିନ ନିରୀକ୍ଷଣ କାର୍ଯ୍ୟ କରାଯିବା ସହ ଏ ସଂକ୍ରାନ୍ତୀୟ ରିପୋର୍ଟ ଡିଜି(ସୁରକ୍ଷା)ଙ୍କ ନିକଟକୁ ପ୍ରଦାନ କରିବାକୁ କୁହାଯାଇଛି। ଅପରପକ୍ଷେ ରେଳବାଇର ସମସ୍ତ ଜୋନ୍ ଆସନ୍ତା ଦୁଇସପ୍ତାହ ପାଇଁ ନିରୀକ୍ଷଣ ସଂକ୍ରାନ୍ତୀୟ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ସହ ଏନେଇ ଡିଜି(ସୁରକ୍ଷା)ଙ୍କ ନିକଟକୁ ପ୍ରଦାନ କରିବାକୁ ସିଆର୍ବି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ରେଳ ଜୋନ୍ ପକ୍ଷରୁ ଆନ୍ତଃ-ଉପଖଣ୍ଡସ୍ତରୀୟ ଅଡିଟ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ଚାଲିବ. ଏନେଇ କାର୍ଯ୍ୟସୂଚୀ ସୁରକ୍ଷା (ଡିଜି)ଙ୍କ ନିକଟକୁ ପଠାଯିବ। ସେହିପରି କୌଣସି ମରାମତି ସମୟରେ ସମୟ ଅପେକ୍ଷା ଗୁଣବତ୍ତାକୁ ଅଧିକ ଗୁରୁତ୍ୱ ଦିଆଯିବାକୁ ସିଆର୍ବି/ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୈଠକରେ ରେଳ ବୋର୍ଡ ପକ୍ଷରୁ ମଧ୍ୟ କେତେକ ପରାମର୍ଶ ଦିଆଯାଇଛି। ପ୍ରମୁଖ ପରାମର୍ଶ ମଧ୍ୟରେ କୌଣସି ଅସୁରକ୍ଷିତ ସ୍ଥିତି କାରଣରୁ ରେଳ ଚଳାଚଳ ବନ୍ଦ ହେଲେ, ସମୟାନୁବର୍ତ୍ତିତାକୁ ଗୁରୁତର ସହ ନିଆଯିବ ନାହିଁ କିମ୍ବା ଏନେଇ କୌଣସି କର୍ମଚାରୀଙ୍କୁ ପ୍ରଶ୍ନ କରାଯିବ ନାହିଁ। ୱାଗନ ଡୋର ମରାମତି ପାଇଁ ମାସିକ ଲକ୍ଷ୍ୟ ଧାର୍ଯ୍ୟ ହେବ। ରେଳବାଇର ପ୍ରମୁଖ ସୁରକ୍ଷା ଅଧିକାରୀ ଆସନ୍ତା ୧୩ ତାରିଖ ସୁଦ୍ଧା ରେଳ ଡିଭିଜନମାନଙ୍କରେ ଏଡିଏସଓ ନିଯୁକ୍ତି ସୁନିଶ୍ଚିତ କରିବେ। ଏବଂ ଏନେଇ ଚୂଡ଼ାନ୍ତ ରିପୋର୍ଟ ସମାନ ତାରିଖ ସୁଦ୍ଧା ବୋର୍ଡକୁ ଜଣାଇବେ। ସେହିପରି ପ୍ରତ୍ୟେକ ଡିଭିଜନରେ ସୁରକ୍ଷା ପରାମର୍ଶଦାତା ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଡିଆରଏମ ଏନେଇ ସୁନିଶ୍ଚିତ କରିବାକୁ କୁହାଯାଇଛି।

# ରାଜ୍ୟ ବିଜେପି ନେତା ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ଓଡ଼ିଶା ବିରୋଧୀ କାର୍ଯ୍ୟ କରୁଛନ୍ତି : ବିଜେଡି



**ଭୁବନେଶ୍ୱର :** କେନ୍ଦ୍ରରେ ବିଜେପି ସରକାରର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଶାରେ ବିଜେପି ନେତାମାନେ ଜନସଂପର୍କ ଯାତ୍ରା ମାଧ୍ୟମରେ ସଫଳତାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବତା ହେଲା, ଓଡ଼ିଶା ବିଜେପି ୯ ବର୍ଷ ହେଲା ଓଡ଼ିଶାବାସୀଙ୍କୁ କେବଳ ପ୍ରତାରଣା, ଅବହେଳା ଓ ବିଶ୍ୱାସଘାତ କରି ଆସୁଛି। ଓଡ଼ିଶାରୁ ନିର୍ବାଚିତ ହୋଇ ଦିଲ୍ଲୀ ଯାଇଥିବା ରାଜ୍ୟ ବିଜେପି ନେତାମାନେ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ବିଭିନ୍ନ ପ୍ରସଙ୍ଗରେ ଓଡ଼ିଶାର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛନ୍ତି। ମାଟି ପାଇଁ ପାଟି ନ ଖୋଲି କେବଳ ନିଜ ପାର୍ଟିର ସ୍ୱାର୍ଥ କଥା ଭାବୁଛନ୍ତି ଏବଂ ମିଛ ସଫଳତାର କାହାଣୀ ଗପି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି । ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ଗୁରୁତର ଅଭିଯୋଗ ଆଣି ଓଡ଼ିଶା ବିଜେପି ନେତାମାନଙ୍କ ବିରୋଧରେ ଖୁବ୍ ବର୍ଷିଛି ବିଜେଡି। ଓଡ଼ିଶାବାସୀଙ୍କ ପ୍ରତି କେନ୍ଦ୍ର ବିଜେପି ସରକାରଙ୍କ ପ୍ରତାରଣାର ଏକ ଉଦାହରଣ ଦେଇ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାକୁ ଉପକୂଳ ଓଡ଼ିଶା ଏବଂ ରାଜଧାନୀ ସହ ଯୋଡୁଥିବା କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ ଉପରେ ଦେଢ଼ କୋଟିରୁ ଅଧିକ ଲୋକ ନିର୍ଭର କରନ୍ତି । ପଶ୍ଚିମ ଓଡ଼ିଶାର ଜୀବନରେଖା କୁହାଯାଉଥିବା ଏହି ଏନ୍‌ଏଚ୍-୫୫ର ସଂପ୍ରସାରଣ କାର୍ଯ୍ୟ ୨୦୧୭ରେ ଆରମ୍ଭ ହୋଇ ତିନି ବର୍ଷ ମଧ୍ୟରେ ଶେଷ ହେବାର ଥିଲା। ମାତ୍ର ୬ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଏହି କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଛି। ୨୬୩ କିମି ରାସ୍ତାର ଚାରିଥାକିଆ ସଂପ୍ରସାରଣ ପାଇଁ ପ୍ରଥମେ ୨୩୬୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ତାହା ଏବେ ପ୍ରାୟ ଦୁଇ ଗୁଣ ବଢ଼ି ୪୪୮୨ କୋଟି ଟଙ୍କାରେ ପହଞ୍ଚିଲାଣି। କାମ ଶେଷ କରିବାକୁ ତିନିଥର ଡେଡ୍ ଲାଇନ୍ ଦିଆଯିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ସାରି ପାରୁନାହାନ୍ତି ଏନ୍‌ଏଚ୍ କର୍ତ୍ତୃପକ୍ଷ। ଏନ୍‌ଏଚ୍-୫୫କୁ ଦେଶର ସର୍ବାଧିକ ବିପଦଜନକ ଜାତୀୟ ରାଜପଥ ବୋଲି ଅଭିହିତ କରି ଶ୍ରୀ ଦାସ କହିଲେ ଯେ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳା ହୋଇ ପଡ଼ିଥିବାରୁ ଏବଂ ଏକାଧିକ ବ୍ରିଜ୍ ଅଧପନ୍ତରିଆ କରି ଛାଡ଼ି ଦିଆଯାଇଥିବାରୁ ଏହି ଜାତୀୟ ରାଜପଥ ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ଆମନ୍ତ୍ରଣ ଜଣାଉଛି । ମୃତ୍ୟୁଯନ୍ତା ପାଲଟିଥିବା ଏହି ଜାତୀୟ ରାଜପଥରେ ୨୦୧୬ରୁ ୨୦୨୨ ଅର୍ଥାତ ଗତ ୬ ବର୍ଷ ମଧ୍ୟରେ ୧୩୧୫ଟି ଦୁର୍ଘଟଣା ଘଟି ୬୦୩ ଜଣଙ୍କ ଜୀବନ ଯାଇଛି। ସେଥିରୁ ଶେଷ ୨ ବର୍ଷ ମଧ୍ୟରେ ୪୦୦ରୁ ଅଧିକ ଦୁର୍ଘଟଣା ଘଟି ପ୍ରାୟ ୨୦୦ ମୁଣ୍ଡ ଗଡ଼ିଲାଣି। ତଥାପି ଓଡ଼ିଶାରୁ କେନ୍ଦ୍ରମନ୍ତ୍ରୀ ହୋଇଥିବା ଏବଂ ଓଡ଼ିଶାରୁ ନିର୍ବାଚିତ ହୋଇ ସଂସଦକୁ ଯାଇଥିବା ବିଜେପି ନେତାମାନେ ଏଥିପାଇଁ କେନ୍ଦ୍ର ଆଗରେ ପାଟି ଫିଟାଉ ନାହାନ୍ତି। ସାଇଲେଣ୍ଟ କିଲର୍ ପାଲଟିଥିବା ଏହି ଏନ୍‌ଏଚ୍ ପାଇଁ ସତେ ଯେମିତି ଓଡ଼ିଶା ବିଜେପି ନେତାମାନେ ସାଇଲେଣ୍ଟ; ପାଲଟି ଯାଇଛନ୍ତି । ଏଭଳି ଓଡ଼ିଶାବିରୋଧୀ ମନୋଭାବ ଥିବା କାରଣରୁ ରାଜ୍ୟବାସୀ ଓଡ଼ିଶା ବିଜେପି ନେତାମାନଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ।

**ସ୍ୱପ୍ନ ପୂରଣ କଲେ ୫-ଟି' ସଚିବ**

# ଏଣିକି ପାଠ ପଢିବେ କାମିନା

**ଭୁବନେଶ୍ୱର :** ଛାତ୍ରୀଙ୍କ ମୁହଁରେ ହସ ଫୁଟାଇଛନ୍ତି ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ। ସବୁ ସମସ୍ୟା ଦୂର କରି ପାଠ ପଢିବାକୁ ଯୋଗାଇଛନ୍ତି ସହଯୋଗ। ଢ଼େଙ୍କାନାଳ କାମାକ୍ଷାନଗର ବ୍ଲକ୍ ଭଇରିପୁରର କାମିନା ନାଏକଙ୍କ ସ୍ୱପ୍ନ ସାକାର ହୋଇଛି। ତାଙ୍କ ପାଠ ପଢାରେ ପାଚେରୀ ହୋଇ ଛିଡା ହୋଇଥିଲା ଆର୍ଥିକ ସମସ୍ୟା। ୨୦୧୮ରେ ଦଶମ ପାସ୍ କରିଥିଲେ କାମିନା। କିନ୍ତୁ ଅର୍ଥାଭାବରୁ ଆଉ ଆଗକୁ ପଢ଼ିପାରି ନଥିଲେ। ଏନେଇ ସାମାଜିକ କର୍ମୀ ସଂଜିତ ଦାସ୍ ଟୁଇଟ୍ କରି ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଟୁଇଟ୍ ଦେଖିବା ପରେ ତୁରନ୍ତ ପଦକ୍ଷେପ ନେବାକୁ ଫାଇଭ-ଟି ସଚିବ ଢେଙ୍କାନାଳ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏବେ କାମାକ୍ଷାନଗର ଉପଜିଲ୍ଲାପାଳ କାମିନାଙ୍କ ପାଠ ପଢା ପାଇଁ ବ୍ୟବସ୍ଥା କରିଛନ୍ତି। ଛାତ୍ରୀଙ୍କ କଲେଜ୍ ଆଡମିସନ ଓ ପରବର୍ତ୍ତୀ ପାଠପଢ଼ା ଦାୟିତ୍ୱ ନେଇଛି ଜିଲ୍ଲା ପ୍ରଶାସନ। ଏହା ଶୁଣିବା ପରେ ଛାତ୍ରୀଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ଏହା ସହିତ ପ୍ରଶାସନ ପକ୍ଷରୁ ତାଙ୍କ ପାଠପଢା ପାଇଁ ୧୫ହଜାର ଟଙ୍କା ଜିଲ୍ଲାପାଳ ସରୋଜ ସେଠୀ ପ୍ରଦାନ କରିଛନ୍ତି । ଏହି ସହାୟତା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ସହିତ ଢେଙ୍କାନାଳ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି କାମିନା।

# ଗ୍ରିଡ୍‌କୋକୁ ୬୦୦ ମେଗାୱାଟ୍ ପବନ ଶକ୍ତି ଯୋଗାଇ ଦେବ ଏସଇସିଆଇ



**ଭୁବନେଶ୍ୱର :** ଭାରତ ସରକାରଙ୍କ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରାଳୟ ଅଧୀନସ୍ଥ ଭାରତୀୟ ସୌର ଶକ୍ତି ନିଗମ (ଏସଇସିଆଇ) ଓଡ଼ିଶା ସରକାରଙ୍କ ଗ୍ରିଡକୋକୁ ୬୦୦ ମେଗାୱାଟ୍ ପବନ ବିଦ୍ୟୁତ ଶକ୍ତି ଯୋଗାଇ ଦେବ। ଏଥିପାଇଁ ଉଭୟ ପକ୍ଷ ମଧ୍ୟରେ ଏକ ବିଦ୍ୟୁତ ବିକ୍ରି ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହି ରାଜିନାମା ଅଧୀନରେ ଓଡ଼ିଶାର ଗ୍ରିଡକୋ ଭାରତୀୟ ସୌର ଶକ୍ତି ନିଗମ ଠାରୁ ପବନ ବିଦ୍ୟୁତ ପ୍ରକଳ୍ପ ଯୋଜନା ସହ ଜଡ଼ିତ ଆଇଏସଟିଏସ (ଆନ୍ତରାଜ୍ୟ ସଞ୍ଚାରଣ ପ୍ରଣାଳୀ) ଅଧୀନରେ ୬୦୦ ମେଗାୱାଟ୍ ପବନ ବିଦ୍ୟୁତ ଶକ୍ତି କିଣିବ। ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରାଳୟର ଆଇଏସଟିଏସ ଯୋଜନା ଅଧୀନରେ ଅକ୍ଷୟ ଶକ୍ତି ସମ୍ପଦରେ ସମୃଦ୍ଧ ରାଜ୍ୟରେ ଉତ୍ପାଦିତ ହେଉଥିବା ବିଦ୍ୟୁତକୁ ଅକ୍ଷୟ ଶକ୍ତି ଅଭାବ ଥିବା ରାଜ୍ୟମାନଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ଭୁବନେଶ୍ୱର ଠାରେ ଏସଇସିଆଇ ଏବଂ ଗ୍ରିଡକୋ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଗ୍ରିଡକୋ ଦ୍ୱାରା ୬୦୦ ମେଗାୱାଟ ପବନ ବିଦ୍ୟୁତ କ୍ରୟ ପାଇଁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ପୂର୍ବରୁ ନୀତିଗତ ମଞ୍ଜୁରି ଦେଇ ସାରିଛନ୍ତି। ବିଦ୍ୟୁତ ପ୍ରକଳ୍ପର ଉତ୍ପାଦନକାରୀଙ୍କ ସହିତ ବିଦ୍ୟୁତ କ୍ରୟ ରାଜିନାମା ସ୍ୱାକ୍ଷର ହେବା ତାରିଖ ଠାରୁ ୨୪ ମାସ ମଧ୍ୟରେ ବିଦ୍ୟୁତ ଯୋଗାଇ ଦିଆଯିବ। ଗୁଜରାଟ, କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ଥିବା ବିଦ୍ୟୁତ ଉତ୍ପାଦନକାରୀମାନେ ୬୦୦ ମେଗାୱାଟ୍ ପବନ ବିଦ୍ୟୁତ ଶକ୍ତି ଯୋଗାଇ ଦେବେ। ଏସଇସିଆଇ ହେଉଛି କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରାଳୟ ଅଧୀନ ଏକ ମିନିରତ୍ନ ପ୍ରଥମ ଶ୍ରେଣୀର କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯାହାକୁ ୨୦୧୧ରେ ଗଠନ କରାଯାଇଥିଲା। ଭାରତର ଅନ୍ତର୍ଜାତୀୟ ପ୍ରତିବଦ୍ଧତାକୁ ପୂରଣ କରିବା ନିମନ୍ତେ ଅକ୍ଷୟ ଶକ୍ତି ଯୋଜନା ଏବଂ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ଏହା ମନ୍ତ୍ରାଳୟର ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରିଥାଏ। ବର୍ତ୍ତମାନ ସୁଦ୍ଧା ଏସଇସିଆଇ ୫୮ ଗିଗାୱାଟରୁ ଅଧିକ ଅକ୍ଷୟ ଶକ୍ତି ପ୍ରକଳ୍ପର କ୍ଷମତା ପ୍ରସ୍ତୁତ କରିଛି। ଏସଇସିଆଇ ନିଜସ୍ୱ ନିବେଶ ସହିତ ପ୍ରକଳ୍ପ ପରିଚାଳନା ପରାମର୍ଶଦାତା (ପିଏମସି) ରୂପରେ ରାଷ୍ଟ୍ରାୟତ୍ତ କ୍ଷେତ୍ରର ଅନ୍ୟ ସଂସ୍ଥାମାନଙ୍କ ଲାଗି ପ୍ରକଳ୍ପର ପ୍ରତିଷ୍ଠାରେ ମଧ୍ୟ ସକ୍ରିୟ ରହିଛି। ଏସଇସିଆଇକୁ ଆଇସିଆରଏର ଟ୍ରିପଲ୍ ଏ କ୍ରେଡିଟ୍ ରେଟିଂ ମିଳିଛି। ଗ୍ରିଡକୋ ବର୍ତ୍ତମାନ ଓଡ଼ିଶା ରାଜ୍ୟର ଚାରିଟି ବିଦ୍ୟୁତ ବିତରଣ କମ୍ପାନି ପାଇଁ ମୋଟ ଆକାରରେ ବିଦ୍ୟୁତ କିଣିବା ଓ ବିକ୍ରି କରିବା ଦାୟିତ୍ୱ ବହନ କରୁଛି। ପଡ଼ୋଶୀ ରାଜ୍ୟ ସହ ବିଦ୍ୟୁତ ବିନିମୟକୁ ପ୍ରୋତ୍ସାହନ ଦେବା ଲାଗି ବ୍ୟବସାୟୀମାନଙ୍କ ମାଧ୍ୟମରେ ବଳକା ବିଦ୍ୟୁତ ବିକ୍ରି କରିବା କ୍ଷେତ୍ରରେ ମଧ୍ୟ ଏହା କାର୍ଯ୍ୟ କରିଥାଏ।

# ରଜ ପାନର ମଜା



ପ୍ରେମାନନ୍ଦ ପାଣିଗ୍ରାହୀ



ଓଡିଶାର ଇତିହାସ,ପରମ୍ପରା ଓ ସଂସ୍କୃତିରେ ପାନ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ରଜ ପର୍ବରେ ପାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରଜ ପର୍ବ ଆସିଲେ ପ୍ରଥମେ ମନେପଡେ ପାନ କଥା। ଓଡିଆମାନଙ୍କର ଧର୍ମ ଭାବନା ସହିତ ପ୍ରାଚୀନ କାଳରୁ ପାନର ନିବିଡ ସଂପର୍କ ରହିଛି । ଓଡିଆ ପରିବାରର ପୂଜା ପାର୍ବଣ ଠାରୁ ଆରମ୍ଭ କରି



ବିବାହ, ବ୍ରତ, ଓଷା ସବୁଠାରେ ପାନକୁ ଖୋଜାପଡେ। କଥାରେ ଅଛି ସ୍ୱର୍ଗରେ ପାନ ନାହିଁ। ଦେବତାମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ମୁନିଋଷି ମାନେ ଯଜ୍ଞ ସମୟରେ ମୁଖବାସ ପାନ ପ୍ରଦାନ କରୁଥିଲେ। ଏବେ ବିଭିନ୍ନ ଧର୍ମକାର୍ଯ୍ୟରେ








ଯଜ୍ଞରେ ଘୃତ ଆହୁତି ଦେବା ସମୟରେ ପ୍ରତ୍ୟେକ ଥର ଘୃତ ଆହୁତିର ଶେଷ ବିନ୍ଦୁକୁ ପାନ ପତ୍ର ଉପରେ ରଖାଯାଇଥାଏ। ଏହାକୁ ଦେବବୈଦ୍ୟ ଅଶ୍ୱିନୀ କୁମାରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବାପରେ ପୁରୋଧା ଭକ୍ତମାନଙ୍କୁ ଅର୍ପଣ କରିଥାନ୍ତି। ବିବାହାଦି କାର୍ଯ୍ୟରେ ଦିଅ ମଙ୍ଗୁଳା ସମୟରେ ସାତଗୋଟି ଗୋଟାପାନକୁ ସାତ ଜଣ ବିବାହିତା ମହିଳା ନେଇ ଗ୍ରାମର ଆରାଧ୍ୟ ଦେବୀଙ୍କୁ ଅର୍ପଣ କରିଥାନ୍ତି। ବିବାହ ବେଦୀରେ ଏହି ପାନକୁ କନ୍ୟାମାତା ଝିଅ ଜ୍ୱାଇଁଙ୍କ ଶରୀର ସ୍ପର୍ଶ କରାଇ ସେମାନଙ୍କର ଶାରିରୀକ ସୁସ୍ଥତା କାମନା କରିଥାନ୍ତି। ନାରୀର ଚଉଷଠି କଳା ମଧ୍ୟରୁ କଳାପୂର୍ଣ୍ଣ ଢଙ୍ଗରେ ପାନ ଖିଲ ପ୍ରସ୍ତୁତ କରିବା ମଧ୍ୟ ଗୋଟିଏ କଳା। ଆମ ସାମାଜିକ ଚଳଣିରେ ନବ ବିବାହିତା କନ୍ୟାର ଭାରସଜ ନେବା ସମୟରେ ପାନ ବଟୁଆ, ପାନଡଲା, ଫାଳ ଗୁଆ, କେତକି ଖଇର ଦିଆଯାଇଥାଏ। ଗୃହକୁ ନବବଧୂ ଆସିଲେ ସେ ନିଜ ହାତରେ ପାନ ଭାଙ୍ଗି ଗୁରୁଜନମାନଙ୍କୁ ପ୍ରଦାନ କରି ପ୍ରଣାମ କରିଥାଏ। ଶାଶୁ, ଶ୍ୱଶୁରମାନେ ଖାଇସାରିବା ପରେ ବୋହୂ ସେମାନଙ୍କ ପାଇଁ ପାନ ପେଡିରୁ ପାନ, ଚୂନ, ଗୁଆ, ଖଇର, ଗୁଣ୍ଡି ବାହାର କରି ପାନଭାଙ୍ଗି ଖାଇବାକୁ ଦେଇଥାନ୍ତି।

ଓଡିଆଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ପାନ ନିବିଡ ଭାବେ ଜଡିତ। ପାନକୁ ତାମ୍ବୁଳ କୁହାଯାଏ । ଶ୍ରୀ ଜଗନ୍ନାଥ ତାମ୍ବୁଳ ପ୍ରିୟ । ବଡ ଠାକୁରଙ୍କ ସମସ୍ତ ଧୂପ, ବଡସିଂହାର, ପହୁଡ, ଚନ୍ଦନ ଆଦିରେ ତାମ୍ବୁଳ ଅର୍ପଣ ପରମ୍ପରା ଶ୍ରୀମନ୍ଦିରର ସେବାକାର୍ଯ୍ୟର ଏକ ମୁଖ୍ୟ ଅଙ୍ଗ। ଚାରି ଚଉତା ହୋଇ ଭଙ୍ଗା ହୋଇଥିବା ଏହି ପାନରେ କର୍ପୂର,ଜାଇଫଳ,ଅଳେଇଚ ଭଳି ସୁଗନ୍ଧିତ ମସଲା ଦିଆଯାଇ ଉପରେ ଏକ ଖଣ୍ଡ ଲବଙ୍ଗ ଖୁଞ୍ଚି ଦିଆଯାଇଥାଏ, ଯାହାକୁ ଶ୍ରୀମନ୍ଦିର ପରିଭାଷାରେ ବିଡିଆ ପାନ କୁହାଯାଏ। ପାନ ଭିତରେ ବିଡିଆ ପାନ ସର୍ବଶ୍ରେଷ୍ଠ। ମହାପ୍ରଭୁଙ୍କ ନୈବେଦ୍ୟରେ ଦୈନିକ ୩୬ଟି ବିଡିଆ ପାନ ବ୍ୟତୀତ ଯାନିଯାତ୍ରାରେ ମହାପ୍ରଭୁଙ୍କ ପାନ ସେବନ ଅଧିକ ହୋଇଥାଏ। ରାମାୟଣ, ମହାଭାରତ ତଥା ବୌଦ୍ଧ ଗ୍ରନ୍ଥ ଗୁଡିକରେ ପାନକୁ “ନାଗବଲ୍ଲୀ” ନାମରେ ଅଭିହିତ କରାଯାଏ। କଳିଙ୍ଗର ସାଧବ ପୁଅମାନେ ପୂର୍ବ ଏସୀୟ ଦେଶଗୁଡିକ ସହିତ ବୋଇତରେ ବାଣିଜ୍ୟ କରିବା ସମୟରେ ପାନକୁ ପଣ୍ୟ ସାମଗ୍ରୀ ଭାବରେ ବ୍ୟବହାର କରୁଥିଲେ। ପାନରେ ରହିଛି ପଞ୍ଚ ରସ। ଶରୀର ସୁସ୍ଥ, ଖାଦ୍ୟ ଜୀର୍ଣ୍ଣ, ଶକ୍ତିବର୍ଦ୍ଧକ ଓ ମୁଖରୋଗ ଦୂରକରିବା ପାଇଁ ପାନ ସାହାଯ୍ୟ କରିଥାଏ । ତେଣୁ ପୁରାଣ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ପାନ ମାନବ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପାନ ହେଉଛି ମୁଖ ବାସ। ଆଦିମ ମଣିଷ ଠାରୁ ଆରମ୍ଭ କରି ଆଧୁନିକ ଯୁଗର ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କର ମୁଖ ରୋଚକ ହୋଇଛି ଏହି ପାନ। ରଜପର୍ବରେ ରଜପାନର ଆସର ଜମେ। ଯେତେ ପାନ ଖାଇଲେ ବି ରଜପାନର ସ୍ୱାଦ ଅଲଗା। ରଜରେ ପାନ ଖାଇବା, ଭାଙ୍ଗିବା ଓ ଅନ୍ୟମାନଙ୍କୁ ଖୁଆଇବାରେ ଥାଏ ଅନୁପମ ଆନନ୍ଦ। ପାନ ଯେହେତୁ ଏକ ଯୌନ ପ୍ରତୀକ ତାର ବ୍ୟାପକ ବ୍ୟବହାରା ହୁଏ ଏହି ପର୍ବରେ। ପାନଟି ଯେପରି ସୁସ୍ୱାଦୁ ଓ ସୁବାଷିତ ହେବ ସେଥିଲାଗି ଦରକାର ପଡିଲେ ଚଉଷଠି ପ୍ରକାର ମସଲା ପକାଇବାକୁ କେହି ଭୁଲନ୍ତି ନାହିଁ। ରଜପାନ ପାଇଁ ପାଚିଲା ମିଠା ଗୋଟାପାନରେ ସୁବାଷିତ ଜଫରାନ କେଶର, ଚୁନି ଚୁନି ଗୁଆ, ଭଜା ଗୁଆ, ମୁଗେଇ,ଗିଲା ସୁପାରୀ,ଭଜା ସୁପାରୀ, କେଶର ସୁପାରୀ, ଶେକା ସୁପାରୀ, ଖିଲି ସୁପାରୀ, କସ୍ତୁରୀ ସୁପାରୀ, ଗ୍ଲୁକୋଣ୍ଡ ଜେଲି,ଖଜରା ମସଲା,ପପତା ମସଲା,ସରୁ ଅଁଳା,ଗୋଲାପ ଚଟଣୀ,ଆମ୍ବ କସିଆ ଅଦା,ପପତା ମସଲା,ଭଜା ଧଣିଆ, ପାନ ମହୁରି, ଜାଇଫଳ, ଅଳେଇଚ, ଗୁଜୁରାତି, ଡାଲଚିନ୍, ଭଜା ନଡିଆ, କାଜୁ ଖଣ୍ଡ, ଚେରିଖଣ୍ଡ କେତକି ଖଇର, କବାବଚିନି, ଚୁଆ, ଶ୍ରୀକର୍ପୁର ସହିତ ୧୦ରୁ ୧୨ ପ୍ରକାର ମିଠା ମସଲା ଦେଇ ତ୍ରିଭାଙ୍ଗ, ଚଉଭାଙ୍ଗ, ଷଡଭାଙ୍ଗ. ଅଷ୍ଟଭାଙ୍ଗ, ପିଠା ପାନ, କୋଣାର୍କ ପାନ, ଚେଢଇ ପାନ, ଠୁଙ୍ଗା ପାନ ଆଦି ରକମର ପାନ ଭଙ୍ଗାଯିବାପରେ



ଉପରେ ଗୋଟିଏ ଲବଙ୍ଗ ଖୋସି ଦିଆଯାଏ । ରଜପାନର କୁଟି କାମ ଦେଖିଲେ ଆଖି ଲାଗି ରହିଯାଏ । କିଏ ପାନକୁ ଫୁଲ ପରି ମୋଡିଥିବ ତ ଆଉ କିଏ କରଞ୍ଜ ପରି ମୋଡିଥିବ। ପୁଣି କିଏ ଗୋଟା ଲବଙ୍ଗ ଦେଇ ସିଙ୍ଗଡା ପରି ପାନ ଭାଙ୍ଗିଥିବ। ପାନକୁ ପୁଣି ଥାଳିଆରେ କଳାତ୍ମକ ଭାବରେ ସଜାଇ ପରିବେଷଣ କରାଯାଏ। ରଜପାନ ଥରେ ଖାଇଲେ ପାଟିରୁ ବାସ୍ନା ଛାଡେନାହିଁ। ତେଣୁ ଏହି ରଜୋତ୍ସବ ଅବସରରେ ସୁବାଷିତ ଖିଲିପାନ ଖାଇବା ଓଡିଆ ଜାତିର ବିଧି ରହିଛି। ରଜ ଅବସରରେ ଘରକୁ ଆସିଥିବା ଅତିଥି ଅଭ୍ୟାଗତଙ୍କୁ ପାନ ଅର୍ପଣ କରାଯାଏ। ରଜ ସହିତ ପାନ ଯୋଡି ହେବାର କାରଣ ହେଉଛି ଏହା ବନ୍ଧୁତ୍ୱର ଡୋରୀକୁ ସୁଦୃଢ କରିଥାଏ । ରଜପାନ ପରକୁ ଆପଣାର କରିବାର ଏକ ମାଧ୍ୟମ। ବାଳୁତରୁ ପରିଣତ ବୟସର ସମସ୍ତ ବ୍ୟକ୍ତିଙ୍କର ଲୋଭଥାଏ ରଜପାନ ପାଖରେ। କେବେ ପାନ ନଖାଇଥିବା ଲୋକବି ରଜରେ ପାନ ଖାଇଥାଏ। ରଜ ଗୀତରେ ରଜପାନର ବର୍ଣ୍ଣନା ରହିଛି। “ନଇ ଆରପାରେ କେ କେ ଯାଉଛ ଲୋ/ ମୋ ଠାରୁ ଖବର ନିଅ/ ପାନ ବିଡି ବିଡି ଗୁଆ ବିଡି ବିଡି ବାପାଙ୍କ ଛାମୁରେ ଦିଅ/ବାପା ବସିଛନ୍ତି ଉଚ୍ଚ ପିଣ୍ଡାରେ ଲୋ ଭଗାରୀ ବସିଛି ତଳେ/ପାନ ଖାଇ ପିକ ପକାଇଦେବେ ଲୋ ପଡିବ ଭଗାରୀ ଶିରେ। ବଲାଙ୍ଗୀର ଅଞ୍ଚଳର ।କ ଲୋକପ୍ରିୟ ରଜଗୀତ ହେଲା-ଥାଳିରେ ରଖିଲି ପାନ,ତୋହର ମୋହର ଗୋଟେ ଜୀବନ, ଜାତି ହେଲା ଭିନ୍ନ ଭିନ୍ନ।

ପାନ ଖାଇଲେ କେବଳ ମନ ଖୁସି ହୁଏ ତାହା ନୁହେଁ , ସ୍ୱାସ୍ଥ୍ୟ କ୍ଷେତ୍ରରେ ପାନ ଖୁବ ଲାଭ ଦାୟକ। ଏହା ପାଚନ କ୍ରୀୟାକୁ ଉତ୍ତମ ରଖିବା ସହିତ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ। କେବଳ ଓଡିଶା ନୁହେଁ ଆମ ଦେଶର ବିଭିନ୍ନ ପ୍ରାନ୍ତରେ ପାନର ନିଜସ୍ୱ ପରିଚୟ ରହିଛି। ପାନର ଆଧାର ପାନ ପତ୍ର। ବିଭିନ୍ନ ଅର୍ଥକାରୀ ଫସଲ ମଧ୍ୟରେ ପାନ ଅନ୍ୟତମ। ବିହାରର ମଘାଇ ପାନ, ଉତ୍ତର ପ୍ରଦେଶର ମାହୋବା ପାନ, ବନାରସୀ ପାନ , ଓଡିଶାର ଜଗନ୍ନାଥୀ ପାନର ଚାହିଦା ରହିଛି।

*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୧୭୮୭୧୩୪୪୫*

# ଉଚ୍ଚଶିକ୍ଷା ମନ୍ତ୍ରୀ ପରେ ହଟିଲେ ସଚିବ



**ଭୁବନେଶ୍ୱର :** ରାଜ୍ୟ ସରକାର ଆଜି ଭାରତୀୟ ପ୍ରଶାସନିକ ସେବା ତଥା ଆଇଏଏସ ଅଫିସରସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ଭାବେ ଅରବିନ୍ଦ ଅଗ୍ରୱାଲଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସଡି ଭାବେ ବିଷ୍ଣୁପଦ ସେଠୀଙ୍କୁ ବଦଳି କରାଯାଇଥିବା ବେଳେ ଅର୍ଥ ସଚିବ ବିଶାଳ ଦେବଙ୍କୁ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବା ନେଇ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ ଦେବା ପରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବଙ୍କୁ ବଦଳି କରାଯାଇଛି। ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ପଦରୁ ବିଷ୍ଣୁପଦ ସେଠୀଙ୍କୁ ବଦଳି କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସଡି ଭାବେ ବିଷ୍ଣୁପଦ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। କିଛି ସମୟ ତଳେ ଉଚ୍ଚ ଶିକ୍ଷା ମନ୍ତ୍ରୀ ପଦରୁ ରୋହିତ ପୂଜାରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ ଦିଆଯାଇଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ଭାବେ ଅରବିନ୍ଦ ଅଗ୍ରୱାଲଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ସାମାଜିକ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ଅଛନ୍ତି ଅରବିନ୍ଦ ଅଗ୍ରୱାଲ। ସେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଏବଂ ମହିଳା ବିକାଶ ସମବାୟ ନିଗମ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଅର୍ଥ ସଚିବ ବିଶାଲ ଦେବଙ୍କୁ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବା ନେଇ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଛନ୍ତି।

# ରଥଯାତ୍ରାବେଳେ ପୁରୀରେ ମୁତୟନ ହେବେ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ

**ପୁରୀ :** ଶ୍ରୀଜିଉଙ୍କ ରଥଯାତ୍ରା ବେଳେ ଶ୍ରୀକ୍ଷେତ୍ର ପୁରୀରେ ମୁତୟନ ହେବେ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ଦାୟିତ୍ୱରେ ରହିବେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ। ଏନେଇ ପୁରୀ ପୋଲିସ ପକ୍ଷରୁ ପ୍ରସ୍ତୁତ ହୋଇଛି ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ। ଆସନ୍ତା ୨୦ରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଆଜି ପୋଲିସ ଏଡିଜି ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ପୁରୀ ଏସପିଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜନଗହଳି ନିୟନ୍ତ୍ରଣ ସହ ଟ୍ରାଫିକ ସୁପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କେବଳ ଭିଡ ନିୟନ୍ତ୍ରଣ ଓ ଟ୍ରାଫିକ ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ୪୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ପୁରୀ ସହର, ଶ୍ରୀମନ୍ଦିର ଭିତର, ବାହାର ଓ ଏହାର ଚତୁଃପାର୍ଶ୍ୱ ସହ ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ସିସିଟିଭି କ୍ୟାମେରା, ପୋଲିସ କଣ୍ଟ୍ରୋଲ ରୁମ୍ ସହ ଅନ୍ୟାନ୍ୟ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି ଏଡିଜି। ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଆଡିସନାଲ୍ ସିପି ଉମାଶଙ୍କର ଦାସ, ଡିଆଇଜି ଅଖିଳେଶ୍ୱର ସିଂଙ୍କ ସହ ଜଗତସିଂହପୁର ଓ ପୁରୀ ଏସପି ଉପସ୍ଥିତ ଥିଲେ।

# ‘ମୋଦି ସରକାରଙ୍କ ୯ ବର୍ଷର ମହିଳା କଲ୍ୟାଣକୁ ଗାଁ-ଗାଁକୁ ନେବ ମହିଳା ମୋର୍ଚ୍ଚା’

**ଭୁବନେଶ୍ୱର :** ସେବା, ସୁଶାସନ ଓ ଗରୀବକଲ୍ୟାଣର ଗତ ୯ ବର୍ଷର ମୋଦି ସରକାରରେ ମାଁ ଓ ଭଉଣୀଙ୍କ ସମ୍ମାନକୁ ପ୍ରାଧାନ୍ୟ ଦେଇ ବିଭିନ୍ନ କଲ୍ୟାଣମୁଳକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି । ସ୍ୱଚ୍ଛଭାରତ ଯୋଜନାରେ ଶୌଚାଳୟ ନିର୍ମାଣ. ଉଜ୍ଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ ଯୋଗାଇବା, ଗର୍ଭବତୀ ଏବଂ ମାତୃତ୍ୱ ସମୟରେ ମାଁ ଓ ଭଉଣୀଙ୍କୁ ‘ମାତୃତ୍ୱ ବନ୍ଦନା ଯୋଜନା’ରେ ଆର୍ଥୀକ ସହାୟତା ପ୍ରଦାନ, ଭୃଣ ହତ୍ୟାକୁ ରୋକିବା ଉଦ୍ଦେଶ୍ୟରେ ‘ବେଟୀ ବଚାଓ, ବେଟୀ ପଢାଓ ଯୋଜନା, ଝିଅମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ‘ସୁକନ୍ୟା ସମୃଦ୍ଧି’ଯୋଜନା, ‘ଜନଧନ ଆକାଉଣ୍ଟ’ ଜରିଆରେ ମାଁ ଓ ଭଉଣୀଙ୍କୁ ଆର୍ଥିକ ବ୍ୟବସ୍ଥା ସହ ଯୋଡିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାମାନଙ୍କୁ ପ୍ରାଧାନ୍ୟ ଦେବା, ହର୍ ଘର୍ ନଲ୍ ପେ ଜଲ୍ ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଷ୍ଟାର୍ଟଅପ୍ ଯୋଜନାରେ ମହିଳା ଉଦ୍ୟୋଗୀଙ୍କ ପାଇଁ କମ୍ ସୁଧ ହାରରେ ଆର୍ଥୀକ ସହାୟତା ପ୍ରଦାନ ଭଳି ଅନେକ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବାସ୍ତବରେ ଧନ୍ୟବାଦର ପାତ୍ର ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଥମ ଥର ପାଇଁ ଜଣେ ଜନଜାତି ବର୍ଗର ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଳଙ୍କୃତ କରିଛନ୍ତି ମୋଦି ସରକାର । ମହିଳା ମୋର୍ଚ୍ଚା




ତରଫରୁ ଘରକୁ ଘର ଯାଇ ମୋଦି ସରକାରର ଗତ ୯ ବର୍ଷର ସଫଳତାର ‘ନଅ ସାଲ୍ ବେମିସାଲ୍’ ବାର୍ତ୍ତାକୁ ପହଞ୍ଚାଯିବ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସ୍ମୃତି ପଟ୍ଟନାୟକ କହିଛନ୍ତି ଯେ, କେନ୍ଦ୍ରରେ ମୋଦି ସରକାର ମହିଳା ସଶକ୍ତୀକରଣ ପାଇଁ ଗୋଟିଏ ପରେ ଗୋଟିଏ ବଳିଷ୍ଠ ପଦକ୍ଷେପ ଗ୍ରହଣ କରି ବିଭିନ୍ନ କଲ୍ୟାଣମୁଳକ ଯୋଜନାକୁ ବାସ୍ତବ ରୂପ ଦେଉଛନ୍ତି । କିନ୍ତୁ ରାଜ୍ୟରେ ବିଜେଡି ସରକାରର ମହିଳା ବିରୋଧୀ ନୀତି କାରଣରୁ ଆଜି ସେ ସମସ୍ତ ଯୋଜନାର ସୁଫଳ ପାଇବାରୁ ରାଜ୍ୟର ଅଗଣିତ ମାଁ ଓ ଭଉଣୀମାନେ ବଂଚିତ ହେଉଛନ୍ତି । ମୋଦିଜୀ ଓଡିଶାକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେଇଛନ୍ତି କିନ୍ତୁ ନବିନ ଶାସନରେ ରାୟଗଡା ଠାରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ରାଜ ରାସ୍ତାରେ ପାଣି ପାଇଁ ଆନ୍ଦୋଳନ। କିନ୍ତୁ ନବୀନ ବାବୁ ଗାଁ ଗାଁରେ ମଦ ଦେକାନ ଖୋଲି ମହିଳାଙ୍କ ସୁଖଶାନ୍ତିର ଘର ଉଜାଡି ପାରୁଛନ୍ତି। ଗଞ୍ଜେଇ, ବ୍ରାଉନ ସୁଗାର, ଚରସ ଭଳି ନିଶା ବ୍ୟାପାରୀଙ୍କ ପାଇଁ ଓଡିଶା ଚରାଭୁମୀ ପାଲିଟିଛି। ମହିଳା ନିର୍ଯ୍ୟାତନା ଓ ଅତ୍ୟାଚାର ବଢିଚାଲିଛି । ଅଧିକାଂଶ କ୍ଷେତ୍ରରେ ଶାସକ ବିଜୁ ଜନତା ଦଳର ନେତା ଓ ମନ୍ତ୍ରୀଙ୍କ ସଂପୃକ୍ତି ଚିନ୍ତାର କାରଣ ସାଜିଥିବାବେଳେ ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ସାଜିଛନ୍ତି । ବିଭିନ୍ନ ମହିଳା ବ୍ୟଭୀଚାରରେ ସଂପୃକ୍ତ ପୂର୍ବତନ ମନ୍ତ୍ରୀ ଦିବ୍ୟଶଂକର ମିଶ୍ର, ଅରୁଣ ସାହୁ, ଶ୍ରୀକାନ୍ତ ସାହୁ, ବିଧାୟକ ବିଜୟ ଶଂକର ଦାସ, ପ୍ରଣବ ବଳବନ୍ତରାୟ, ଏ ଓ ସିଂଦେଓ, ଶଶି ବେହେରା ଏବଂ ଦେବାଶିଶ ସାମନ୍ତରାୟଙ୍କ କେଳେଙ୍କାରୀକୁ ଘଷ୍ଟି ଘୋଡାଇ ମୁଖ୍ୟମନ୍ତ୍ରୀ ରାଜ୍ୟର ମାଁ ଓ ଭଉଣୀଙ୍କୁ କଣ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟିକା କୁସୁମ ଟେଟେ, ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକା ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମୀମୟୀ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ।



### ଏଚ୍‌ଏସ୍‌ଆରପି ନମ୍ବର ପ୍ଲେଟ୍ ନଥିବା ଗାଡି ଚାଳକ ସାବଧାନ

# ୨୩ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ




**ଭୁବନେଶ୍ୱର :** ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇନଥିବା ଚାଳକଙ୍କୁ ଚେତାବନୀ। ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିନଥିଲେ ଗଣିବେ ଦଣ୍ଡ। ଜୁନ୍ ୨୩ ତାରିଖରୁ ଏନେଇ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହେବ। ଯାଞ୍ଚ ବେଳେ ନମ୍ବର ପ୍ଲେଟ ଲାଗିନଥିବା ଗାଡ଼ି ଗୁଡ଼ିକଠାରୁ ଜରିମାନା ଆଦାୟ ହେବ। ନିୟମ ପାଳନ କରୁନଥିବା ଗାଡ଼ି ଚାଳକଙ୍କୁ ଇ-ଚାଲାଣ କଟାଯାଇ ୫ ହଜାର କିମ୍ବା ୧୦ ହଜାର ଜରିମାନା ହେବ। ଏକ ପ୍ରେସ ନୋଟରେ ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର୍ ଏବଂ ଏନଫୋର୍ସମେଣ୍ଟ ଶ୍ରୀ ଲାଲମୋହନ ସେଠୀ (ସଡକ ସୁରକ୍ଷା) ଏନେଇ ଆଜି ସୂଚନା ଦେଇଛନ୍ତି। ସୂଚନାରେ କୁହାଯାଇଛି ଯେ, ଓଡ଼ିଶା ରେଜିଷ୍ଟ୍ରେସନ୍ ମାର୍କ ଥିବା ତଥା ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଯାନରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ (ଏଚ୍‌ଏସ୍‌ଆରପି) ଲଗେଇବାର ଅବଧି ଚଳିତ ବର୍ଷ ଫେବୃଆରୀ ୨୮ରୁ ଶେଷ ହୋଇଯାଇଛି। ଏହା ଦେଖାଯାଉଛି ଯେ କିଛି ଗାଡି ଏଚ୍‌ଏସ୍‌ଆରପି ରେଜିଷ୍ଟ୍ରେସନ୍ ପ୍ଲେଟ୍ ନଲଗାଇ ରାସ୍ତାରେ ଗଡୁଛି। ଚଳିତ ମାସ ୭ ତାରିଖ ସୁଦ୍ଧା ମୋଟ ୪୦ ଲକ୍ଷ ୯୩ ହଜାର ୬୦୮ ଗାଡି ମାଲିକ ଏଚ୍‌ଏସ୍‌ଆରପି ସ୍ଲଟ୍ ବୁକ୍ କରିଛନ୍ତି। ସେଥିମଧ୍ୟରୁ ୩୫ ଲକ୍ଷ ୮୭ ହଜାର ୫୭୭ ଗାଡିରେ ଏଚ୍‌ଏସ୍‌ଆରପି ଲଗାଯାଇଛି। ପ୍ରାୟ ୫ ଲକ୍ଷ ଗାଡ଼ିରେ ଏଚ୍‌ଏସ୍‌ଆରପି ଲଗାଯାଇନି। ଦଣ୍ଡବିଧାନରୁ ରକ୍ଷା ପାଇବା ପାଇଁ ଯାନବାହାନ ମାଲିକମାନଙ୍କୁ ଶୀଘ୍ର ଏଚ୍‌ଏସ୍‌ଆରପି ଲଗାଇବା ଉଚିତ୍। ଏମ୍‌ଭି ଆକ୍ଟ ୧୯୮୮ର ଧାରା ୧୯୨ ଅଧୀନରେ ଯଦି ଗାଡିଟିରେ ଏଚ୍‌ଏସ୍‌ଆରପି ନଥିବ, ତେବେ ସେହି ଗାଡି ବିରୋଧରେ ଇ-ଚାଲାଣ ଜାରି କରାଯିବ। ଗାଡ଼ି ଚାଳକଙ୍କ ଠାରୁ ଏବାବଦରେ ଜୋରିମାନା ଆଦାୟ କରାଯିବ। ସିଏମ୍‌ଭିଆର, ୧୯୮୯ର ନିୟମ ୫୦ ଅନୁଯାୟୀ, ସମସ୍ତ ଯାନକୁ ଏଚ୍‌ଏସ୍‌ଆରପି ସହିତ ସଂଲଗ୍ନ କରିବା ବାଧ୍ୟତାମୂଳକ ବୋଲି ପ୍ରେସ୍ ନୋଟ୍‌ରେ କୁହାଯାଇଛି।

### ଫାଇଲେରିଆ ନିରାକରଣ

# ପ୍ରଥମଥର ଲାଗି ଦିଆଯିବ ୩ ବଟିକା



**ଭୁବନେଶ୍ୱର :** ରାଜ୍ୟରେ ଫାଇଲେରିଆ ନିରାକରଣ ପାଇଁ ଚାଲିଥିବା ଗଣ ଔଷଧ ସେବନ ବା ଏମ୍‌ଡିଏରେ ପ୍ରଥମଥର ଲାଗି ୩ଟି ବଟିକା ଦିଆଯିବ। ପୂର୍ବରୁ କେବଳ ଏମ୍‌ଡିଏରେ ଡିଇସି ଓ ଆଲବେଣ୍ଡାଜୋଲ ବଟିକା ଦିଆଯାଉଥିବା ବେଳେ ଏଥିରେ ସାମିଲ ହେବ ଆଇଭରମେକ୍ଟିନ୍। ଆଇଭରମେକ୍ଟିନ୍, ଡିଇସି ଓ ଆଲବେଣ୍ଡାଜୋଲ ବଟିକାର ମିଳିତ ସେବନ ଦ୍ୱାରା ଫାଇଲେରିଆ ପରଜୀବୀ ନିରାକରଣ ଶୀଘ୍ର ହୋଇପାରୁଥିବା ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି। ଦେଶର କିଛି ରାଜ୍ୟରେ ଏକକାଳୀନ ୩ଟି ବଟିକା ପ୍ରଦାନ କରାଯାଉଥିବା ବେଳେ ଓଡ଼ିଶାରେ ଏହା ଆରମ୍ଭ ହେବାକୁ ଯାଉଛି। ୨୦୦୪ ମସିହାରେ ଏମ୍‌ଡିଏ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାଜ୍ୟରେ କୋରାପୁଟ, କେନ୍ଦ୍ରାପଡ଼ା, ଗଜପତି, ପୁରୀ, ମାଲକାନଗିରି, ନବରଙ୍ଗପୁର, ବୌଦ୍ଧ, ଜଗତସିଂହପୁର ଓ ଦେବଗଡ଼ ଜିଲ୍ଲା ଟିଏଏସ୍ (ଟ୍ରାନ୍ସମିସନ ଆସେସମେଣ୍ଟ ସର୍ଭେ)କୁ ସଫଳତାର ସହ ଫାଇଲେରିଆ ନିୟନ୍ତ୍ରଣ କରିପାରିଛନ୍ତି। ଏବେ ବଳକା ୨୧ଟି ଜିଲ୍ଲାରେ ଏମ୍‌ଡିଏ ଜରିଆରେ ଲୋକଙ୍କୁ ବଟିକା ପ୍ରଦାନ କରାଯାଉଛି। ଗତ ଫେବ୍ରୁଆରି ମାସରେ ୧୦ଟି ଜିଲ୍ଲାରେ ବଟିକା ଦିଆଯାଇଥିବା ବେଳେ ଅଗଷ୍ଟ ମାସରେ ୧୧ଟି ଜିଲ୍ଲାରେ ବଟିକା ଦିଆଯିବ। ଏଥିରେ ଅନୁଗୁଳ, ଝାରସୁଗୁଡ଼ା, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଏମ୍‌ଡିଏ ଆୟୋଜିତ ହେବ। ଏଥିରେ ୧.୧୪କୋଟି ଲୋକଙ୍କୁ ବଟିକା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରହିଛି। ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଡିଇସି ଓ ଆଲବେଣ୍ଡାଜୋଲ ବଟିକା କ୍ରମାଗତ ୫ବର୍ଷ ଧରି ଖାଇଲେ ଫାଇଲେରିଆ ମୁକ୍ତ ହେଉଥିବା ବେଳେ ଆଇଭରମେକ୍ଟିନ୍, ଡିଇସି ଓ ଆଲବେଣ୍ଡାଜୋଲ ବଟିକା ସମସ୍ତେ ଏକତ୍ର ଖାଇଲେ ୨ବର୍ଷରେ ଫାଇଲେରିଆ ନିୟନ୍ତ୍ରଣ ହୋଇପାରିବ। ତେଣୁ ରାଜ୍ୟ ସରକାର ଆସନ୍ତା ଅଗଷ୍ଟ ହେବାକୁ ଥିବା ଏମ୍‌ଡିଏରେ ୩ଟି ବଟିକା ପ୍ରଦାନ କରିବେ। ଜଣେ ବ୍ୟକ୍ତିର ଉଚ୍ଚତା ଅନୁଯାୟୀ ଆଇଭରମେକ୍ଟିନ୍ ଡୋଜ୍ ଦିଆଯାଉଥିବା ବେଳେ ଡିଇସି ଓ ଆଲବେଣ୍ଡାଜୋଲ ବୟସ ଅନୁଯାୟୀ ଦିଆଯାଇଥାଏ।

# ମଡେଲ ସ୍କୁଲ ହେବ ବାହାନଗା ହାଇସ୍କୁଲ



**ଭୁବନେଶ୍ୱର :** ବାଲେଶ୍ୱର ଜିଲ୍ଲାର ବାହନଗା ହାଇସ୍କୁଲ ତଥା ସ୍କୁଲ ପରିସରରେ ଥିବା ପ୍ରାଥମିକ ଓ ଏଲିମେନେଟାରୀ ସ୍କୁଲ ଗୃହ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ନବୀକରଣ କରାଯିବ। ସ୍କୁଲ ପରିସରର ପୁନଃନିର୍ମାଣ କରି ଏହାକୁ ଆଦର୍ଶ ସ୍କୁଲ ଭାବରେ ଗଢିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨ ତାରିଖରେ ବାହନଗା ରେଳ ଷ୍ଟେସନ ଠାରେ ସଂଘଠିତ ଭୟାବହ ରେଳ ଦୂର୍ଘଟଣା ପରବର୍ତ୍ତି ସମୟରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ଶିକ୍ଷକ ଶିକ୍ଷୟତ୍ରୀ ଉଦ୍ଧାର ଓ ସେବା କାର୍ଯ୍ୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ତେଣୁ ଏହି ଭଳି ମହତ କାର୍ଯ୍ୟରେ ସେମାନଙ୍କ ଯୋଗଦାନକୁ ଉତ୍ସାହିତ କରିବା ପାଇଁ ସେ ଅଞ୍ଚଳର ଏହି ପ୍ରମୁଖ ଶିକ୍ଷା ଅନୁଷ୍ଠାନକୁ ୫-ଟି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ, ସ୍କୁଲ ଗଣଶିକ୍ଷା ସଚିବ ଏସ୍. ଅଶ୍ୱସ୍ତି ଭିଡିଓ କନ୍‌ଫେଲନ୍ସ ଯୋଗେ ବାଲେଶ୍ୱର ଜିଲ୍ଲାପାଳ, ସ୍କୁଲ ପରିଚାଳନା କମିଟିର ସଦସ୍ୟବୃନ୍ଦ, ପଞ୍ଚାୟତ ପ୍ରତିନିଧି, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ସ୍କୁଲର ୨ଜଣ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀର ପ୍ରିୟଙ୍କା ବେହେରା ଓ ଷଷ୍ଠ ଶ୍ରେଣୀର ସୁମନ ସାହୁ ସ୍କୁଲର ବିକାଶ ବିଷୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ମତ ବିନିମୟ କରିଥିଲେ ଓ ସ୍କୁଲର ବିକାଶ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ପିଲାମାନଙ୍କର ମତାମତ ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍କୁଲର ବିକାଶ ଯଥା କଂକ୍ରିଟ ଛାତ, ଶ୍ରେଣୀ ଗୃହ, ଖେଳ ପଡିଆ, ପାଚେରୀ ଆଦି ସୁବିଧା ସୁଯୋଗର ବିକାଶ ପାଇଁ ନିଷ୍ପତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ୧୫ ଦିନ ମଧ୍ୟରେ ବିସ୍ତୃତ ଯୋଜନା ପ୍ରସ୍ତୁତି କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

**୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ବାହନାଗା ହାଇସ୍କୁଲର ନବୀକରଣ କରାଯିବ**

### ଉଚ୍ଚଶିକ୍ଷାରେ ଅଜବ ସମସ୍ୟା

# ବଢୁଛି କଲେଜ ସଂଖ୍ୟା; କିନ୍ତୁ ଅଧ୍ୟାପକ ଅଭାବ

**ଭୁବନେଶ୍ୱର :** ବଢୁଛି କଲେଜ ସଂଖ୍ୟା। ବଢୁନି ଅଧ୍ୟାପକଙ୍କ ସଂଖ୍ୟା। ଉଚ୍ଚଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବା ସହ ବଢ଼ିଛି ଡିଗ୍ରୀ କଲେଜ ସଂଖ୍ୟା। ହେଲେ ଅଧ୍ୟାପକଙ୍କ ଅଭାବ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି କରିଛି। ଆଉ କିଛି କଲେଜରେ ଅଫିସ୍ ଷ୍ଟାଫ ଅଭାବ ଯୋଗୁ ଅଧ୍ୟାପକମାନଙ୍କୁ ପରିଚାଳନା କାମ କରିବାକୁ ପଡୁଛି। ଯେଉଁଥିପାଇଁ ଶିକ୍ଷାଦାନ ପ୍ରଭାବିତ ହେଉଛି। ତେବେ ଶିକ୍ଷକ ଅଭାବକୁ ଦୂର କରିବା ପାଇଁ ବିଧାନସଭାର ଉଚ୍ଚଶିକ୍ଷା ବିଭାଗ ଷ୍ଟାଣ୍ଡିଂ କମିଟି ଅବସର ବୟସସୀମା ବଢାଇବାକୁ ତା'ର ପଞ୍ଚମ ରିପୋର୍ଟରେ ପ୍ରସ୍ତାବ ଦେଇଥିଲା। ୬୦ ବଦଳରେ ୬୨ ବର୍ଷରେ ଅବସର ଉପରେ କମିଟି ଗୁରୁତ୍ୱ ଦେଇଥିଲା। କାରଣ ଏହା ଜରିଆରେ ମୁଖ୍ୟତଃ ବ୍ଲକ ଗ୍ରାଣ୍ଟ ଓ ଗ୍ରାଣ୍ଟ-ଇନ୍-ଏଡ ପାଉଥିବା କଲେଜ ଗୁଡ଼ିକରେ ଅଧ୍ୟାପକ ଅଭାବ ଦୂର ହୋଇ ପାରିବ। ୨୦୧୮ ମସିହାରେ ଅଧ୍ୟାପକମାନଙ୍କ ଅବସର ବୟସକୁ ୬୨ରୁ ୬୫ ବର୍ଷ କରିଥିଲା ୟୁଜିସି। ଏହାକୁ ୧୮ଟି ରାଜ୍ୟ କାର୍ଯ୍ୟକାରୀ କରିଥିଲେ। ଅତିରିକ୍ତ ଆର୍ଥିକ ବୋଝ, ଅଧ୍ୟାପକମାନଙ୍କ ଯୋଗ୍ୟତା ଓ ଅନ୍ୟ ଦିଗକୁ ତର୍ଜମା କରି ଅଧ୍ୟାପକମାନଙ୍କ ଅବସର ବୟସସୀମାକୁ ୬୨ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟ କରିଥିଲା। ଉକ୍ତ ହେଉଥିବା ଅଧ୍ୟାପକ ଅଭାବକୁ ଦୂର କରିବା ଦିଗରେ କମିଟିର ସୁପାରିସ କେତେଦୂର ଏହା କାର୍ଯ୍ୟକାରୀ ହୋଇଛି ସେନେଇ ରିପୋର୍ଟ ତଲବ କରାଯାଇଛି। ୨୦୦୦ ମସିହାରେ ମାତ୍ର ୫୪୮ ଯୁକ୍ତ ତିନି କଲେଜ ଥିଲା। ଯାହା ଏବେ ୧୦୨୪ରେ ପହଁଚିଛି। ଏଥିରୁ ୫୧ଟି ସରକାରୀ କଲେଜ ହୋଇଥିବାବେଳେ ୯୭୩ଟି ବ୍ଲକଗ୍ରାଣ୍ଟ, ଗ୍ରାଣ୍ଟ-ଇନ-ଏଡ ବା ଅନୁଦାନ ଅପେକ୍ଷାରେ ଅଛନ୍ତି। ଅନେକ ସଂସ୍କୃତ ଓ ଘରୋଇ ଡିଗ୍ରୀ କଲେଜ ବି ରହିଛି। ଛାତ୍ରୀଙ୍କ ସଂଖ୍ୟା ୧.୬୯ ଲକ୍ଷରୁ ୩.୮୪ ଲକ୍ଷରେ ପହଁଚିଛି। ୨୦୦୦ ମସିହାରେ ୩.୨ ଲକ୍ଷ ଛାତ୍ରଛାତ୍ରୀ +୩ରେ ନାଁ ଲେଖାଇଥିବାବେଳେ ୨୦୨୩ରେ ଏହା ୬.୫ ଲକ୍ଷ ହୋଇଛି। ହେଲେ ଏବେ ବି ଦେଢ଼ ହଜାର ଅଧ୍ୟାପକ ପଦ ଖାଲି ପଡ଼ିଛି। ବର୍ତ୍ତମାନ ସ୍ଥିତିରେ ୬୨ ବର୍ଷରେ ଅବସର ନିଷ୍ପତ୍ତି ନିଆଗଲେ, ବହୁ ମାତ୍ରାରେ ଅଧ୍ୟାପକ ଅଭାବ ପୂରଣ କରାଯାଇପାରିବ। ବିଜ୍ଞାନ ଶିକ୍ଷା ପ୍ରତି ବି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢିଛି। ସେଥିପାଇଁ ଡିଗ୍ରୀ କଲେଜ ନଥିବା ବ୍ଲକରେ ଗୋଟିଏ ଲେଖାଏଁ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ଉପରେ ବି ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର।

### ଖାଲିଥିବା ଆଟେଣ୍ଡାଣ୍ଟ ଗ୍ରୁପ୍-ଡି ପଦବୀରେ ନିଯୁକ୍ତ ହେବେ ଗୋମିତ୍ର

**ଭୁବନେଶ୍ୱର :** କାର୍ଯ୍ୟରତ ଗୋମିତ୍ରମାନଙ୍କୁ ପ୍ରାଣିସଂପଦ ବିକାଶ ଅଧିନସ୍ଥ କାର୍ଯ୍ୟାଳୟ ଗୁଡ଼ିକରେ ଖାଲିଥିବା ଆଟେଣ୍ଡାଣ୍ଟ ଗ୍ରୁପ୍-ଡି ପଦବୀରେ ନିଯୁକ୍ତି ଦେବା ନିମନ୍ତେ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଆଜି ବିଭାଗ ପକ୍ଷରୁ ୨୦୧୭ ମସିହାରେ ଜାରି କରାଯାଇଥିବା ସଂକଳ୍ପରେ ଆବଶ୍ୟକ ସଂଶୋଧନ କରାଯାଇଛି। ସଂଶୋଧିତ ସଂକଳ୍ପ ଅନୁଯାୟୀ ଗ୍ରୁପ୍-ଡି ଆଟେଣ୍ଡାଣ୍ଟ ପଦବୀରେ ଗୋମିତ୍ରମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ସଂକଳ୍ପରେ ଗୋଟିଏ ଥର ପାଇଁ କୋହଳ ନୀତି ଅବଲମ୍ବନ କରାଯାଇ ସର୍ବୋଚ୍ଚ ବୟସସୀମା ୪୫ ବର୍ଷରୁ ୫୫ ବର୍ଷକୁ କୋହଳ କରାଯାଇଛି। ନିଯୁକ୍ତି ନିମନ୍ତେ ଗୋମିତ୍ରମାନଙ୍କର ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ଥିବ ଏବଂ ନିଯୁକ୍ତି କମିଟିର ବୈଠକ ବସିବା ବର୍ଷର ଜାନୁଆରୀ ମାସ ପହିଲା ସୁଦ୍ଧା ୫୫ ବର୍ଷ ମଧ୍ୟରେ ହୋଇଥିଲେ ସେମାନଙ୍କୁ ଖାଲିଥିବା ଆଟେଣ୍ଡାଣ୍ଟ ପଦବୀ ପୂରଣ ନିମନ୍ତେ ଅଗ୍ରାଧିକାର ପ୍ରଦାନ କରାଯିବ। ପୂର୍ବରୁ ଏହି ବୟସସୀମା ୪୫ ବର୍ଷ ରଖାଯାଇଥିଲା।

# ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚୁନି କେନ୍ଦ୍ରୀୟ ଯୋଜନା : ଧର୍ମେନ୍ଦ୍ର



**ଭୁବନେଶ୍ୱର, :** ମୋଦି ସରକାରରେ ଓଡ଼ିଶାର ସମ୍ମାନ, ଗୌରବ ଓ ଓଡିଆ ଅସ୍ମିତାକୁ ପ୍ରାଥମିକତା ଦିଆଯିବା ଦେବା ସହ ବିଗତ ୯ ବର୍ଷରେ ଅନେକ ଜନକଲ୍ୟାଣକାରୀ କାମ ହୋଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାର ୩ କୋଟି ୨୫ ଲକ୍ଷ ହିତାଧିକାରୀ ଏବଂ ଢେଙ୍କାନାଳର ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କ ପାଇଁ ବ୍ୟକ୍ତି ପିଛା ମାସିକ ଦିଆଯାଉଥିବା ଚାଉଳ ପାଇଁ ମୋଦି ସରକାର ୨୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ହିସାବରେ ମୋଦି ସରକାର କେବଳ ଢେଙ୍କାନାଳର ହିତାଧିକାରୀଙ୍କ ପାଇଁ ମାସିକ ୨୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଗୁରୁବାର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡାହାଡରେ ଆୟୋଜିତ 'ଗରିବ କଲ୍ୟାଣ ସମାବେଶ'ରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାରଙ୍କ ଶାସନର ୯ ବର୍ଷ ପୂରଣ ହୋଇଛି। ବିଗତ ୯ ବର୍ଷକୁ ସମୀକ୍ଷା କଲେ ଅନେକ ଗରିବ କଲ୍ୟାଣକାରୀ ଯୋଜନା ଭାରତର ସବୁ ଗରିବଙ୍କ ପାଇଁ ଉପଲବ୍ଧ ହୋଇଛି। ଢେଙ୍କାନାଳ ପାଇଁ ହୋଇଥିବା କଲ୍ୟାଣକାରୀ ଯୋଜନାର ହିସାବ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ପ୍ରାୟ ୮୦ ହଜାର ଏବଂ ପିଏମ ଆବାସ ଯୋଜନାରେ ସହରରେ ପ୍ରାୟ ୧୦ ହଜାର ଘର ମୋଦି ଦେଇଛନ୍ତି। କଙ୍କଡାହାଡ଼ରେ ୧୦ ହଜାର ୭୧୨ ଘର ନିର୍ମାଣ ପାଇଁ ଲକ୍ଷ୍ୟ ରହିଥିବା ବେଳେ ମୋଦି ସରକାର ଏଥିପାଇଁ ୧୨୯ କୋଟି ଟଙ୍କା ଦେଇଛନ୍ତି। ସେହିପରି ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ୨ ଲକ୍ଷ ହିତାଧିକାରୀଙ୍କ ଘରେ ଉଜ୍ଜ୍ୱଳା ଯୋଜନାରେ ମାଗଣା ରନ୍ଧନ ଗ୍ୟାସ ଦିଆଯାଇଛି। ଏଥିପାଇଁ ମୋଦି ସରକାର ପ୍ରାୟ ୩୨ କୋଟି ପ୍ରଦାନ କରିଛନ୍ତି। ଜିଲ୍ଲାକୁ ସୌଭାଗ୍ୟ ଯୋଜନାରେ ଶତପ୍ରତିଶତ ବିଦ୍ୟୁତିକରଣ ହୋଇଛି। ମାଆ ମାନଙ୍କର ବିକାଶ ପାଇଁ ଋଣ ଦିଆଯାଇଛି। ଢେଙ୍କାନାଳର ୭ ଲକ୍ଷ ୬ ହଜାର ୫୭୬ ଜଣ ହିତାଧିକାରୀଙ୍କୁ ମୁଦ୍ରା ଯୋଜନା ରେ ୨୭୭୯ କୋଟି ଟଙ୍କାର ଋଣ ଦେବା ପାଇଁ ଅନୁମୋଦନ ଦିଆଯାଇଛି। ମାତ୍ର ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନା ପାରୁନାହିଁ। କଙ୍କଡାହାଡ ଓ ଢେଙ୍କାନାଳର ବିକାଶ ପାଇଁ ପ୍ରଧାନମନ୍ତ୍ରୀ କୋଟି କୋଟି ଟଙ୍କା ଦେଉଥିଲେ ମଧ୍ୟ ଓଡ଼ିଶାରେ ଦାୟିତ୍ୱରେ ଥିବା ଲୋକମାନେ ସେହି ଟଙ୍କାକୁ ଗରିବ ଲୋକଙ୍କ ବିକାଶ କାମରେ ଖର୍ଚ୍ଚ ନ କରୁନାହାନ୍ତି, ଯାହା ଦୁଃଖଦାୟକ। ଆନ୍ତରିରତା ଅଭାବ କାରଣରୁ ଓଡ଼ିଶାରେ ଗରିବଙ୍କୁ ଘର ମିଳୁନାହିଁ। ପ୍ରତି ଘରକୁ ପିଇବା ପାଣି ପହଞ୍ଚି ପାରୁନାହିଁ। ମହିଳାଙ୍କର ବିକାଶ ହୋଇପାରୁନାହିଁ। ମୋଦି ପଠାଉଥିବା ଟଙ୍କା ଗରିବଙ୍କ କାମରେ ଆସୁନାହିଁ। ପିଏମ ମୋଦି ପାଇପ ଯୋଗେ ଢେଙ୍କାନାଳର ଢେଙ୍କାନାଳରେ ୨ ଲକ୍ଷ ୨ ହଜାର ୫୨୯ ହିତାଧିକାରୀଙ୍କ ଘରକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବାର ବ୍ୟବସ୍ଥା କରିଥିବା ବେଳେ ରାଜ୍ୟ ସରକାର ଏହାକୁ କ୍ରିୟାନ୍ୱୟନ କରିବାରେ ବିଫଳ ହେଉଛନ୍ତି। ୨୩ ବର୍ଷ ଶାସନରେ ଏଠାରେ ପାନୀୟ ଜଳର ସମସ୍ୟା ଅଛି। ଅଞ୍ଚଳର ମାଆ ଭଉଣୀମାନେ ଗାଁରେ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ କରୁଛନ୍ତି। ରାମିଆଳ କେନାଲରେ ଥିବା ପାଣିର ସୁବିନିଯୋଗ ହେଉନାହିଁ। ଢେଙ୍କାନାଳବାସୀ, କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ରାଜ୍ୟ ସରକାରଙ୍କୁ ଏହାର ଜବାବ ନିଶ୍ଚୟ ଦେବେ। ସେ କହିଛନ୍ତି ଯେ ଢେଙ୍କାନାଳର ମାଟି ବୀର ସଂଗ୍ରାମୀଙ୍କ ମାଟି। ବୀର ସଂଗ୍ରାମୀ ସାରଙ୍ଗଧର ଦାସ,ବୈଷ୍ଣବ ଚରଣ ପଟ୍ଟନାୟକ, ମହେଶ୍ୱନ୍ଦ୍ର ସୁବାହୁ ସିଂହ ଓ ଶହୀଦ ବାଜି ରାଉତଙ୍କ ପୁଣ୍ୟ ଜନ୍ମଭୂମି। ଏହି ମାଟି କେବେ ଇଂରେଜଙ୍କୁ ଭ୍ରୁକ୍ଷେପ କରିନଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।










# ହାଇକୋର୍ଟରେ ମାମଲା ଫଏସଲା ହାର ବୃଦ୍ଧି



**କଟକ :** ହାଇକୋର୍ଟରେ ୨୦୨୨ ବର୍ଷ ତୁଳନାରେ ୨୦୨୩ରେ ମାମଲା ଫଏସଲା ହାର ବଢ଼ିଛି। ହାଇକୋର୍ଟରେ ୨୦୨୨ ବର୍ଷରେ ୧ ଲକ୍ଷ ୪ ହଜାର ୩୨୧ ମାମଲା ଦାୟର ହୋଇଥିବା ବେଳେ ୧ ଲକ୍ଷ ୩୬ ହଜାର ୫୯୯ ମାମଲାର ଫଏସଲା ହୋଇଥିଲା। ୨୦୨୨ରେ ମାମଲା ଫଏସଲା ହାର (କେସ୍ କ୍ଲିୟରାନ୍ସ ରେଟ୍) ୧୩୦.୯୪ ଥିବା ବେଳେ ଚଳିତବର୍ଷ ମେ ମାସ ଶେଷ ସୁଦ୍ଧା ଏହା ୧୩୩.୮୨ ରହିଛି। ୨୦୨୩ ଆରମ୍ଭରେ ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ୧ ଲକ୍ଷ ୬୪ ହଜାର ୭୭୧ ଥିବା ବେଳେ ମେ ୩୧ ବେଳକୁ ଏହି ସଂଖ୍ୟା ୧ ଲକ୍ଷ ୪୬ ହଜାର ୪୧୫ରେ ପହଞ୍ଚିଛି। ଗତ ୫ ମାସ ଭିତରେ ହାଇକୋର୍ଟରେ ୪୩ ହଜାର ୨୭ଟି ନୂଆ ମାମଲା ରୁଜୁ ହୋଇଥିବା ବେଳେ ୫୭ ହଜାର ୫୭୮ଟି ଫଏସଲା ହୋଇଥିଲା। ଏଥି ମଧ୍ୟରେ ୨୫ରୁ ୪୦ ବର୍ଷ ପୁରୁଣା ୯୯ଟି, ୧୦ରୁ ୨୫ ବର୍ଷ ପୁରୁଣା ୨ ହଜାର ୧୫୩ ମାମଲା ଓ ୧୦ ବର୍ଷ ଭିତରର ୫୫ ହଜାର ୩୨୬ ମାମଲା ଅନ୍ତର୍ଭୁକ୍ତ। ତେଣୁ ଯେତିକି ସଂଖ୍ୟକ ମାମଲା ହାଇକୋର୍ଟରେ ଦାୟର ହେଉଛି ତାଠାରୁ ଅଧିକ ସଂଖ୍ୟକ ମାମଲାର ଫଏସଲା କରାଯାଉଛି। ଏହି ୫ ମାସ ଅବଧି ଭିତରେ ୧୨୮୨ ରାୟ ହାଇକୋର୍ଟରେ ପ୍ରକାଶ ପାଇଛି। ହାଇକୋର୍ଟର ବିଭିନ୍ନ ଖଣ୍ଡପୀଠ ମାମଲା ଶୁଣାଣି କରି ପ୍ରଦାନ କରୁଥିବା ନିର୍ଦ୍ଦେଶକୁ ବାଦ୍ ଦେଇ ଏହି ସବୁ ରାୟ ପ୍ରକାଶ ପାଇଥିଲା। ହାଇକୋର୍ଟରେ ୨୦୨୩, ଜାନୁଆରି, ଫେବ୍ରୁଆରି, ମାର୍ଚ୍ଚ ମାସରେ ୨୦ ଦିନ ଲେଖାଏ, ଏପ୍ରିଲ୍‌ରେ ୧୭ ଦିନ ଓ ମେ ମାସରେ ୧୫ ଦିନ କାର୍ଯ୍ୟ ଦିବସ ଥିଲା।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**